

ଯା ଦେବୀ ସର୍ବଭୂତେଷୁ...........

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ଗୁରୁବାର ୧୦ ଫେବୃଆରୀ ୨୦୨୨ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ THURSDAY 10 FEBRUARY 2022

Vol.No. 33 ■ No. 39 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2022



ପ୍ରକାଶ ଅପେକ୍ଷାରେ....

ନୂଆବର୍ଷ ସଂଖ୍ୟା

ସାଗରିକା

ଯୋଗାଯୋଗ କରନ୍ତୁ :

ମୁଖ୍ୟ ସମ୍ପାଦକ ସାଗରିକା

ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## କରୋନାର ନୂଆ ଭାରିଏଣ୍ଟ ହୋଇପାରେ ଅଧିକ ଘାତକ : ହୁ





ନୂଆଦିଲ୍ଲୀ, ୦୯/୦୨ : ଦେଶରେ କରୋନାର ତୃତୀୟ ଲହର କମୁଛି । ଲୋକ ଆଶ୍ୱସ୍ତ ହେଉଛନ୍ତି । ଆଗାମୀ କିଛି ମାସ ଭିତରେ ପାଣ୍ଡେମିକ, ଏଣ୍ଡେମିକରେ ପରିଣତ ହୋଇଯିବ ବୋଲି ବିଶେଷଜ୍ଞ ଆକଳନ କରିଛନ୍ତି । ହେଲେ ଏମିତି ସମୟରେ ଚିନ୍ତା ବଢାଇଛି ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନର ସତର୍କ ବାଣୀ । ଆଗକୁ କରୋନାର ଯେଉଁ ନୂଆ ଭାରିଆଣ୍ଟ ଆସିବ ତାହା ଅଧିକ ସଂକ୍ରାମକ ହେବ ବୋଲି କହିଛି ହୁ'ର ଟେକ୍ନିକାଲ ଟିମ୍ । ତେବେ ଏହି ଭାରିଆଣ୍ଟ ଆଗରେ ବର୍ତ୍ତମାନର ଟିକା କାମ କରିନପାରେ ବୋଲି କହିଛି ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ । କରୋନାର ପ୍ରଭାବ କମିବା କିଛିଟା ଆଶ୍ୱସ୍ତ ଆଣିଥିବା ବେଳେ, ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଯେଉଁ କଥା କହିଛି, ତାହା ଚିନ୍ତା ବଢ଼ାଇବା ଭଳି । ହୁ କହିଛି ଯେ, ଓମିକ୍ରନ ଶେଷ ଭାରିଆଣ୍ଟ ହେବ ନାହିଁ । ଏହାପରେ ଯେଉଁ ଭ୍ୟାରିଆଣ୍ଟ ଆସିବ ତାହା ଅଧିକ ସଂକ୍ରାମକ ହେବାର ଆଶଙ୍କା ରହିଛି । ତେବେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର କୋଭିଡ-୧୯ ଟେକ୍ନିକାଲ ଟିମର ମୁଖ୍ୟ ମାରିଆ ଭନ୍ କରକୋଭ୍ କରିଥିବା ଚେତାବନୀ ଏବେ ବିଶ୍ୱର ସବୁ ରାଷ୍ଟ୍ରଙ୍କୁ ସତର୍କ କରାଇ ଦେଇଛି । ସେ କହିଛନ୍ତି ଯେ, ଓମିକ୍ରନ ଶେଷ ଭାରିଆଣ୍ଟ ନୁହେଁ, ଏହାପରେ ଆହୁରି ଭାରିଆଣ୍ଟ ଆସିବ, ଆଉ ଏହା ଅଧିକ ସଂକ୍ରାମକ ହେବ । ସେ ଏହା ପଛର କାରଣ ଦର୍ଶାଇଛନ୍ତି ଯେ, ବର୍ତ୍ତମାନ ରହିଥିବା ଭୂତାଣୁର ଶକ୍ତିକୁ ଅତିକ୍ରମ କରି ନୂଆ ଭ୍ୟାରିଆଣ୍ଟ ଆସିବ । ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନର ବୈଜ୍ଞାନିକ ଆହୁରି ଆଶଙ୍କା ପ୍ରକାଶ କରିଛନ୍ତି ଯେ, ଆଗକୁ ଆସିବାକୁ ଥିବା ଭୂତାଣୁ ପ୍ରତିରୋଧ ଶକ୍ତିକୁ ଭେଦ କରିପାରେ । ଫଳରେ ଏବେ ଦିଆଯାଉଥିବା ଟିକା ଏହି ଭୂତାଣୁ ବିରୋଧରେ କମ୍ ଫଳପ୍ରଦ ହେବ । ତେଣୁ ସଂକ୍ରମଣକୁ ରୋକିବାର ଆବଶ୍ୟକତା ରହିଛି ବୋଲି ଟେକ୍ନିକାଲ କମିଟିର ମୁଖ୍ୟ ମାରିଆ ଭନ୍ କରକୋଭ୍ କହିଛନ୍ତି । ସେପଟେ ଗତବର୍ଷ ନଭେମ୍ବରରେ ଓମିକ୍ରନ ଆସିବା ପରଠାରୁ ସାରା ବିଶ୍ୱରେ ୫ ଲକ୍ଷ ଲୋକଙ୍କ ମୃତ୍ୟୁ ହୋଇସାରିଲାଣି ବୋଲି ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ କହିଛି ।

## ହିଜାବ ବିବାଦ : ବଡ ବେଞ୍ଚକୁ ମାମଲା ପଠାଇଲେ କର୍ଣ୍ଣାଟକ ହାଇକୋର୍ଟ





ନୂଆଦିଲ୍ଲୀ, ୦୯/୦୨ : ହିଜାବ ବିବାଦକୁ ନେଇ ବୁଧବାର କର୍ଣ୍ଣାଟକ ହାଇକୋର୍ଟରେ ଶୁଣାଣି ହୋଇଛି । ତେବେ ଏହି ମାମଲାର ଶୁଣାଣି କରୁଥିବା ହାଇକୋର୍ଟ ଜଜ୍ ଜଷ୍ଟିସ୍ କୃଷ୍ଣା ଦିକ୍ଷିତ ମାମଲାକୁ ବଡ ବେଞ୍ଚକୁ ପଠାଇ ଦେଇଛନ୍ତି । ଜଷ୍ଟିସ୍ ଦିକ୍ଷିତ କହିଛନ୍ତି ଯେ, ଏହି ମାମଲାର ବିଚାର ଏବେ ବଡ ବେଞ୍ଚ କରିବ । କଲେଜରେ ହିଜାବ ପିନ୍ଧାଯାଇ ପାରିବ କି ନାହିଁ, ସେନେଇ କର୍ଣ୍ଣାଟକ ହାଇକୋର୍ଟରେ ଯାଚିକା ଦାୟର କରାଯାଇଥିଲା । ମଙ୍ଗଳବାର ଏହି ମାମଲାର ଶୁଣାଣି ମଧ୍ୟ କରାଯାଇଥିଲା । ତେବେ ବୁଧବାର ହାଇକୋର୍ଟର ଜଣିକିଆ ଖଣ୍ଡପୀଠ ଏହି ମାମଲାକୁ ବଡ ବେଞ୍ଚକୁ ପଠାଇ ଦେଇଛନ୍ତି । ଏହା ପୂର୍ବରୁ କର୍ଣ୍ଣାଟକ ସରକାରଙ୍କ ତରଫରୁ ଆଟର୍ଣ୍ଣି ଜେନେରାଲ ଏହି ମାମଲାକୁ ନେଇ ଦାୟର କରାଯାଇଥିବା ସବୁ ଯାଚିକାକୁ ଭୁଲ୍ ବୋଲି କହିଥିଲେ । ଭାରତରେ ଏହି ହିଜାବ ବିବାଦ ଏବେ କର୍ଣ୍ଣାଟକର ଉଡୁପି ଅଞ୍ଚଳରୁ ଆରମ୍ଭ ହୋଇଛି । ସେଠାରେ କିଛି ଝିଅ ଅଭିଯୋଗ ଆଣିଛନ୍ତି ଯେ, ହିଜାବ ପିନ୍ଧିଥିବା କାରଣରୁ ତାଙ୍କୁ କଲେଜରେ ପ୍ରବେଶ ଅଧିକାର ମିଳୁନାହିଁ । ତେବେ ଏହାର ଜବାବରେ କଲେଜ ପ୍ରଶାସନ କହିଛି ଯେ, ଝିଅମାନେ କଲେଜ ୟୁନିଫର୍ମ ପିନ୍ଧି କଲେଜକୁ ଆସନ୍ତୁ । ଯାହାକୁ ନେଇ ଏକ ବଡଧରଣର ବିବାଦ ସୃଷ୍ଟି ହୋଇଛି । କିଛି ଛାତ୍ର ଛାତ୍ରୀ ଶିକ୍ଷାନୁଷ୍ଠାନରେ ହିଜାବ ପିନ୍ଧିବାକୁ ବିରୋଧ କରୁଥିବାବେଳେ, ହିଜାବ ସମର୍ଥକମାନେ ଏହାକୁ ବିରୋଧ କରୁଛନ୍ତି । ଏହାରି ଭିତରେ କିଛି ଯୁବକ ବେକରେ ଭଗୱା ରଙ୍ଗର ସ୍କାର୍ଫ ପିନ୍ଧି ବିରୋଧ ପ୍ରଦର୍ଶନ ମଧ୍ୟ କରୁଥିବା ଦେଖିବାକୁ ମିଳିଛି । ତେବେ ସ୍କୁଲ ଓ କଲେଜରେ ହିଜାବ ପିନ୍ଧାଯିବ କି ନାହିଁ, ସେ ସମ୍ପର୍କରେ ଏବେ କର୍ଣ୍ଣାଟକ ହାଇକୋର୍ଟରେ ଶୁଣାଣି ଚାଲିଛି ।

## କିପରି ସାଇବର ଠକେଇ କରେ ଜାମତାରା ଗ୍ୟାଙ୍ଗ ? ଲାଇଭ୍ ଭିଡିଓ ଜାରି କଲା କ୍ରାଇମବ୍ରାଞ୍ଚ

ଭୁବନେଶ୍ୱର, ୦୯/୦୨ (ନି.ପ୍ର): କେମିତି ଠକେଇ କରେ ଜାମତାରା ଗ୍ୟାଙ୍ଗ ? ଏହାର ଲାଇଭ୍ ଭିଡିଓ ଜାରି କରିଛି କ୍ରାଇମବ୍ରାଞ୍ଚ । ସାଇବର ଠକେଇର ନାଟ୍ୟ ରୂପାନ୍ତର କରାଯାଇଛି । କେମିତି ଜଣେ ମହିଳାଙ୍କୁ ଠକୁଛନ୍ତି ତାର ଡେମୋ କରି ଭିଡିଓ ଜାରି କରାଯାଇଛି । ଏହି ଭିଡିଓ ମାଧ୍ୟମରେ ଲୋକଙ୍କୁ ସାଇବର ଠକଙ୍କଠାରୁ ବର୍ତ୍ତିବା ପାଇଁ ସଚେତନତା କରାଯାଇଛି । ଠକେଇ ପାଇଁ ଏବେ ନୂଆ ତରିକା ଆପଣାଇଛନ୍ତି ସାଇବର ଠକ । ଓଟିପି ନମାଗି ସାଇବର ଠକମାନେ କୋଡ୍ ମାଗି ଲୁଟ୍ କରୁଛନ୍ତି ।

## ଏଥର କରୋନାକୁ ମାତ୍ ଦେବ ନାଜାଲ ସ୍ପ୍ରେ'

ନୂଆଦିଲ୍ଲୀ, ୦୯/୦୨ : ସାରା ବିଶ୍ୱକୁ କଲବଲ କଲାଣି ମହାମାରୀ କରୋନା । ଚାରିଆଡେ କରୋନାକୁ ନେଇ ହାହାକାର ପରିସ୍ଥିତି । ତେବେ ଏହି ମାରାତ୍ମକ ଭାଇରସକୁ ଏବେ ମାତ୍ ଦେବ ନାଜାଲ ସ୍ପ୍ରେ । ଟିକା ଏବଂ ଔଷଧ ପରେ ଭାରତ ବଜାରରେ ଲଞ୍ଚ ହୋଇଛି କରୋନା ବିରୋଧୀ ନାଜାଲ ସ୍ପ୍ରେ, ଯହାର ନାଁ ରହିଛି 'ଫାବି ସ୍ପ୍ରେ' । ମୁମ୍ବାଇ ସ୍ଥିତ ଗ୍ଲୋବାଲ ଫାର୍ମା କମ୍ପାନୀ ଗ୍ଲେନମାର୍କ କରୋନାରେ ଆକ୍ରାନ୍ତ ହୋଇଥିବା ବୟସ୍କ ରୋଗୀଙ୍କ ଚିକିତ୍ସା ପାଇଁ କାନାଡା କମ୍ପାନୀ ସହ ମିଶି ଏହି ନାଜାଲ ସ୍ପ୍ରେ ତିଆରି କରିଛି । ଏହା ଭାରତର ପ୍ରଥମ ନାଇଟ୍ରିକ୍ ଅକ୍ସାଇଡ୍ ନାଜାଲ ସ୍ପ୍ରେ । ଏହି ସ୍ପ୍ରେ ସେମାନଙ୍କ ପାଇଁ ଯେଉଁମାନେ କରୋନାରେ ଆକ୍ରାନ୍ତ ହେବା ପରେ ଗୁରୁତର ହେବା ଆଶଙ୍କା ରହିଛି । ▶▶ପୃଷ୍ଠା ୭

## ନିର୍ବାଚନ ପୂର୍ବରୁ ଆଟାଚି ଖୋଲିଲେ ପ୍ରିୟଙ୍କା ଗାନ୍ଧୀ



ନୂଆଦିଲ୍ଲୀ, ୦୯/୦୨ : ୟୁପି ନିର୍ବାଚନର ଦିନକ ପୂର୍ବରୁ ଇସ୍ତହାର ପ୍ରକାଶ କରିଛି ୟୁପି କଂଗ୍ରେସ । କଂଗ୍ରେସ ନେତ୍ରୀ ପ୍ରିୟଙ୍କା ଗାନ୍ଧୀଙ୍କ ନେତୃତ୍ୱରେ ଦଳ ଲଢ଼େଇ କରୁଥିବା ବେଳେ ଆଜି ୟୁପିବାସୀଙ୍କ ପାଇଁ ପ୍ରତିଶ୍ରୁତିର ପେଡ଼ି ଖୋଲିଛି । ଇସ୍ତାହାର ଜାରି କରି ପ୍ରିୟଙ୍କା ଗାନ୍ଧୀ ଭଦ୍ରା କହିଛନ୍ତି ଯେ, ଯଦି କଂଗ୍ରେସ କ୍ଷମତାକୁ ଆସେ ତେବେ ୧୦ଦିନ ମଧ୍ୟରେ ଚାଷୀଙ୍କ ଋଣ ଛାଡ ହେବ । ଗହମ-ଧାନ ୨୫୦୦ ଟଙ୍କାରେ ଏବଂ ଆଖୁ ୪୦୦ ଟଙ୍କାରେ କିଣାଯିବ । ବିଜୁଳି ବିଲ୍ ଅଧା ହୋଇଯିବ । କରୋନା ପାଇଁ ମୃତ୍ୟୁବରଣ କରିଥିବା ପରିବାରକୁ ୨୫୦୦ ଟଙ୍କା ଦିଆଯିବ । ଯୁବପୀଢ଼ିକୁ ୨୦ ଲକ୍ଷ ସରକାରୀ ଚାକିରି ଦିଆଯିବ । ୪୦ ପ୍ରତିଶତ ମହିଳାଙ୍କୁ ଚାକିରିରେ ସଂରକ୍ଷଣ ଦିଆଯିବ । ଯେଉଁମାନଙ୍କର ଫସଲ ନଷ୍ଟ ହେବ ସେମାନଙ୍କୁ ୩୦୦୦ ଟଙ୍କା ଦିଆଯିବ । ସେହିପରି ଗାଁ ମୁଖିଆଙ୍କ ଦରମା ୬୦୦୦ ଟଙ୍କା ହେବା ସହ ଚୌକିଦାରଙ୍କ ଦରମା ୫୦୦୦ ଟଙ୍କାକୁ ବୃଦ୍ଧି ପାଇବ । କରୋନାରେ ମୃତ୍ୟୁବରଣ କରିଥିବା କରୋନା ଯୋଦ୍ଧାଙ୍କୁ ୫୦ ଲକ୍ଷ ଟଙ୍କା ▶▶ପୃଷ୍ଠା ୭

## କେନ୍ଦ୍ର ମନ୍ତ୍ରୀ ବିଶେଶ୍ୱର ଟୁଡୁଙ୍କୁ ହାଇକୋର୍ଟ ଅନ୍ତରୀଣ ସୁରକ୍ଷା



ଭୁବନେଶ୍ୱର, ୦୯/୦୨ (ନି.ପ୍ର): କେନ୍ଦ୍ର ଆଦିବାସୀ ବ୍ୟାପାର ଓ ଜଳଶକ୍ତି ମନ୍ତ୍ରୀ ବିଶେଶ୍ୱର ଟୁଡୁଙ୍କୁ ହାଇକୋର୍ଟ ଅନ୍ତରୀଣ ସୁରକ୍ଷା ପ୍ରଦାନ କରିଛନ୍ତି । ଦୁଇ ସରକାରୀ କର୍ମଚାରୀଙ୍କୁ ଦଳୀୟ କାର୍ଯ୍ୟାଳୟରେ ମାଡ ମାରିବା ଅଭିଯୋଗ ନେଇ ବାରିପଦା ଟାଉନ ଥାନାରେ ରୁଜୁ ହୋଇଥିବା ମାମଲାରେ କେନ୍ଦ୍ରମନ୍ତ୍ରୀଙ୍କୁ ଅନ୍ତରୀଣ ସୁରକ୍ଷା ମିଳିଛି । ଆଗୁଆ ଜାମିନ ଲୋଡ଼ି କେନ୍ଦ୍ରମନ୍ତ୍ରୀ ଦାଖଲ କରିଥିବା ଆବେଦନର ଜଷ୍ଟିସ ସଙ୍ଗମ କୁମାର ସାହୁଙ୍କୁ ନେଇ ଗଠିତ ଖଣ୍ଡପୀଠ ଶୁଣାଣି କରି ତାଙ୍କୁ ଅନ୍ତରୀଣ ସୁରକ୍ଷା ପ୍ରଦାନ କରିଛନ୍ତି । ମାର୍ଚ୍ଚ ୪ରେ ଶ୍ରୀ ଟୁଡୁ ଟାଉନ ଥାନା ଆଇଆଇସିଙ୍କ ନିକଟରେ ହାଜର ହେବା ସହିତ ତଦନ୍ତରେ ସହଯୋଗ କରିବେ । ସାକ୍ଷ୍ୟ ପ୍ରମାଣକୁ ପ୍ରଭାବିତ କରିବା ଭଳି କୌଣସି କାର୍ଯ୍ୟ କରିବେ ନାହିଁ ବୋଲି ହାଇକୋର୍ଟ କହିଛନ୍ତି । ପରବର୍ତ୍ତୀ ଶୁଣାଣି ସମୟରେ କେସ୍ ଡାଏରି ସହିତ ତଦନ୍ତର ସାମ୍ପ୍ରତି ସ୍ଥିତି ନେଇ ସରକାର ଅବଗତ କରିବେ ବୋଲି ନିର୍ଦ୍ଦେଶ ଦିଆଯାଇଛି । ମାମଲାର ପରବର୍ତ୍ତୀ ଶୁଣାଣି ମାର୍ଚ୍ଚ ୮କୁ ଧାର୍ଯ୍ୟ କରାଯାଇଛି । ମୟୂରଭଞ୍ଜ ଜିଲ୍ଲା କାର୍ଯ୍ୟାଳୟରେ ଜିଲ୍ଲା ଯୋଜନା ଓ ପର୍ଯ୍ୟବେକ୍ଷଣ ବିଭାଗର ଉପନିର୍ଦ୍ଦେଶକ ଅଶ୍ୱିନୀ କୁମାର ମଲ୍ଲିକ ଓ ସହକାରୀ ନିର୍ଦ୍ଦେଶକ ଦେବାଶିଷ ମହାପାତ୍ରଙ୍କୁ କେନ୍ଦ୍ରମନ୍ତ୍ରୀ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିବା ସହିତ ଏକ ପ୍ଲାଷ୍ଟିକ୍ ଚେୟାରରେ ପିଟିଥିବା ଅଭିଯୋଗ ହୋଇଥିଲା ।

## ଆଜି ୧୦୭ ପୌର ପରିଷଦ ପାଇଁ ଆସିବ ପ୍ରାଥମିକ ଭୋଟର ତାଲିକା

ଭୁବନେଶ୍ୱର, ୦୯/୦୨ (ନି.ପ୍ର): ଆସନ୍ତାକାଲି ୩ ମହାନଗର ସହ ୧୦୭ ପୌର ପରିଷଦ ପାଇଁ ଆସିବ ପ୍ରାଥମିକ ଭୋଟର ତାଲିକା । ଏହା ପୂର୍ବରୁ ନିର୍ବାଚନ କମିଶନଙ୍କ ନିରପେକ୍ଷତାକୁ ନେଇ ପ୍ରଶ୍ନ ଉଠାଇଛି ବିଜେପି । ଆପତ୍ତି ଅଭିଯୋଗ ପାଇଁ ୬ ଦିନ ଜାଗାରେ ୧୦ ଦିନ ସମୟ ଦେବାକୁ କହି ରାଜ୍ୟ ନିର୍ବାଚନ କମିଶନଙ୍କ ଅଫିସ ଆଗରେ ଦଳ ଧାରଣା ଦେଇଛି । ଭୋଟର ତାଲିକା ସଂଶୋଧନ ପାଇଁ ୬ ଦିନ ସମୟ ଦିଆଯାଇଥିବା ବେଳେ ଏହା ଭିତରେ ଦୁଇ ଦିନ ଛୁଟି ରହିଥିଲା । ତେଣୁ ସମୟସୀମା ବୃଦ୍ଧି କରିବାକୁ କହିଛି ବିଜେପି । ସେହିପରି ନିର୍ବାଚନ ଅଧିକାରୀଙ୍କ ଆପତ୍ତି ଗୁଡିକର ଫଇସଲା ପାଇଁ ଗୋଟିଏ ଦିନ ସ୍ଥାନରେ ତିନି ଦିନ କରିବାକୁ ଦାବି କରିଛି ବିଜେପି । ଜାନୁଆରୀ ପହିଲା ପରେ ନୂଆ ଭୋଟରଙ୍କୁ ମଧ୍ୟ ପୌର ନିର୍ବାଚନରେ ସାମିଲ କରିବାକୁ ବିଜେପି ରାଜ୍ୟ ନିର୍ବାଚନ କମିଶନଙ୍କ ନିକଟରେ ଦାବି କରିଛି ।

## ପରୀକ୍ଷାକୁ ନେଇ ବଡ ନିଷ୍ପତ୍ତି: ଗଣଶିକ୍ଷା ମନ୍ତ୍ରୀ କହିଲେ, ଅଫଲାଇନରେ ହେବ ପରୀକ୍ଷା

ଭୁବନେଶ୍ୱର, ୦୯/୦୨ (ନି.ପ୍ର): ପରୀକ୍ଷା ସମ୍ପର୍କରେ ଗଣଶିକ୍ଷା ମନ୍ତ୍ରୀ ସମୀର ଦାଶଙ୍କ ସୂଚନା । କହିଲେ ଅଫଲାଇନରେ ପରୀକ୍ଷା ହେବା ନେଇ ନିଷ୍ପତ୍ତି ନିଆସରିଛି । କୋର୍ସ ସରିବା ପରେ ପରୀକ୍ଷା ହେବ । ଯେଉଁ ସମୟରେ ପରୀକ୍ଷା ହବା କଥା, ସେହି ସମୟରେ ହେବ । ଗତ ୭ ତାରିଖରୁ ଅଷ୍ଟମ ଶ୍ରେଣୀରୁ ସ୍କୁଲ ଖୋଲି ସାରିଛି । ସେହିପରି ୧୪ ତାରିଖରୁ କେଜିରୁ ସପ୍ତମ ଶ୍ରେଣୀ ଯାଏଁ ସ୍କୁଲ ଖୋଲିବ । ଏହାପୂର୍ବରୁ କେମିତି ପରୀକ୍ଷା ହେବ ତା ଉପରେ ବଡ ସୂଚନା ଦେଇଛନ୍ତି ମନ୍ତ୍ରୀ । କରୋନା ପାଇଁ ମାସେ ହେବ ସ୍କୁଲ ବନ୍ଦ ଥିଲା । ଏବେ ପରିସ୍ଥିତିରେ ସୁଧାର ଆସିବା ପରେ ପୁଣି ସ୍କୁଲ ଖୋଲିଛି ।

## ରାଜ୍ୟରେ ଆଉ ୨୨ ଜଣ କରୋନା ସଂକ୍ରମିତଙ୍କ ମୃତ୍ୟୁ

ଭୁବନେଶ୍ୱର, ୦୯/୦୨ (ନି.ପ୍ର): ରାଜ୍ୟରେ କରୋନା ସଂକ୍ରମିତ ଆଉ ୨୨ ଜଣଙ୍କର ମୃତ୍ୟୁ ଘଟିଛି । ଏହା ସହ କରୋନା କାରଣରୁ ରାଜ୍ୟରେ ମୃତ୍ୟୁ ସଂଖ୍ୟା ୮୭୯୭ ହୋଇ ଯାଇଛି । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହି ସୂଚନା ଦିଆ ଯାଇଛି । ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ମୃତକଙ୍କ ମଧ୍ୟରେ ଖୋର୍ଦ୍ଧା ଜିଲ୍ଲାରୁ ୧୪ଜଣ ରହିଥିବା ବେଳେ ଅନୁଗୁଳ ଜିଲ୍ଲାରୁ ୨ଜଣ ରହିଛନ୍ତି ।

## ବିଜେପି ସରକାରରେ ରହୁ କି ବିରୋଧୀ, ଲୋକଙ୍କ ସେବା ଆମର ଲକ୍ଷ୍ୟ : ନରେନ୍ଦ୍ର ମୋଦୀ



ନୂଆଦିଲ୍ଲୀ, ୦୯/୦୨ : ଖବର ସରବରାହ ସଂସ୍ଥା ଏଏନଆଇକୁ ସାକ୍ଷାତକାର ଦେଇଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ । ମୋଦୀ କହିଛନ୍ତି, ନିର୍ବାଚନ ତାରିଖ ଘୋଷଣା ପରେ କୌଣସି ରାଜ୍ୟ ଗସ୍ତ କରିନି । ନିର୍ବାଚନ କମିଶନଙ୍କ ନିୟମ ପାଳନ କରିଛି । ବିଜେପି ସରକାରରେ ରହୁ କି ବିରୋଧୀ ଲୋକଙ୍କ ସେବା ଆମର ଲକ୍ଷ୍ୟ । ସବକା ସାଥ ସବକା ବିକାଶ ଆମ ମୂଳ ଲକ୍ଷ୍ୟ । ୫ ରାଜ୍ୟର ଜନତା ବିଜେପିକୁ ସେବାର ସୁଯୋଗ ଦେବେ । ଆହୁରି କହିଛନ୍ତି କି, ପୂର୍ବ ସରକାରମାନେ କେବଳ ଫାଇଲରେ ଦସ୍ତଖତ କରୁଥିଲେ । ବିଜେପି ସବୁବେଳେ ପ୍ରୋଇନକେମ୍ବେନ୍ସିକୁ ନେଇ ନିର୍ବାଚନ ଲଢେ । ବିଜେପି ସରକାରର କାମ ଦେଖି ଆମକୁ ସ୍ୱିକାର କରିଛନ୍ତି ଜନତା । ବିଜେପି ଏକାଠି କାମ କରିବାରେ ବିଶ୍ୱାସ କରେ । ବିଜେପି ନିର୍ବାଚନ ହାରି ହାରି ବିଜୟ ହାସଲ କରିବାରେ ଲାଗିଛି । ବିଜୟ ଓ ପରାଜୟ ଉଭୟ ଦେଖିଛି ବିଜେପି । ନିର୍ବାଚନ ଜିତିଲା ପରେ ଲୋକଙ୍କ ମନ ଜିତିବାରେ କେବେ ଅବହେଳା କରିନୁ । ବିଜୟ ଆମ ଉପରେ ଭାରି ନହେଉ ଏହି ପ୍ରୟାସ କରୁ । ପରାଜୟ ଭିତରେ ଆମେ ଆଶା ଖୋଜୁ । ଆମ ପାଇଁ ନିର୍ବାଚନ ଏକ ମୁକ୍ତ ବିଶ୍ୱବିଦ୍ୟାଳୟ । ଯେଉଁଥିରେ ନିଯୁକ୍ତିର ସୁଯୋଗ ଅଛି ଆଉ ନିଜକୁ ଚିହ୍ନିବାର ସମୟ ବି ମିଳିଥାଏ । ସେଥିପାଇଁ ଆମେ ନିର୍ବାଚନକୁ ଏକ ଶିକ୍ଷା ବୋଲି ଗ୍ରହଣ କରୁ ବୋଲି ଏହି ସାକ୍ଷାତକାରରେ କହିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ।

## ବିବାହ କରିବେ ପୁରୀ ଗଜପତି ମହାରାଜଙ୍କ ଝିଅ



ପୁରୀ, ୦୯/୦୨ (ନି.ପ୍ର): ଆଜି ପୁରୀ ଗଜପତି ମହାରାଜଙ୍କ ଝିଅ ବାହାଘର । ଦିବ୍ୟସିଂହଦେବଙ୍କ ତୃତୀୟ କନ୍ୟା ଦେବେଶୀ ଦେବୀଙ୍କ ବିବାହ ଅନୁଷ୍ଠିତ ହେବ । ହରିୟାନା ବର୍ଦ୍ଧମାନର ରାଜକୁମାରଙ୍କୁ ବିବାହ କରିବେ । ବର୍ଦ୍ଧମାନ ରାଜକୁମାର ଆଦିତ୍ୟ କେହେରଙ୍କ ସହ ବିବାହ ଅନୁଷ୍ଠିତ ହେବ । ରାଜ ପରିବାରର ବାହାଘର ପାଇଁ ବ୍ୟାପକ ଆୟୋଜନ କରାଯାଇଛି । ଏହା ଗଜପତି ମହାରାଜଙ୍କ ଶେଷ ପାରିବାରିକ ଉତ୍ସବ ହୋଇଥିବାରୁ ଯୋଗଦେବେ ଦେଶବିଦେଶର ରାଜପରିବାର ସଦସ୍ୟ । କୋଭିଡ୍ ପାଇଁ ସେତେ ଆଡମ୍ବର ସହକାରେ ବିବାହ କାର୍ଯ୍ୟ ଆୟୋଜନ କରାଯାଉନାହିଁ । ଭୁବନେଶ୍ୱରର ଏକ ତାରକା ହୋଟେଲରେ ବିବାହ ଭୋଜି ଅନୁଷ୍ଠିତ ହେବ । ରାଜନଅରରେ ଶ୍ରୀମନ୍ଦିର କାର୍ଯ୍ୟାଳୟର ଅଧିକାରୀ, ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ, ବରିଷ୍ଠ ସେବାୟତଙ୍କୁ ଭୋଜନ ପାଇଁ ନିମନ୍ତ୍ରଣ କରାଯାଇଛି । ରାଜନଅରରେ ସମସ୍ତଙ୍କ ପାଇଁ ମହାପ୍ରସାଦ ସେବନର ବ୍ୟବସ୍ଥା କରାଯାଇଛି । ତେବେ ବିବାହ ପାଇଁ ବରପକ୍ଷ ପୁରୀରେ ପହଂଚି ସାରିଛନ୍ତି । ପୁରୀରେ ବରପକ୍ଷଙ୍କ ରହଣୀର ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି ।

## ପଂଚାୟତ ନିର୍ବାଚନ ପୂର୍ବରୁ ୧୧୩୬୮୬ ବଲ୍କ ଲିଟର ମଦ ଜବତ

ଭୁବନେଶ୍ୱର, ୦୯/୦୨ (ନି.ପ୍ର): ତ୍ରି-ସ୍ତରୀୟ ପଂଚାୟତ ନିର୍ବାଚନକୁ ମୁକ୍ତ, ସ୍ୱଚ୍ଛ ଓ ନିରପେକ୍ଷ ଭାବେ ସୁରୁଖୁରୁରେ ପରିଚାଳନା କରିବା ପାଇଁ ରାଜ୍ୟ ନିର୍ବାଚନ କମିଶନ ଆରମ୍ଭରୁ ଗୁରୁତ୍ୱ ଦେଇ ଆସିଛନ୍ତି । ଏହି ପରିପ୍ରେକ୍ଷୀରେ ରାଜ୍ୟ ପୁଲିସ ବିଭାଗ ଓ ଅବକାରୀ ବିଭାଗର ମିଳିତ ଉଦ୍ୟମରେ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ଜାନୁଆରୀ ୧୯ ତାରିଖଠାରୁ ଫେବୃଆରୀ ୬ ତାରିଖ ସୁଦ୍ଧା ମୋଟ ୧୧୩୬୮୬.୧୯ ବଲ୍କ ଲିଟର ମଦ, ବେଆଇନ ଭାବେ ରଖିଥିବା ୨୭ଟି ଅସ୍ତ୍ରଶସ୍ତ୍ର, ୪୭୧.୮୬ ଗ୍ରାମ ନିଶାଦ୍ରବ୍ୟ ଓ ଆଦର୍ଶ ଆଚରଣ ବିଧି ଉଲଂଘନ ଅଭିଯୋଗରେ ୧୪୯୨ ଜଣ ବ୍ୟକ୍ତିଙ୍କ ବିରୋଧରେ ଜାମିନ ବିହୀନ ୱାରେଂଟ ଜାରି କରାଯାଇଛି । ସେଥି ମଧ୍ୟରେ ଡିସିପି, କଟକ ୧୯୫୦.୭୧୫ ବଲକ୍ ଲିଟର, ଡିସିପି, ଭୁବନେଶ୍ୱର ୨୪୭୦.୮୭, ଅନୁଗୋଳ ଜିଲ୍ଲାରୁ ୮୬୪, ବାଲେଶ୍ୱର ଜିଲ୍ଲାରୁ ୭୦୫୩୬.୯୬୫, ବରଗଡ଼ ଜିଲ୍ଲାରୁ ୮୧୮.୧୬୫, ବ୍ରହ୍ମପୁରରୁ ୧୭୧୧.୨୩, ଭଦ୍ରକ ଜିଲ୍ଲାରୁ ୨୦୨୩.୫୮, ବଲାଙ୍ଗୀରରୁ ୧୧୦୩.୬୭, ବୌଦ୍ଧରୁ ୧୮୭.୦୬, କଟକରୁ ୭୧୨.୪୩, ଦେବଗଡ଼ରୁ ୪୭୮.୮୫୫, ଢେଙ୍କାନାଳରୁ ୭୮୦.୭୫, ଗଜପତିରୁ ୩୭୧.୦୭, ଗଞ୍ଜାମରୁ ୭୦୫୭.୯୭, ଯାଜପୁରରୁ ୩୯୨୦.୮୪, ଜଗତସିଂହପୁରରୁ ୫୧୩.୦୯, ଝାରସୁଗୁଡ଼ାରୁ ୫୧୩.୦୨, କଳାହାଣ୍ଡିରୁ ୯୧୩.୦୩, ▶▶ପୃଷ୍ଠା ୭

# ବର୍ଷେ ହେଲା ମିଳୁନି ବିଧବା ଭତ୍ତା

ନୂଆପଡ଼ା ,୯/୨ (ନି.ପ୍ର): ନୂଆପଡ଼ା ଜିଲ୍ଲା ବୋଡ଼େନ ବ୍ଲକ ଅନ୍ତର୍ଗତ ଖଇରଭାଡ଼ି ଗ୍ରାମର ବିମଲେଙ୍କ ସ୍ୱାମୀଙ୍କ ମୃତ୍ୟୁ ହେବାର ଆଜକୁ ବର୍ଷେ ବିତି ଯାଇଥିଲେ ମଧ ବିଧବା ଭତା ପାଇବାରୁ ସେ ବଂଚିତ ରହିଛନ୍ତି। ପଂଚାୟତରେ ବାରମ୍ବାର କାଗଜପତ୍ର ଦେବା ପରେ କିଏ ମଧ ଶୁଣୁନାହାନ୍ତି। ବ୍ଲକ କାର୍ଯ୍ୟାଳୟ ଯାଇକି ଆଉ ଥରେ ଦେଇଥିଲେ। କିନ୍ତୁ ତାହା ବି ଫଳ ଶୂନ। ଜଣେ ବିଧବା ମହିଳା କେତେ ଥର ଅଫିସର ଚକର କାଟିବ। ଘରେ ରହିଥିଲା ଏକମାତ୍ର ପୁଅ ତିନି ବର୍ଷ ତଳେ ସେ ଘର ଚଳାଇବା ପାଇଁ ବିଦେଶକୁ ମଜୁରୀ କରିବା ପାଇଁ ଯାଇଥିଲେ। ଦୁର୍ଭାଗ୍ୟର କଥା ବିଦେଶରୁ ନିଜ ଗାଁକୁ ଆସୁଥିବା ସମୟରେ ଟ୍ରେନ ଦୁର୍ଘଟଣାରେ ତାଙ୍କର ଦୁଇଟି ଯାକ ଗୋଡ଼ ହରାଇ ବସିଲେ। ତାଙ୍କ ବାପା ଥିବା ସମୟରେ ଏଣେ ତେଣେ କୁଲି ମଜୁରୀ କରି ସ୍ୱାମୀ ସ୍ତ୍ରୀ ଓ ପୁଅ ଝିଅକୁ ନେଇକି ଖୁସିରେ ନିଜ ପରିବାରକୁ ପ୍ରତିପୋଷଣ କରି ଆସୁଥିଲେ। ସେ ଚାଲିଯିବା ପରେ ଭିନ୍ନକ୍ଷମ ପୁଅ ଓ ବଢ଼ିଲା ଝିଅର ବୋଝ ବିଧବା ମାଙ୍କ ଉପରେ। ମୁଣ୍ଡ ଗୁଞ୍ଜିବା ପାଇଁ ନା ଅଛି ପକ୍କା ଘର ନା ମିଳୁଛି କିଛି ସରକାରୀ ଆର୍ଥିକ ସହାୟତା । ଆବାସ ଯୋଜନାରେରେ ସାମିଲ ପାଇଁ ଅନୁରୋଧ। ପ୍ରଶାସନ ଏହି ନିରୀହ ପରିବାରକୁ ଦୃଷ୍ଟି ଦେଇ ସାହାଯ୍ୟର ହାତ ବଢ଼ାଇବା ଜରୁରୀ ହୋଇ ପଡିଛି ।

# କ.ନୂଆଗାଁ ବ୍ଲକ ଜିରିଡିକିଆ ପଂଚାୟତବାସୀଙ୍କ ଫୁଲବାଣୀ ରାଜରାସ୍ତାରେ ଧାରଣା ପଂଚାୟତ ନିର୍ବାଚନ ବନ୍ଦ କରିବାକୁ ଦାବି

କନ୍ଧମାଳ,୯/୨ (ନି.ପ୍ର): କନ୍ଧମାଳ ଜିଲ୍ଲା କ.ନୂଆଗାଁ ବ୍ଲକର ନୂତନ ଭାବେ ଗଠିତ ଜିରିଡିକିଆ ପଂଚାୟତର ୨ଶହରୁ ଉର୍ଦ୍ଧ୍ୱ ପୁରୁଷ ଓ ମହିଳା ୩ ଟି ଘରୋଇ ବସ୍ ଓ ଅଟୋରିକ୍ସାରେ ଆସି ସେମାନଙ୍କ ଦାବି ପତ୍ର ସୋମବାର ସକାଳ୧୦ ଟାରେ କନ୍ଧମାଳ ଜିଲାପାଳଙ୍କୁ ଦେବାକୁ ଚାହିଁଥିଲେ । ଜିଲାପାଳ ଓ ଅତିରିକ୍ତ ଜିଲା ପାଳ ଅନୁପସ୍ଥିତ ଥିବା ଫଳରେ ସେମାନେ ଜିଲାପାଳଙ୍କ ମୁଖ୍ୟ ଫାଟକ ସମ୍ମୁଖରେ ଥିବା ରାଜରାସ୍ତା ଓ ମୁଖ୍ୟ ଫାଟକ ସମ୍ମୁଖରେ ରାସ୍ତା ବନ୍ଦ କରି ଅପରାହ୍ଣ ଯାଏଁ ବସି ରହିଥିଲେ। ଗତ ନିର୍ବାଚନ ପୂର୍ବରୁ ପଂଚାୟତ ସୀମା ନିର୍ଦ୍ଧାରଣ କରାଗଲା। କ.ନୂଆଗାଁ ବ୍ଲକ ଅଂଚଳରେ ନୂତନ ସୀମା ନିର୍ଦ୍ଧାରଣ ଅନୁଯାୟୀ କ.ନୂଆଗାଁ ବଣ୍ଡଗୁଡା ପଂଚାୟତର ଅନେକ ଗ୍ରାମକୁ ନୂତନ ଭାବେ ଗଠିତ ଜରିଡିକିଆ ପଂଚାୟତରେ ମିଶାଇ ଦିଆଗଲା । ଭୌଗୋଳିକ ସ୍ଥିତି ଓ ରାସ୍ତାର ଦୂରତା ଦୃଷ୍ଟିକୋଣରୁ ଏହି ସବୁ ଗ୍ରାମବାସୀ ନୂତନ ପଂଚାୟତ ମୁଖ୍ୟାଳୟ ଜରିଡିକିଆ ସହ ସମ୍ପର୍କ ରଖିବାରେ ସମସ୍ୟା ଦେଖାଗଲା । ଗ୍ରାମବାସୀ ସରକାରୀ ସୁବିଧା ପାଇବାରୁ ବଂଚିତ ହେଲେ । ଏହାକୁ ଦୃଷ୍ଟିରେ ରଖି୨୦୧୫ ମସିହାରୁ ଗ୍ରାମବାସୀ ପୂର୍ବ ଭଳି ବଣ୍ଡଗୁଡା ପଂଚାୟତରେ ସାମିଲକରିବା ପାଇଁ ବ୍ଲକ ଠାରୁ ଆରମ୍ଭ କରି ଜିଲ୍ଲା ପ୍ରଶାସନ ନିକଟରେ ଦାବୀ ଜଣାଇ ଆସୁଛନ୍ତି । ପ୍ରଶାସନ ସେମାନଙ୍କର ଦାବୀ ପ୍ରତି କର୍ଣ୍ଣପାତ କରୁ ନଥିବାରୁ ଅସନ୍ତୋଷ ଦାନାବାନ୍ଧିଛି ବୋଲି କହିଛନ୍ତି ଆସିଥିବା ପୁରୁଷ ମହିଳା ମନେ । ତେଣୁ ସେମାନଙ୍କର ଏହି ଦାବୀ ପୁରଣ ନହେ ବା ପର୍ଯ୍ୟନ୍ତ ଜରିଡିକିଆ ପଂଚାୟତରେ ନିର୍ବାଚନ ବନ୍ଦ ରଖିବା ପାଇଁ ଗ୍ରାମବାସୀ ଦାବୀ କରିଛନ୍ତି । ପଂଚାୟତ ପୁନର୍ଗଠନ ସମୟରେ ସବୁ ଗ୍ରାମକୁ ବଣ୍ଡଗୁଡା ଅଲଗା କରି ନୂତନ ପଂଚାୟତ ଜରିଡିକିଆ ରେ ସାମିଲ କରାଗଲା । ପଂଚାୟତ କାର୍ଯ୍ୟାଳୟ ଠାରୁ ଦୂର ହୋଇଥିବାରୁ ଗ୍ରାମବାସୀ ଏହି ପରିବର୍ତ୍ତନକୁ ବିରୋଧ କରିଥିଲେ । ପ୍ରଶାସନ ନ ଶୁଣିବାରୁ ସେମାନେ ଉଚ୍ଚ ନ୍ୟାୟାଳୟର ର ଦ୍ୱାରସ୍ଥ ହୋଇଥିଲେ । ଏବେ ଏହି ମାମଲା ଅଦାଲତଙ୍କ ବିଚାରାଧୀନ ରହିଛି । ଆଜି ଏହି ଦାବି ନେଇ ପୁଣି ଜିଲା ପ୍ରଶାସନକୁ ଲିଖିତ ଅଭିଯୋଗ ଦେଇଛନ୍ତି ଗ୍ରାମବାସୀ । ପୂର୍ବରୁ ସେମାନଙ୍କ ଦବୀ ଜରିଡିକିଆ ପଂଚାୟତ ନିର୍ବାଚନ ବନ୍ଦ ରଖିବାକୁ କୁହାଯାଇଥିଲା । ସେ ହିସାବରେ ଗତ ୭ ତାରିଖ ଦିନ ଗ୍ରାମବାସୀ ଜିଲାପାଳଙ୍କ କାର୍ଯ୍ୟାଳୟ ସମେତ ରାଜ୍ୟ ନିର୍ବାଚନ କମିଶନରଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦେବାକୁ ଜଣାଇଥିଲେ । ତେଣୁ ଶତାଧିକ ଗ୍ରାମବାସୀ ଜିଲା ପରିଷଦ କାର୍ଯ୍ୟାଳୟ ଆଗରେ ଧାରଣା ଦେବା ସହ ଜିଲା ପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ । ବହୁ ବରିଷ୍ଠ ପ୍ରଶାସନିକ ଅଧିକାରୀଙ୍କ ସହ ଆଲୋଚନା ପରେ ମଧ ଗ୍ରାମବାସୀ ଜିଦ୍ ରେ ଅଟଳ ରହିଥିବା ହଳଧର ସେଠୀ,ସନ୍ତୋଷ ପ୍ରଧାନ,ଚୌଧୁରୀ ପ୍ରଧାନ,ସୁଶାନ୍ତ ପ୍ରଧାନ ପ୍ରମୁଖ ଜଣାଇଛନ୍ତି । ଏ ନେଇ ଜିଲାପାଳ ନିର୍ବାଚନ କମିଶନର୍ ଙ୍କୁ ଲେଖି ଜଣାଇବା ପରେ ଗ୍ରାମବାସୀ ଧାରଣାରୁ ଉଠିବେ ବୋଲି କହିଥିଲେ । ସେମାନଙ୍କ କହିବା କଥା ଉକ୍ତ ଗ୍ରାମ ମାନଙ୍କରୁ ପଂଚାୟତର ଦୂରତା୧୦ ରୁ ୧୫ କିଲୋ ମିଟର । ପୁଣି ୨ଟିରୁ ୩ଟି ପାହାଡ ଡେଇଁ ଯିବାକୁ ପଡେ ।

# ଖଡିଆଳ ୩୫୩ ନମ୍ବର ଜାତୀୟ ରାଜପଥର ପାର୍ଶ୍ୱ ସଡକ ନିର୍ମାଣ ପାଇଁ ଦାବି

ନୂଆପଡ଼ା,୯/୨ (ନି.ପ୍ର): ନୂଆପଡା ଜିଲ୍ଲା ଖଡିଆଳ ସହର ମଧରେ ୩/୪ କିଲୋମିଟର ୩୫୩ ନମ୍ବର ଜାତୀୟ ରାଜପଥ ଅତିକ୍ରମ କରିଛି । ଏହି ରାଜପଥ ରେ ସଂଯୁକ୍ତ ହୋଇଛି ଅନେକ ପାର୍ଶ୍ୱ ସଡକ । ବୋଡେନ ଛକ ଠାରୁ ଆମ୍ବେଦକର ଛକ, ଗୁରୁନାନକ ଛକ, ହନୁମାନ ମନ୍ଦିର ନିକଟସ୍ଥ ଛକ, ଥାନା ଛକ ପ୍ରଭୃତି ଅନେକ ଛକ ରହିଛି । ଏହି ଛକ ର ପାର୍ଶ୍ୱ ସଡକ ନିର୍ମାଣ ପାଇଁ ୧୫ ମିଟର ପର୍ଯ୍ୟନ୍ତ ରାଜପଥ ବିଭାଗ ତରଫରୁ ରାସ୍ତା ନିର୍ମାଣ କରିବାର ନିୟମ ରହିଛି । କିନ୍ତୁ ରାଜପଥ ବିଭାଗ ନିର୍ମାଣ କାର୍ଯ୍ୟ ଅଧପରିଆ ହୋଇ ପଡିରହିଥିବା ବେଳେ ପାର୍ଶ୍ୱ ସଡକର ଅବସ୍ଥା ଅତିଶୋଚନୀୟ ହୋଇପଡ଼ିଛି। ଖଡିଆଳ ମୁକ୍ତାପୁର ସଡକ, ଗୁରୁନାନକ ଛକ ରାସ୍ତା ସାମାନ୍ୟ ବର୍ଷରେ ଯାତାୟତ ପାଇଁ ନାନା ସମସ୍ୟା ଦେଖା ଦେଇଛି ଅନେକ ସମୟରେ ସଡକ ଦୁର୍ଘଟଣାକୁ ଏଡାଇ ଦିଆଯାଇନପାରେ। ଏଥିପ୍ରତି ଜାତୀୟ ରାଜପଥ ବିଭାଗ ତୁରନ୍ତ ଦୃଷ୍ଟ ଦେବା ପାଇଁ ଖଡିଆଳ ଜନ ସାଧାରଣ ଦାବୀ କରିଛନ୍ତି । ନହେଲେ ଆଗାମୀ ଦିନରେ ଏହି ରାସ୍ତା ଅବ୍ୟବସ୍ଥା ପାଇଁ ଆନ୍ଦୋଳନକୁ ଏଡାଇ ଦିଆଯାଇନପାରେ ।


# ବିବେକାନନ୍ଦ ଶିକ୍ଷା ସଦନ

## ଦୁବସାହି, କମର୍ଦ୍ଦା, ବାଲେଶ୍ୱର

ନାମଲେଖା ଚାଲିଛି

ଶିକ୍ଷାବର୍ଷ-୨୦୨୨-୨୩

ରାଜ୍ୟ ସରକାରଙ୍କ ସ୍ୱୀକୃତିପ୍ରାପ୍ତ ଏହି ଅନୁଷ୍ଠାନରେ କେଜି-୧ (ଶିଶୁ ପ୍ରବେଶ) ଶ୍ରେଣୀଠାରୁ ସପ୍ତମ ଶ୍ରେଣୀ ପର୍ଯ୍ୟନ୍ତ ନାମଲେଖା ଚାଲୁଅଛି ।

ଓଡ଼ିଶା ସରକାରଙ୍କର **RTE Act** ଅନୁଯାୟୀ ୨୫% ଆସନ ଆର୍ଥିକ ଅନଗ୍ରସର, ଦିବ୍ୟାଙ୍ଗ ଓ ଅନୁସୂଚିତ ଜାତି ଓ ଜନଜାତିର ଛାତ୍ରଛାତ୍ରୀଙ୍କୁ ମାଗଣା ଶିକ୍ଷାଦାନ ପାଇଁ ଉଦ୍ଦିଷ୍ଟ । ଯେଉଁମାନଙ୍କର ବାସସ୍ଥାନ ବିଦ୍ୟାଳୟରୁ ୧ କି.ମି. ଦୂରତା ମଧ୍ୟରେ ହୋଇଥିବ, ଉକ୍ତ ପିଲାମାନଙ୍କ ପାଇଁ ନାମଲେଖା ଫର୍ମ ବିନା ମୂଲ୍ୟରେ ପ୍ରାପ୍ତ ହୋଇପାରିବେ। ଆବଶ୍ୟକୀୟ କାଗଜପତ୍ର ଦାଖଲ କରି ଛାତ୍ରଛାତ୍ରୀମାନେ ଉକ୍ତ ସୁବିଧା ପାଇପାରିବେ।

ପ୍ରଧାନ ଆଚାର୍ଯ୍ୟ
ବିବେକାନନ୍ଦ ଶିକ୍ଷା ସଦନ
ଦୁବସାହି, କମର୍ଦ୍ଦା, ବାଲେଶ୍ୱର

ଯୋଗାଯୋଗ: ୬୩୭୦୦୯୧୯୩୦, ୯୭୭୬୭୦୦୯୮୨



# ଭାସ୍କର ଚନ୍ଦ୍ର ବିବେକାନନ୍ଦ ଶିକ୍ଷା କେନ୍ଦ୍ର

## ମାଣିପୁର, ବାଲେଶ୍ୱର

ନାମଲେଖା ଚାଲିଛି

ଶିକ୍ଷାବର୍ଷ-୨୦୨୨-୨୩

ରାଜ୍ୟ ସରକାରଙ୍କ ସ୍ୱୀକୃତିପ୍ରାପ୍ତ ଏହି ଅନୁଷ୍ଠାନରେ କେଜି-୧ (ଶିଶୁ ପ୍ରବେଶ) ଶ୍ରେଣୀଠାରୁ ସପ୍ତମ ଶ୍ରେଣୀ ପର୍ଯ୍ୟନ୍ତ ନାମଲେଖା ଚାଲୁଅଛି ।

ଓଡ଼ିଶା ସରକାରଙ୍କର **RTE Act** ଅନୁଯାୟୀ ୨୫% ଆସନ ଆର୍ଥିକ ଅନଗ୍ରସର, ଦିବ୍ୟାଙ୍ଗ ଓ ଅନୁସୂଚିତ ଜାତି ଓ ଜନଜାତିର ଛାତ୍ରଛାତ୍ରୀଙ୍କୁ ମାଗଣା ଶିକ୍ଷାଦାନ ପାଇଁ ଉଦ୍ଦିଷ୍ଟ । ଯେଉଁମାନଙ୍କର ବାସସ୍ଥାନ ବିଦ୍ୟାଳୟରୁ ୧ କି.ମି. ଦୂରତା ମଧ୍ୟରେ ହୋଇଥିବ, ଉକ୍ତ ପିଲାମାନଙ୍କ ପାଇଁ ନାମଲେଖା ଫର୍ମ ବିନା ମୂଲ୍ୟରେ ପ୍ରାପ୍ତ ହୋଇପାରିବେ। ଆବଶ୍ୟକୀୟ କାଗଜପତ୍ର ଦାଖଲ କରି ଛାତ୍ରଛାତ୍ରୀମାନେ ଉକ୍ତ ସୁବିଧା ପାଇପାରିବେ।

ପ୍ରଧାନ ଆଚାର୍ଯ୍ୟ
ଭାସ୍କର ଚନ୍ଦ୍ର ବିବେକାନନ୍ଦ ଶିକ୍ଷା କେନ୍ଦ୍ର
ମାଣିପୁର, ବାଲେଶ୍ୱର

ଯୋଗାଯୋଗ: ୯୦୭୮୫୫୧୭୧୩, ୯୪୩୯୪୪୨୨୩୫



# ବିବେକାନନ୍ଦ ଶିକ୍ଷାକେନ୍ଦ୍ର

## କଇଥଖୋଲା, ଧାମରା, ଭଦ୍ରକ

ନାମଲେଖା ଚାଲିଛି

ଶିକ୍ଷାବର୍ଷ-୨୦୨୨-୨୩

ରାଜ୍ୟ ସରକାରଙ୍କ ସ୍ୱୀକୃତିପ୍ରାପ୍ତ ଏହି ଅନୁଷ୍ଠାନରେ କେଜି-୧ (ଶିଶୁ ପ୍ରବେଶ) ଶ୍ରେଣୀଠାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ନାମଲେଖା ଚାଲୁଅଛି ।

ଓଡ଼ିଶା ସରକାରଙ୍କର **RTE Act** ଅନୁଯାୟୀ ୨୫% ଆସନ ଆର୍ଥିକ ଅନଗ୍ରସର, ଦିବ୍ୟାଙ୍ଗ ଓ ଅନୁସୂଚିତ ଜାତି ଓ ଜନଜାତିର ଛାତ୍ରଛାତ୍ରୀଙ୍କୁ ମାଗଣା ଶିକ୍ଷାଦାନ ପାଇଁ ଉଦ୍ଦିଷ୍ଟ । ଯେଉଁମାନଙ୍କର ବାସସ୍ଥାନ ବିଦ୍ୟାଳୟରୁ ୧ କି.ମି. ଦୂରତା ମଧ୍ୟରେ ହୋଇଥିବ, ଉକ୍ତ ପିଲାମାନଙ୍କ ପାଇଁ ନାମଲେଖା ଫର୍ମ ବିନା ମୂଲ୍ୟରେ ପ୍ରାପ୍ତ ହୋଇପାରିବେ। ଆବଶ୍ୟକୀୟ କାଗଜପତ୍ର ଦାଖଲ କରି ଛାତ୍ରଛାତ୍ରୀମାନେ ଉକ୍ତ ସୁବିଧା ପାଇପାରିବେ।

ପ୍ରଧାନ ଆଚାର୍ଯ୍ୟ
ବିବେକାନନ୍ଦ ଶିକ୍ଷାକେନ୍ଦ୍ର
କଇଥଖୋଲା, ଧାମରା, ଭଦ୍ରକ

ଯୋଗାଯୋଗ: ୯୮୬୧୭୭୩୨୩୫, ୯୯୩୭୪୪୩୬୨୫



# ସୀତାନାଥ ସ୍ମାରକୀ ବିବେକାନନ୍ଦ ଶିକ୍ଷାକେନ୍ଦ୍ର

## ଜାମୁକୁଣ୍ଡା, ବାଲିଆପାଳ, ବାଲେଶ୍ୱର

ଶିକ୍ଷାବର୍ଷ-୨୦୨୨-୨୩

ନାମଲେଖା ଚାଲିଛି

ରାଜ୍ୟ ସରକାରଙ୍କ ସ୍ୱୀକୃତିପ୍ରାପ୍ତ ଏହି ଅନୁଷ୍ଠାନରେ କେଜି-୧ ଠାରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ନାମଲେଖା ଚାଲୁଅଛି ।

ଓଡ଼ିଶା ସରକାରଙ୍କର **RTE Act** ଅନୁଯାୟୀ ୨୫% ଆସନ ଆର୍ଥିକ ଅନଗ୍ରସର, ଦିବ୍ୟାଙ୍ଗ ଓ ଅନୁସୂଚିତ ଜାତି ଓ ଜନଜାତିର ଛାତ୍ରଛାତ୍ରୀଙ୍କୁ ମାଗଣା ଶିକ୍ଷାଦାନ ପାଇଁ ଉଦ୍ଦିଷ୍ଟ । ଯେଉଁମାନଙ୍କର ବାସସ୍ଥାନ ବିଦ୍ୟାଳୟରୁ ୧ କି.ମି. ଦୂରତା ମଧ୍ୟରେ ହୋଇଥିବ, ଉକ୍ତ ପିଲାମାନଙ୍କ ପାଇଁ ନାମଲେଖା ଫର୍ମ ବିନା ମୂଲ୍ୟରେ ପ୍ରାପ୍ତ ହୋଇପାରିବେ। ଆବଶ୍ୟକୀୟ କାଗଜପତ୍ର ଦାଖଲ କରି ଛାତ୍ରଛାତ୍ରୀମାନେ ଉକ୍ତ ସୁବିଧା ପାଇପାରିବେ।

ପ୍ରଧାନ ଆଚାର୍ଯ୍ୟ
ବିବେକାନନ୍ଦ ଶିକ୍ଷାକେନ୍ଦ୍ର,
ଜାମୁକୁଣ୍ଡା, ବାଲିଆପାଳ, ବାଲେଶ୍ୱର

ଯୋଗାଯୋଗ: ୯୭୭୬୮୮୧୨୩୭, ୯୭୭୬୩୧୪୧୮୫


# ତମାଖୁ ମୁକ୍ତ ବିଦ୍ୟାଳୟ ପାଇଁ ଶିକ୍ଷକଙ୍କୁ ତାଲିମ

କେନ୍ଦ୍ରାପଡା,୯/୨ (ନି.ପ୍ର): ବିଦ୍ୟାଳୟ ପରିସର ଗୁଡିକୁ ତମାଖୁ ମୁକ୍ତ କରିବା ପାଇଁ ଜିଲ୍ଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ଉଦ୍ୟମ ଆରମ୍ଭ କରାଯାଇଛି । ଜାତୀୟ ତମାଖୁ ନିୟନ୍ତ୍ରଣ ପୋଗ୍ରାମ ଦ୍ୱାରା ଆୟୋଜିତ ଏହି ଦିନିକିଆ ତାଲିମ ଶିବିର ରେ ଜିଲ୍ଲାର ସମସ୍ତ ହାଇସ୍କୁଲର ପ୍ରଧାନ ଶିକ୍ଷକ ଓ ବିଜ୍ଞାନ ଶିକ୍ଷକ ମାନେ ଏହି କର୍ମଶାଳାରେ ଯୋଗ ଦେଇଥିଲେ । ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ଅନିତା ପଟ୍ଟନାୟକ ଏଥିରେ ଅଧକ୍ଷତା କରିଥିବା ବେଳେ ଡାକ୍ତର ମିର୍ଜା ବାବର ବେଗ, ଡାକ୍ତର ନିରାକାର ପରିଡା, ମହାମାରୀ ବିଶେଷଜ୍ଞ ସୁଶାନ୍ତ ପଟ୍ଟନାୟକ, ଶିବଶଙ୍କର ସିଂହ, ଶ୍ୟାମସୁନ୍ଦର ବିଶ୍ୱାଳ, ଶାନ୍ତିଲତା ଚାନ୍ଦ ଓ ମିନତୀ ମହାପାତ୍ର ପ୍ରମୁଖ ଉପସ୍ଥିତ ପ୍ରଧାନ ଶିକ୍ଷକ ଓ ବିଜ୍ଞାନ ଶିକ୍ଷକ ମାନଙ୍କୁ ତାଲିମ ପ୍ରଦାନ କରିଥିଲେ ।

# ଭିନ୍ନକ୍ଷମ ଭତ୍ତା ପାଇବାରୁ ବଂଚିତ ସନ୍ତୋସିନୀ

ନୂଆପଡ଼ା,୯/୨ (ନି.ପ୍ର): ନୂଆପଡ଼ା ଜିଲ୍ଲା ବୋଡ଼େନ ଅନ୍ତର୍ଗତ ରୋକାଲ ଗ୍ରାମର ସନ୍ତୋସିନୀ ଗଉଡ଼ ୧୪ବର୍ଷ, ପିତା ତ୍ରିନାଥ ଗଉଡ଼ ଛୋଟ କୁନି ଅଜଣା ରୋଗରେ ଆକ୍ରାନ୍ତ ହୋଇ ଅଭିଶପ୍ତ ଜୀବନ ଅତିବାହିତ କରୁଛି। ସନ୍ତୋସିନୀ ଚିକିତ୍ସା ନେଇ ବାପା ଡାକ୍ତର ଖାନାରେ ଚିକିତ୍ସା ପାଇଁ ଦେଖାଇ ଦେଖାଇ ଶେଷରେ ଋଣ ଭାର ବୋହି ଘରେ ରହିଛନ୍ତି। ସନ୍ତୋସିନୀ ୭୫% ଭିନ୍ନକ୍ଷମ ଥିଲେ ମଧ ଏପର୍ଯ୍ୟନ୍ତ ଭତା ଖଣ୍ଡିଏ ପାଇ ପାରିନାହାନ୍ତି। ଅନେକ ଗରିବ ନିରୀହ ପରିବାରକୁ ସରକାରୀ ଯୋଜନା ଅପହଂଚ ହୋଇରହିଛି। ଏହି ସବୁ ସମସ୍ୟା କୁ ଦୂର କରିବା ପ୍ରଶାସନିକ କଲ ଉପଯୁକ୍ତ କାର୍ଯ୍ୟ ଦରକାର। ବୋଡ଼େନ ବ୍ଲକର ବିଭିନ୍ନ ଗ୍ରାମରେ ଏମିତି ଗରିବ ନିରୀହ ଲୋକମାନେ ବାର୍ଦ୍ଧକ୍ୟ ଭତା,ବିଧବା ଭତା,ଭିନ୍ନକ୍ଷମ ଭତା ପାଇବାରୁ ବଂଚିତ ଅଛନ୍ତି। କେବେ ବ୍ଲକ ପ୍ରଶାସନର ନିଦ ଭାଙ୍ଗିବ ଓ ଏହି କୁନି ଝିଅ ତାହାର ଔଷଧ କିଣିବା ପାଇଁ ବା ଚିକିତ୍ସା ହେବା ଦେଖିବା ବାକି ରହିଲା।

# ମାର୍କଣ୍ଡ ପୁଷ୍କରଣୀର ତୀର୍ଥଆଳତି ଅନୁଷ୍ଠିତ

ପୁରୀ,୯/୨ (ନି.ପ୍ର): ମାର୍କଣ୍ଡେଶ୍ୱର ସାହିସ୍ଥିତ ପବିତ୍ର ମାର୍କଣ୍ଡ ତୀର୍ଥ ପୁଷ୍କରଣୀର ଦ୍ୱିତୀୟ ବର୍ଷ ତୀର୍ଥ ଆଳତି ଅନୁଷ୍ଠିତ ହୋଇଯାଇଛି। ଏହାକୁ ସାଥୀ ସଂଘ କ୍ଲବ ପ୍ରତିବର୍ଷ ମାଘ ସପ୍ତମୀ ତିଥିରେ ପାଳନ କରୁଛନ୍ତି। ଏହି ଆଳତିରେ ଶ୍ରୀକ୍ଷେତ୍ର ସାଧୁସନ୍ଥ, ମଠାଧୀଶ, ବୁଦ୍ଧିଜୀବୀ ଓ ସାହିବାସୀନ୍ଦାମାନେ ଯୋଗ ଦେଇଥିଲେ। ପୂର୍ବତନ ବାଚସ୍ପତି ତଥା ବିଜେଡ଼ି ଜିଲ୍ଲା ସଭାପତି ମହେଶ୍ୱର ମହାନ୍ତି ଉପସ୍ଥିତ ରହିଥିଲେ।


# ବିବେକାନନ୍ଦ ଶିକ୍ଷା କେନ୍ଦ୍ର

## ବଣତାଳପଦା, ମୟୂରଭଞ୍ଜ

ନାମଲେଖା ଚାଲିଛି

ଶିକ୍ଷାବର୍ଷ-୨୦୨୨-୨୩

ରାଜ୍ୟ ସରକାରଙ୍କ ସ୍ୱୀକୃତିପ୍ରାପ୍ତ ଏହି ଅନୁଷ୍ଠାନରେ କେଜି-୧ (ଶିଶୁ ପ୍ରବେଶ) ଶ୍ରେଣୀଠାରୁ ସପ୍ତମ ଶ୍ରେଣୀ ପର୍ଯ୍ୟନ୍ତ ନାମଲେଖା ଚାଲୁଅଛି ।

ଓଡ଼ିଶା ସରକାରଙ୍କର **RTE Act** ଅନୁଯାୟୀ ୨୫% ଆସନ ଆର୍ଥିକ ଅନଗ୍ରସର, ଦିବ୍ୟାଙ୍ଗ ଓ ଅନୁସୂଚିତ ଜାତି ଓ ଜନଜାତିର ଛାତ୍ରଛାତ୍ରୀଙ୍କୁ ମାଗଣା ଶିକ୍ଷାଦାନ ପାଇଁ ଉଦ୍ଦିଷ୍ଟ । ଯେଉଁମାନଙ୍କର ବାସସ୍ଥାନ ବିଦ୍ୟାଳୟରୁ ୧ କି.ମି. ଦୂରତା ମଧ୍ୟରେ ହୋଇଥିବ, ଉକ୍ତ ପିଲାମାନଙ୍କ ପାଇଁ ନାମଲେଖା ଫର୍ମ ବିନା ମୂଲ୍ୟରେ ପ୍ରାପ୍ତ ହୋଇପାରିବେ। ଆବଶ୍ୟକୀୟ କାଗଜପତ୍ର ଦାଖଲ କରି ଛାତ୍ରଛାତ୍ରୀମାନେ ଉକ୍ତ ସୁବିଧା ପାଇପାରିବେ।

ପ୍ରଧାନ ଆଚାର୍ଯ୍ୟ
ବିବେକାନନ୍ଦ ଶିକ୍ଷା କେନ୍ଦ୍ର
ବଣ ତାଳପଦା, ମୟୂରଭଞ୍ଜ

ଯୋଗାଯୋଗ: ୯୯୩୭୬୬୧୮୨୮, ୭୮୫୫୯୪୨୬୧୦



# ବିବେକାନନ୍ଦ ଶିକ୍ଷାକେନ୍ଦ୍ର

## ବଉଳ ଗଡ଼ିଆ, ବାଲେଶ୍ୱର

ନାମଲେଖା ଚାଲିଛି

ଶିକ୍ଷାବର୍ଷ-୨୦୨୨-୨୩

ରାଜ୍ୟ ସରକାରଙ୍କ ସ୍ୱୀକୃତିପ୍ରାପ୍ତ ଏହି ଅନୁଷ୍ଠାନରେ କେଜି-୧ (ଶିଶୁ ପ୍ରବେଶ) ଶ୍ରେଣୀଠାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ନାମଲେଖା ଚାଲୁଅଛି ।

ଓଡ଼ିଶା ସରକାରଙ୍କର **RTE Act** ଅନୁଯାୟୀ ୨୫% ଆସନ ଆର୍ଥିକ ଅନଗ୍ରସର, ଦିବ୍ୟାଙ୍ଗ ଓ ଅନୁସୂଚିତ ଜାତି ଓ ଜନଜାତିର ଛାତ୍ରଛାତ୍ରୀଙ୍କୁ ମାଗଣା ଶିକ୍ଷାଦାନ ପାଇଁ ଉଦ୍ଦିଷ୍ଟ । ଯେଉଁମାନଙ୍କର ବାସସ୍ଥାନ ବିଦ୍ୟାଳୟରୁ ୧ କି.ମି. ଦୂରତା ମଧ୍ୟରେ ହୋଇଥିବ, ଉକ୍ତ ପିଲାମାନଙ୍କ ପାଇଁ ନାମଲେଖା ଫର୍ମ ବିନା ମୂଲ୍ୟରେ ପ୍ରାପ୍ତ ହୋଇପାରିବେ। ଆବଶ୍ୟକୀୟ କାଗଜପତ୍ର ଦାଖଲ କରି ଛାତ୍ରଛାତ୍ରୀମାନେ ଉକ୍ତ ସୁବିଧା ପାଇପାରିବେ।

ପ୍ରଧାନ ଆଚାର୍ଯ୍ୟ
ବିବେକାନନ୍ଦ ଶିକ୍ଷାକେନ୍ଦ୍ର,
ବଉଳ ଗଡ଼ିଆ, ବାଲେଶ୍ୱର

ଯୋଗାଯୋଗ: ୯୯୩୭୦୪୨୭୮୭, ୮୦୧୮୯୩୦୦୪୫, ୬୩୭୨୦୫୦୬୭୫


# କପାଳେଶ୍ୱର ପଂଚାୟତରେ ଉର୍ମିଳାଙ୍କ ପ୍ରଚାର ଅଭିଯାନ

କେନ୍ଦ୍ରାପଡା,୯/୨ (ନି.ପ୍ର): କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ କପାଳେଶ୍ୱର ପଂଚାୟତରେ ସରପଂଚ ପଦବୀ ପାଇଁ ପ୍ରତିଦ୍ୱନ୍ଦିତା କରୁଥିବା ଆଶାୟୀ ପ୍ରାର୍ଥୀ ଉର୍ମିଳା ପରିଡା ପ୍ରଚାର ଅଭିଯାନକୁ ଜୋରଦାର କରିଛନ୍ତି । ଏହି ପଂଚାୟତରେ ଥିବା ୨୨ଟି ୱାର୍ଡରେ ପ୍ରଚାରକୁ ତୀବ୍ର କରି ପ୍ରତି ଭୋଟରଙ୍କ ପାଖରେ ପହଁଚିବାକୁ ଉଦ୍ୟମ ଚଳାଇଥିବା ବେଳେ ପଂଚାୟତର ବହୁ ଯୁବକ ଓ ମହିଳା ତାଙ୍କୁ ସମର୍ଥନ ଜଣାଇ ଅଭିଯାନରେ ସାମିଲ ହେଉଥିବା ଦେଖିବାକୁ ମିଳିଛି । ନିକଟରେ ଉର୍ମିଳା ଏକ ମଟର ସାଇକେଲ ର୍ୟାଲି ବାହାର କରି ବିଭିନ୍ନ ୱାର୍ଡ ବୁଲିବା ସହ ଶତାଧିକ ଯୁବକ ଏହି ଶୋଭାଯାତ୍ରରେ ଯାଇ ଭୋଟରଙ୍କ ଉପରେ ପ୍ରଭାବ ବିସ୍ତାର କରିଥିବା ଜଣାପଡିଛି । ଖୋଲାବହି ଚିହ୍ନ ତାଙ୍କୁ ମିଳିଥିବାରୁ ସମର୍ଥକ ମାନେ ହାତରେ ଖୋଲାବହି ଧରି ଭୋଟର ମାନଙ୍କୁ ଭୋଟ ଦେବାକୁ ବୁଝାଉଥିବା ଦେଖିବାକୁ ମିଳିଛି । ତେବେ ଅନ୍ୟ ପ୍ରାର୍ଥୀ ମାନଙ୍କ ଠାରୁ ସୁବିଧାଜନକ ସ୍ଥାନରେ ଥିବା ଉର୍ମିଳା ଆଗାମୀ ଭୋଟ ଗ୍ରହଣ ଦିନ ଭୋଟରଙ୍କୁ କେତେ ପରିମାଣରେ ଆକୃଷ୍ଟ କରୁଛନ୍ତି ତାହା ଦେଖିବାକୁ ମିଳିବ ।

## ଅସରପା ଘରୁ ଦୂରେଇବାର ଉପାୟ

**ଘରର ଅନ୍ୟ କକ୍ଷ ତୁଳନାରେ ରୋଷେଇ ଘରେ ଅସରପାର ଭିଡ ଅଧିକ ଦେଖିବାକୁ ମିଳେ । ନିୟମିତ ଭାବେ ରୋଷେଇ ଘର ପରିଷ୍କାର ନ କଲେ ଏମାନଙ୍କ ଦୌରାତ୍ମ୍ୟ ବଢିଥାଏ । ଅସରପା କାରଣରୁ ଆମକୁ ବିଭିନ୍ନ ରୋଗ ହେବାର ଭୟ ମଧ ବଢିଥାଏ । କୌଣସି ଖାଦ୍ୟଦ୍ରବ୍ୟର ଅସରପା ପଡିଗଲେ, ପେଟ ସମସ୍ୟା ହେବା ସହ ବଦ୍‌ହଜମି ହେଉଥିବାର ଖାଦ୍ୟ ବିଶେଷଜ୍ଞଙ୍କ ମତ । ଘରୁ ଏଇ ଅସରପାକୁ ଦୂରେଇବାର ସରଳ ଉପାୟମାନ:**

◆ରୋଷେଇରେ ବ୍ୟବହୃତ ହେଉଥିବା ତେଜପତ୍ର ଘରୁ ଅସରପା ଦୂର କରିବାରେ ବେଶ୍ ସହାୟକ । ଯେ କୌଣସି ସ୍ଥାନରେ ଏଇ ଅସରପା ଦେଖୁଛନ୍ତି, ତୁରନ୍ତ ସେଠାରେ ତେଜପତ୍ରକୁ ଜଳାଇ ରଖିଦିଅନ୍ତୁ । ଏହାର ବାସ୍ନାରେ ଘରୁ ଅସରପା ଦୂରେଇଯିବ । ଏ କାମ କଲାବେଳେ ସତର୍କ ରହିବା ଆବଶ୍ୟକ । ତେଜପତ୍ର ଜଳାଇବା ସମୟରେ ପାଖରେ ଯେପରି କପଡା, କିମ୍ବା କାଗଜ ଥିଲେ ତାହା ଫିଙ୍ଗିଦିଅନ୍ତୁ । ନଚେତ୍ ପୂରା କକ୍ଷରେ ଅଗ୍ନିକାଣ୍ଡ ହେବାର ଭୟ ଥାଏ ।

◆ରୋଷେଇଘରର ପ୍ରତ୍ୟେକ କୋଣରେ ଲବଙ୍ଗ ୨-୩ଟି ରଖିଦେବେ । ୧ ସପ୍ତାହ ମଧରେ ଏହାର ଫରକ୍ ଜାଣିପାରିବେ । ଲବଙ୍ଗର ବାସ୍ନାରେ କକ୍ଷରୁ ଅସରପା ଦୂରେଇଯାନ୍ତି ।

◆ ଗୋଟିଏ ପାତ୍ରରେ ବେକିଂ ପାଉଡର ଓ ଚିନିକୁ ସମାନ ମାତ୍ରାରେ ମିଶାଇ ରଖନ୍ତୁ । ଅସରପା ଦେଖାଯାଉଥିବା ସ୍ଥାନଯେର ଏହି ମିଶ୍ରଣକୁ ପକାଇଲେ ଅସରପା ମରିଯାନ୍ତି ।

◆ସ୍ୱାସ୍ଥ୍ୟ ପାଇଁ ହିତକାରୀ କାକୁଡି ମଧ ଅସରପାକୁ ଘରୁ ଦୂର କରିଥାଏ । କାକୁଡିକୁ ଗୋଲ ଗୋଲ କାଟି ଅସରପା ହେଉଥିବା ସ୍ଥାନରେ ରଖିଲେ ଘରୁ ଅସରପା ଦୂରେଇଯାନ୍ତି ।




## ଦୁର୍ଘଟଣାରୁ ରକ୍ଷା କରିବା 'ସେଫ୍ଟିଟ୍ରକ୍'




ବିଶ୍ୱସ୍ତରୀୟ ଏକ କମ୍ପାନୀ ଇତିମଧରେ 'ସେଫ୍ଟି ଟ୍ରକ୍'ର ଚଳାଚଳ ଆରମ୍ଭ କରିଛି । ବର୍ତ୍ତମାନ ସମୟରେ ଏହି ଟ୍ରକ୍ କେବଳ ଇଉରୋପର କେତୋଟି ରାଷ୍ଟ୍ର, ଆମେରିକାର ନ୍ୟୁୟର୍କ, କାଲିଫର୍ଣ୍ଣିଆ ଓ ଜାପାନରେ କାର୍ଯ୍ୟକାରୀ ହୋଇଥିବାର ପ୍ରକାଶ । ଆଗାମୀ ଦିନରେ ବିଶ୍ୱର ପ୍ରତ୍ୟେକ ପ୍ରାନ୍ତରେ ଏହି ଚଳାଚଳ ହେବା ବୋଲି କମ୍ପାନୀ ମୁଖ୍ୟ କହିଛନ୍ତି । କମ୍ପାନୀର ଦାମୀ ବିଦ୍ୟୁତ୍ ଉପକରଣଗୁଡିକ ନେବାଆଣିବା ନିମନ୍ତେ ବଡ଼ ଟ୍ରକ୍‌ଗୁଡ଼ିକ ବ୍ୟବହାର କରାଯାଉଥିଲା । ତେବେ ଅନେକ ସମୟରେ ଏହି ବଡ ଟ୍ରକ୍ ପାଇଁ ରାସ୍ତାରେ ଦୁର୍ଘଟଣା ହେବାରୁ ଅନ୍ୟ ଉପାୟ ମଧ ଚିନ୍ତା କରାଗଲା । ଟ୍ରକ୍‌ର ପଛପାଖେ ଏକ ବଡ ସ୍କିନ୍ ଲଗାଯିବା ସହ ସେଥିରେ ଆଗରୁ ଆସୁଥିବା ଯାନବାହନର ଲାଇଭ୍ ଦୃଶ୍ୟ ପଛରେ ଆସୁଥିବା ଚାଳକଙ୍କୁ ସ୍ପଷ୍ଟ ଭାବେ ଦୃଶ୍ୟମାନ ହେଲା । କମ୍ପାନୀ ପାଖରେ ଏବେ ମୋଟ୍ ୧୫୦ଟି ବଡ ଟ୍ରକ୍ ଅଛି । ସେଥିରୁ ୫୫ଟି ଟ୍ରକ୍‌କୁ 'ସେଫ୍ଟି ଟ୍ରକ୍' ରୂପେ ଦିଆଯାଇଛି । ଏଥି ନିମନ୍ତେ ଗୋଟିଏ ଟ୍ରକ୍ ପିଛା ଦେଢକୋଟିରୁ ଅଧିକ ଟଙ୍କା ଖର୍ଚ୍ଚ ହୋଇଥିବାର ପ୍ରକାଶ । 'ସେଫ୍ଟି ଟ୍ରକ୍'ର ଚାରିପାଖରେ ୧୧ଟି କ୍ୟାମେରା ଲାଗିଥିବା ବେଳେ ରାତିବେଳା ମଧ ଏହାର ସ୍କିନ୍ ଖୁବ୍ ଭଲଭାବେ କାମ କରିଥାଏ । ଏହି ନୂତନ ଧରଣର ଟ୍ରକ୍ ଚାଲିବାର ଏକ ଲମ୍ବା ସମୟ ଅତିବାହିତ ହୋଇଛି । ଏହା ଦ୍ୱାରା ଉପଲବ୍ଧ ହେଉଥିବା ସୁବିଧା କାରଣରୁ ମଧ ଦୁର୍ଘଟଣା ଅନେକାଂଶରେ ନିୟନ୍ତ୍ରିତ ହୋଇଥିବାର ପ୍ରକାଶ ।

## ପିଆଜ ସମ୍ପର୍କିତ ତଥ୍ୟ

**ଆଜର ଦରକୁ ନେଇ ଏବେ ଗଣମାଧ୍ୟମରେ ନିୟମିତ ଖବର ଚର୍ଚ୍ଚିତ ହେଉଛି । ହିତକାରୀ ଏଇ ପିଆଜ ବିକ୍ରି ଏବେ ଖୁବ୍ ପ୍ରଭାବିତ ହେଉଛି ।**

■ପାଖପାଖି ୫.୫୦୦ ବର୍ଷ ତଳେ ପ୍ରଥମେ ଏସିଆ ମହାଦେଶରେ ପିଆଜ ଚାଷ ଆରମ୍ଭ ହୋଇଥିଲା । ପରେ ପୂରା ବିଶ୍ୱବଜାରରେ ଏହାର ଲୋକପ୍ରିୟତା ବିସ୍ତାର ହୋଇଥିଲା ।

■ ଆଦୌ ଫ୍ୟାଟ୍ ନଥିବା ଏଇ ପରିବା ବ୍ୟଞ୍ଜନର ସ୍ୱାଦ ବଢାଇବା ସହ ନିୟମିତ ଖାଇଲେ ଶରୀରର ରୋଗପ୍ରତିରୋଧକ ଶକ୍ତି ମଧ ବଢାଇଥାଏ ।

■ବିଶ୍ୱସ୍ତରରେ ଲୋକପ୍ରିୟ ପରିବା ତାଲିକାରେ ପିଆଜ ୬ ଷ୍ଠ ସ୍ଥାନ ଅଧିକାର କରିଛି ।



■ଏହି ପରିବାର ମହୌଷଧି ଗୁଣ କାରଣରୁ ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ସେନିକମାନେ ଏହାକୁ ବହୁଳ ଭାବେ ବ୍ୟବହାର କରୁଥିଲେ । ସେତେବେଳେ ସୈନିକମାନଙ୍କ ଧାରଣା ଥିଲା ଯେ ପିଆଜ କଟାକୁ ଗୁଳି ବାଜିଥିବା ସ୍ଥାନ କିମ୍ବା ଦରଜ ଗୁଳି ବାଜିଥିବା ସ୍ଥାନରେ ମାଲିସ୍ କଲେ ରୋଗର ଉପଶମ ହୋଇଥାଏ ।

■ବିଶ୍ୱରେ ସବୁଠୁ ଅଧିକ ଆମେରିକୀୟ ଲୋକେ ପିଆଜ ଖାଉଥିବାର ପ୍ରକାଶ । ବିଭିନ୍ନ ପ୍ରକାର ବ୍ୟଞ୍ଜନରେ ଏମାନେ ପିଆଜର ଉପଯୋଗ କରିଥାନ୍ତି । ଜଣେ ସାଧାରଣ ଆମେରିକୀୟ ବର୍ଷକୁ ୮.୫ କିଲୋ ଓଜନର ପିଆଜ ଖାଉଥିବାର ଅନୁଧ୍ୟାନରୁ ଜଣାପଡିଛି ।

## ଗ୍ରୀନ୍ ଟି ପିଉଥିଲେ....

ଗତ କିଛି ବର୍ଷ ହେଲ, ସ୍ୱାସ୍ଥ୍ୟ ସଚେତନ ଲୋକଙ୍କ ନିକଟରେ ଗ୍ରୀନ୍ ଟିର ଆଦର ବଢିବାରେ ଲାଗିଛି । ଅନେକଙ୍କ ଧାରଣା ଯେ ଦିନକୁ ୯-୧୦ ଥର ଗ୍ରୀନ୍ ଟି ପିଇଲେ, ଓଜନ ତୁରନ୍ତ କମ୍ ହୋଇଥାଏ ।

➲ଖାଲିପେଟରେ ଗ୍ରୀନ୍ ଟି ପିଇବା ହାନିକାରକ। ଏହା କାରଣରୁ ଅମ୍ଳ ସମସ୍ୟା ଉପୁଜିଥିବାର ବିଶେଷଜ୍ଞଙ୍କ ମତ । ଅଳ୍ପ କିଛି ଖାଦ୍ୟ ଖାଇବା ପରେ ହିଁ ଆପଣ ଗ୍ରୀନ୍ ଟି ପିଅନ୍ତୁ । ୧କପ୍ ଗ୍ରୀନ୍ ଟିରେ ୨୪-୨୫ ଏମ୍.ଜି କେନ୍ ମହଜୁଦ୍ ଥାଏ । ଏହା କାରଣରୁ ଦିନକୁ ୪-୫ ଥର ପିଇବା ଦ୍ୱାରା ଶରୀରରେ କେଫିନ୍‌ର ମାତ୍ରା ବଢିଯାଏ । ଯାହାର ପରିମାଣ ହୋଇଥାଏ, ମୁଣ୍ଡ ବୁଲାଇବା, ବାନ୍ତି ହେବା, ବ୍ୟସ୍ତ ଲାଗିବା ଇତ୍ୟାଦି । ଭୋଜନ କରିବା ସମୟରେ ମଧ ଗ୍ରୀନ୍ ଟି ପିଅନ୍ତୁ ନାହିଁ । କାରଣ ଏଥିରେ ମହଜୁଦ୍ ଥିବା କେଟ୍‌କିନ୍ ତତ୍ତ୍ୱ ଶରୀରରୁ ଲୌହ ଅବଶୋଷ କରିଥାଏ ।



➲ଔଷଧ ଖାଉଥିବାବେଳେ ଗ୍ରୀନ୍ ଟି ପାଇବା ସ୍ୱାସ୍ଥ୍ୟ ପାଇଁ ହାନିକାରକ । ଏଭଳି କଲେ ମଧ ଆପଣଙ୍କ ସ୍ୱାସ୍ଥ୍ୟ ହାନି ହେବାର ଭୟ ବଢେ ।

➲ଗର୍ଭବତୀ ଥିବା ସମୟରେ ଓ ପିଲାକୁ ସ୍ତନ୍ୟପାନ କରାଉଥିବା ମା'ମାନେ ଏହି ପାନୀୟ ନ ପିଇବା ଉଚିତ୍ । ଏହାର ପ୍ରଭାବ ଶିଶୁ ଉପରେ ପଡିଥାଏ ବୋଲି ବିଶେଷଜ୍ଞଙ୍କ ମତ ।

# ଆସର କବିତା

**ଉଦଳାଠାରେ ଅନୁଷ୍ଠିତ ଧ୍ୱନିପ୍ରତିଧ୍ୱନି ପାଠଚକ୍ରରେ ପଠିତ କବିତା**

### ଅଭିବ୍ୟକ୍ତି
**ତ୍ରିଲୋଚନ ରଥ**

ଜାଣିଛ କି ବଂଧୁ ଯାହାର ମହକେ
ସୁବାସିତ ହୁଏ ହୃଦ ଗହ୍ୱର
ଛୁଁଇଛ କି ତାଙ୍କୁ ସ୍ୱର୍ଶ କରିଲେ
ଶିହରଣ ବାଗେ ତନୁରେ ଯାର
ଜାଣିଛ କି କେବେ ସେ ଆସ୍ୱାଦନରେ
କ୍ଷୁଧା ତୃଷା ସବୁଯାଏ ଉଭାଇ
ତାର ସଦର୍ଶନେ ମାନସ ପଟରେ
ଉଙ୍କିମାରେ ନବ ଜ୍ୟୋତି ତୁହାଇ
ସେ ଶବ୍ଦ ଶ୍ରବଣେ ଗୁଂଜରଣ ଖେଳେ
ନୂଆ ଉଦ୍ଦୀପନା ହୁଏ ଜାଗ୍ରତ
ଧ୍ୱନି ପ୍ରତିଧ୍ୱନି ନାଁ ଅଟେ ତାର
ଭାସିଯାଆ ଥରେ ଧରି ସେ ସ୍ରୋତ
ସେ ସ୍ରୋତରେ ଭାସି ତା'ଢ଼େଉରେ ହଜି
ଅଭିବ୍ୟକ୍ତି ତୋର କର ବ୍ୟକତ
ଚିହ୍ନିବ ତୋତେ ଏ ସଂସାର ....
ସାକାର କର ତୋ ସ୍ୱପ୍ନ ସତତ।

♥ ରଥ ଭବନ, ୱାର୍ଡ଼ ନଂ-୪
ସୁବୁଦ୍ଧି ବନ୍ଧ, ଉଦଳା, ମୟୂରଭଂଜ
ମୋ: ୯୮୬୧୪୬୭୨୩୦

### ପ୍ରେମ
**ରକ୍ମଣୀ ସାହୁ**

ପ୍ରେମ ଶବ୍ଦହୀନ ଭାଷା ହୀନ
ଏହା ପ୍ରତ୍ୟାଶା ରହିତ ଏକ ସମର୍ପଣ
ନାହିଁ ଏଠି ପରିଭାଷା
ନାହିଁ ଶବ୍ଦର ବର୍ଣ୍ଣନା
ଏହା ସୂକ୍ଷ୍ମ ଅଦୃଶ୍ୟ ଖିଅରେ ବନ୍ଧା
ଏକ ମଧୁର ଅନୁଭୂତି
ଯିଏ ବାନ୍ଧି ରଖେ
ଦୁଇଟି ଭିନ୍ନ ହୃଦୟକୁ
ବିପରୀତ ଅସ୍ତିତ୍ୱକୁ
ନୈସର୍ଗିକ ଦୁଇଟି ଆତ୍ମାକୁ
ପିତା ମାତା ଭାଇ ଭଗ୍ନୀ
ସ୍ୱାମୀ ସ୍ତ୍ରୀ ପ୍ରେମିକ ପ୍ରେମିକା
ହୃଦୟର ମିଳନକୁ
ଅନୁଭବ କରେ ଅତ୍ମାର
ସ୍ୱର୍ଗୀୟ ସତ୍ତାକୁ।

♥ ଉଦଳା, ମୟୂରଭଂଜ।





### ମୁଁ-ତୁମେ-ସିଏ
**ଡ. କୁମାର ତ୍ରିପାଠୀ**

ହଜିଗଲା ସିଏ ଅଦିନରେ କେବେ
କେହିବି ଜାଣିଲେ ନାହିଁ
ଅବେଳେ ମିଆଦ ପୂରି ଯାଇଥିଲା
ମୁଁ, ତୁମେ, ସିଏ କୁହାକୁହି।

ମୁଁ କହିଥିଲି ଫେରି ଆସିବୁ ତୁ
ଗଣୁଛି କେ'ଦିନୁ ତୋର ଦିନ
ତୁମେ କହିଥିଲ ଯିବା ବା କୁଆଡ଼େ
ଫେରିବାକୁ ଯଦି ଥିବ ମନ।

ସିଏ କହିଥିଲା କହି ପାରୁନି ମୁଁ
ଦେଖିବା କିମିତି ଦିନ ଯାଉଛି
ହୁଏତ ଫେରିବି ନ ଫେରି ପାରେ ମୁଁ
ତଥାପି ସବୁକୁ ଝୁରି ହେଉଛି।

ହେଲେ ହେଲାନାହିଁ ସବୁ ରହିଗଲା
ଅଧା ବାଟ ଆଉ ଅବାଟରେ
କାହାର ଆକଟ ସିଏ ମାନିନେଲା
କେହି ନ ଜାଣିଲେ କ୍ଷଣକରେ।

ଓଲଟି ଗଲା ତା ଦୁନିଆର ଚିତ୍ର
ରହିଗଲା ସିଏ କେତେ ପଛରେ
ମୁଁ-ତମେ-ଆମେ କୁହାକୁହି ହେଲୁ
ପଛକୁ ନ ଚାହିଁ ଥିଲୁ ଆଗରେ।

ସେଇ ଯେ ରହିଲା ରହିଗଲା ସିଏ
ଆଉ ନ ପାରିଲା ଆଗକୁ ଆସି
ତଥାପି ଝୁରୁଛୁ ମୁଁ ଆଉ ତୁମେ
ଅବେଳରେ କେବେ ପାଖରେ ବସି।

♥ ଉଦଳା, ମୟୂରଭଂଜ

### ଫୁଲଟିଏ
**ଅବନ୍ତୀ ବେହେରା**

ମୁଁ ଫୁଲଟିଏ ହୋଇ ଫୁଟିଚି
ଲତାରେ ସରାଗେ ଲୋଟିଚି
ରଂଗ ଚହଟାଇ ବାସ ମହକାଇ
ସଭିଙ୍କ ମନକୁ ତୋଷିବି।

ମୁଁ ନଈଟିଏ ହୋଇ ବୋହିବି
କୁଳୁକୁଳୁ ଗୀତ ଗାଇବି।
ଜଳ କରି ଦାନ ରଖିବି ଜୀବନ
କ୍ଷେତରେ ଫସଲ ଥୋଇବି।

ମୁଁ ପକ୍ଷୀଟିଏ ହୋଇ ଉଡ଼ିବି
ସାରା ଆକାଶରେ ବୁଲିବି।
ମୁକତି ଜୀବନ କରି ମୁଁ ଯାପନ
ମୁକତ ବାରତା ବାଢ଼ିବି।

ମୁଁ ଆକାଶେ ସୂରୁଜ ବନିବି
ଆଲୁଅ ମୁରୁଜ ବୁଣିବି
ଋତୁ ମାସ ଦିନ କରି ମୁଁ ଭିଆଣ
ଜଗତର ସେବା କରିବି।

ମୁଁ ଜନନୀ-ଧରିତ୍ରୀ ହୋଇବି
ସଭିଙ୍କର ଭାରା ବୋହିବି
ପରୋପକାରିତା ସହନଶୀଳତା
ଗୁଣ ସବୁ କାନେ କହିବି।

♥ ମୋ: ୯୩୩୭୪୪୦୬୫୧

### ନିଦ୍ରା
**କ୍ଷଣପ୍ରଭା ଜେନା**

ନିଦ୍ରା ! ତୁମେ ମୋର ନିରବ ପ୍ରେମିକା
ତୁମ ବାହୁ ଛାୟାର ବନ୍ଧନ
ଆହା ସତେ ପ୍ରିୟତମାର ଚୁନା ଚୁନା ଚୁମ୍ବନ
ସୁପ୍ତ ଶଯ୍ୟାରେ ବୁଣିଦିଏ ବିନ୍ଦୁ ବିନ୍ଦୁ ଚନ୍ଦନ
ଯେବେ ହୁଏ ତୁମର ଆଗମନ
ଅନିନ୍ଦ୍ୟ ସୁନ୍ଦର ତୁମେ ଚୁପି ଚୁପି ଆସ
ସମୟ ଅସମୟ କାହାରି ମାନି ନଥାଅ
ବାଧାବନ୍ଧନ
ଅପେକ୍ଷାର ରାସ୍ତା ଡେଇଁ ଚାଲିଆସ
ସବୁ ଦୁଃଖ କ୍ଳାନ୍ତି ଅବସାଦକୁ ସାଉଁଟି ନେଇ
ଫିକ୍ ଫିକ୍ ହସି ହସି କହୁଥାଅ
ଆସ ମୋ ପାଖକୁ ଆସ।
ମୋ ବୁକୁର ତୁଳାଶେଯେ
ଶୋଇଯାଅ, ଆଉ ଶୋଇଯାଅ
ଆଉ ବିଳମ୍ବ କରନାହିଁ,
ଜମା ବିଳମ୍ବ କରନାହିଁ
ମୁଁ ଅଳ୍ପାୟୁଷର ନିର୍ଜୀବଟିଏ
ଆସେ ଆଉ ଚାଲିଯାଏ।
ମୁଁ ଏଇଠି ଅଛି ଆଉ ଏଇଠି ନଥାଏ
ନିଦ୍ରା ! ତୁମେ ମୋର ବିଷାଦିତ ମନର
ନିଆରା ସାନ୍ତ୍ୱନା
ଅସହାୟ ମନର ଅସଂଖ୍ୟ ପ୍ରେରଣା
ତୁମେ ଅଛ ସାଥେ ସାଥେ ମୋର
ଏନ୍ତୁଡ଼ିରୁ ଶବଯାଏ, ଶବରୁ ଭସ୍ମ ହେବାଯାଏ
ଏ ଜୀବନର ସାଥୀ, ପ୍ରୀତି ପ୍ରେମ
କେ ନୁହଁ କାହାର, ସବୁତ କ୍ଷଣିକ
ହେଲେ ତୁମେ ମୋର ଅତି ଆପଣାର
ତମର ସେ ନୀରବ ପ୍ରେମର ଶୀତଳତାରେ
ମୁଁ ଭୁଲିଯାଏ ଜୀବନର ଦୁଃଖ, କ୍ଳାନ୍ତି ଓ ବିଷାଦ
ହଜିଯାଏ ତୁମେ ଆଣିଥିବା ସୁନେଲି ସ୍ୱପ୍ନରେ
ଆଖି ମୋର ମୁଦି ହୋଇଯାଏ, ମନଟା ଖୁବ୍
ହାଲକା ହୋଇଯାଏ
ଚିରନ୍ତନ ନହେଲେ ବି ସଂକ୍ଷିପ୍ତ ସୁଖର ଝଲକରେ।
ଆତ୍ମା ଶାନ୍ତି ହୋଇଯାଏ ପରମ ଶାନ୍ତି ମିଳିଯାଏ
ନିଦ୍ରା ! ତୁମେ ସବୁ ଜୀବ ଜଗତର ବନ୍ଧୁ
ଆହା ପ୍ରଭୁ ତୁମ ସାଥେ ଦେଇଛନ୍ତି
କି କରୁଣାର ସିନ୍ଧୁ
ଆସୁ ଆସୁ ତୁମେ ଛୁଁ ମନ୍ତର କରିଦିଅ ଯେମିତି
ଅସାର ସଂସାରର ଲାଞ୍ଛନା, ତାଡ଼ନା ଭର୍ତ୍ସନାର
ପୂର୍ଣ୍ଣଚ୍ଛେଦ ଦେଇ ସମସ୍ୟାର ସମାଧାନ କରିଦିଅ
ତୁମର ଜଡ଼ତାର ସ୍ୱର୍ଶରେ ସବୁ ଯେମିତି
ଉଭେଇଯାଏ
ଭୟ, ଭ୍ରାନ୍ତି, ଦୁଃଖ, ଅବସାଦ ଓ କ୍ଳାନ୍ତି
ଚୁପି ଚୁପି ତୁମେ ପ୍ରବୋଧନା ଦେଇ କହୁଥାଅ
ଆସ ଟିକେ ବିଶ୍ରାମ ନେଇଯାଅ
ଧୈର୍ଯ୍ୟଧର, ଶୋକ କରନାହିଁ, ସାହସୀ ହୁଅ
ଜୀବନର ଅନ୍ୟ ନାମ ତ ଯନ୍ତ୍ରଣା
ଦୁଃଖ ସୁଖ ଦୁନିଆର ରୀତି, ଆଜି ଅଛି କାଲି ନଥିବ
ହେ ନିଦ୍ରା ତୁମଠାରେ ଅଛିକି କାଉଁରୀ ଶକ୍ତି।
ରାତ୍ରି ହେଉ ବା ଦିବସ, ହେଉ ଅନ୍ଧାର ବା ଆଲୁଅ
ଖରା ହେଉ ବା ଶୀତ, ବର୍ଷା ଅବା ବସନ୍ତ
ସବୁ ସମୟ ଦୁଃସମୟର ପାଚେରୀ ଠେଲି
ତୁମେ ଆସିଥାଅ,
ଆଉ ଜୀବନକୁ ଏକ ସ୍ୱପ୍ନ ରାଜ୍ୟକୁ
ନେଇଯାଅ। ସ୍ୱପ୍ନ ରାଜ୍ୟର ସମ୍ରାଟ କରି
ପରୀରାଣୀର ସୁଖ ଆଣିଦିଅ।
ନାନାବିଧ ଗଳ୍ପ କାହାଣୀରେ ମନେଇ ଦିଅ,
ଶୁଆଇ ଦିଅ।
ତେଣୁ ହେ ନିଦ୍ରା ତୁମକୁ କରୁଛି ମୁଁ ଶତ ଧନ୍ୟବାଦ
ତୁମେ ମୋର ସାଥେ ସାଥେ ଥାଅ,
ନିଶ୍ୱାସର ଶେଷ ସ୍ପନ୍ଦନ ଯାଏ।
ତୁମେ ଆସି ଚାଲିଯାଅ ପଛେ।
ଶୀତଳତାର ପରଶ ଦିଅ
ମୋର ନିରବ ପ୍ରେମିକାଟିଏ ହୋଇ ରହିଥାଅ
ତୁମେ ରହିଥାଅ।

♥ ମାର୍ଫତ: ଚକ୍ରଧର ନାୟକ, ପିଙ୍ଗୁ
ମୟୂରଭଂଜ

### ହିତବାଣୀ
**ଶ୍ରୀକାନ୍ତ ପ୍ରସାଦ ବେହେରା**

(୧)
ଶବ ପୋଡ଼ା ହେବ ସ୍ୱର୍ଗଧାମେ ମୋର
ଏକଥା କହୁଛି ପୁଅ।
ଚୋରି, ଠକାମି, ମୁଁ କରିବି ଏଣିକି
ପାପ ପାଇଁ ନାହିଁ ଭୟ।

(୨)
ବୁଢ଼ା ଲୋକଠୁଁ ନମ୍ରତା ଶିଖ
ଚାଲୁଛି ନଇଁ ନଇଁ
ଘଡ଼ି ପାଖରୁ ପ୍ରଗତି ଶିଖ
ଚାଲେ ସେ ଧାଇଁ ଧାଇଁ।

(୩)
ବହି ପଢ଼ି କିସ ଲାଭ ନ ପାରିଲେ ବୁଝି
ଋଣ କରି କିସ ଲାଭ ନ ପାରିଲେ ଶୁଝି।

(୪)
ଦାନ ଦେଇ ଯିଏ ଖୋଜେ ପ୍ରତିଦାନ
ଭାବିବ ସେ ଦାନ ଅଟେ ଅପମାନ।

(୫)
କୁକୁଡ଼ା ପାଳିବା ମାନେ ମାଉଁସ
ବୟସ ବଢ଼ିବା ମାନେ ପାଉଁଶ।

(୬)
ଦୂରେ ଥାଇ ତାରା ଦିଏନି ଆଲୁଅ
ଲୋଡ଼ା ହୁଏ ନାହିଁ ଦୂରେ ଥିଲା ପୁଅ।

♥ ଉଦଳା, ୱାର୍ଡ଼ ନଂ- ୭,
ମୟୂରଭଂଜ
ମୋ: ୯୦୭୮୨୮୭୪୯୪

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ସ୍ଥିତି ଅସମ୍ଭାଳ...

ପୃଥିବୀସାରା ଅଦୃଶ୍ୟ ଭୂତାଣୁ ସଂକ୍ରମଣ ସମଗ୍ର ମାନବ ଜାତିକୁ ଅସ୍ତବ୍ୟସ୍ତ କରିବସିଲାଣି । ଏହି ସଂକ୍ରମଣ ବିଭିନ୍ନ ରୂପରେ ଉଭା ହୋଇ ଯେମିତି ମଣିଷ ସହ ଲୁଚକାଳି ଖେଳୁଛି । ପ୍ରକୃତି ପ୍ରତି ଅବିଚାର କଲେ ଆମକୁ ପ୍ରତିଫଳ ଭୋଗିବାକୁ ହୋଇଥାଏ । ମାତ୍ର ଅଦୃଶ୍ୟ ଭୂତାଣୁ କାଳେ ମନୁଷ୍ୟକୃତ ବିପ୍ଳାତ, ତେଣୁ ତାହାର ପ୍ରତିଫଳ ସମସ୍ତଙ୍କୁ ଆକ୍ରାନ୍ତ କରିସାରିଛି । ଏହି ବିଚାରର ସତ୍ୟତା ଜାଣିବା ସକାଶେ ଅଧିକ ଶକ୍ତି ଖଟାଇବାକୁ ଏବଂ ସମୟ ଦେବାକୁ ପଡ଼ିପାରେ । କେମିତି ଏହି ବିଷମ କାଳକୁ ଅତିକ୍ରମ କରିହେବ, ତାହା ନେଇ ସବୁ ମହଲ ଚିନ୍ତାରେ ଥିବା ସ୍ୱାଭାବିକ୍ । ତାହାରି ଭିତରେ ବହୁ କିଛି ଘଟଣା ଘଟିଚାଲିଛି, ଯାହା ବିଚଳିତ କରିବା ଭଳି ହେଉଛି । ଯେମିତି ୟୁକ୍ରେନ୍ ନେଇ ରୁଷ-ନାଟୋ ଯୁଦ୍ଧ ସକାଶେ କମର କଷିବା, ଇସ୍ରାଏଲୀ ସଂସ୍ଥା ପେଗାସସ୍ ଦ୍ୱାରା ଗୁପ୍ତଚର ଗିରି ଏବଂ ବହୁ ପ୍ରସଙ୍ଗ । ପ୍ରକୃତି ଯେତିକି ଦାଉ ସାଧିବା କଥା ସାଧୁଛି । ପ୍ରକୃତିଛଡ଼ା ମଣିଷ ବିପକ୍ଷ ବା ପ୍ରତିପକ୍ଷ ବୋଲି ବିଚାରୁଥିବା ବ୍ୟକ୍ତି ବା ଅନୁଷ୍ଠାନ ବିରୋଧରେ କଳ-ବଳ-କୌଶଳ ଖଟାଇବାକୁ ପଛାଉ ନାହିଁ । ମହାସଂକ୍ରମଣ ଜନିତ ପୀଡ଼ାକୁ ହଜମ କରିନେବାକୁ ପଛାଉ ନାହିଁ । ମହାସଂକ୍ରମଣ ଜନିତ ପୀଡ଼ାକୁ ହଜମ କରିନେବାକୁ ପ୍ରସ୍ତୁତ ମଣିଷ ଯୁଦ୍ଧ ବିଗ୍ରହ ପାଇଁ ତୟାର ହେବା ଯେମିତି କାହାରିକୁ ଆଶ୍ଚର୍ଯ୍ୟ କରୁନାହିଁ, ସେମିତି ଲୋକଚରିତ୍ରରେ ଆସିଥିବା ପରିବର୍ତ୍ତନ କାହାକୁ ବିସ୍ମିତ କରୁନାହିଁ । କଥାରେ ଅଛି: ବୁଣି ଥିଲେ ଦାଇ । ଆମେ ଯେଉଁ ମଞ୍ଜି ବୁଣିଥିବା, ତାହାର ଫଳ ଆମେ ଅବଶ୍ୟ ଭୋଗିବା । ତାହା ଯଦି ବିଷମଞ୍ଜି ହୋଇଥିବ, ଉଠିଥିବା ବିଷବୃକ୍ଷ ସେହି ଅନୁସାରେ ମନ୍ଦ ଫଳ ଦେବ । ଏହି ନିୟମକୁ କେହି ଲଂଘି ପାରିବେ ନାହିଁ, ତେ ଶକ୍ତିଶାଳୀ ହୁଅନ୍ତୁ ପଛେ । ଏହା ଇତିହାସରେ ଛୋଟ ବଡ଼ ଉଦାହରଣ ହୋଇ ରହିଛି । ଦୁଇ ଦୁଇଟି ବିଶ୍ୱଯୁଦ୍ଧ ଦେଖିସାରିଥିବା ମାନବ ସମାଜ ମହାଶକ୍ତିଙ୍କର ରଣକଣ୍ଡୁ ଦେଖି ହତଚକିତ ହେବାରେ ଲାଗିଛି । ଇସ୍ରାଏଲ ଭଳି ସାମରିକ ପ୍ରଯୁକ୍ତିରେ ଉନ୍ନତ ଦେଶ ସହ ବହୁକାଳର ବୈରତା ସମାପ୍ତ କରିବା ପରେ ଭାରତ ଏବେ ସେହି ଦେଶର ଗୁଇନ୍ଦା ଚକ୍କରରେ ଫସିଗଲା ଭଳି ଲାଗୁଛି । ପାଲେଷ୍ଟାଇନ୍ ମୁକ୍ତି ସଂଗ୍ରାମ ପ୍ରତି ଭାରତର ସମର୍ଥନର ଦୀର୍ଘ ଇତିହାସକୁ ପଛରେ ପକାଇଦେଇ ଆମେ ଇସ୍ରାଏଲ ସହ କଥିତ ମିତ୍ରତାର ବନ୍ଧନରେ ବାନ୍ଧିହେଲୁ । ଗୁଇନ୍ଦାଗିରି ଓ ପ୍ରଚଣ୍ଡ ଅସ୍ତ୍ରଶକ୍ତିର ଅଧିକାରୀ ସେହି ଦେଶର ପେଗାସସ୍ ହେଉଛି ଏଭଳି ସଂସ୍ଥା, ଯାହା ସ୍ପାଇୱେର୍ ବା ଗୁପ୍ତଚରଗିରିରେ ବ୍ୟବହୃତ ହୋଇଥାଏ । ଯେଉଁ ଦେଶ ବା ସଂସ୍ଥା ତାହାର ସେବା ବ୍ୟବହାର କରିବ, ତାକୁ ସେ ବାବଦରେ ବିପୁଳ ଧନରାଶି ଦେବାକୁ ପଡ଼ିଥାଏ । ସେହି କ୍ରମରେ ଭାରତ ସରକାର ୨୦୧୭ରେ ଦୁଇ ବିଲିଅନ୍ ମାର୍କିନ୍ ଡଲାର ଦେଇ ପେଗାସସ୍‌ର ସେବା କ୍ରୟ କରିଥିଲେ । ପେଗାସସ୍‌କୁ ଭାରତ ସରକାର କିଣିବା ପରେ ବିରୋଧୀ ନେତା ଓ ପ୍ରତିପକ୍ଷ ଶିବିରର ସକ୍ରିୟ ନେତୃବର୍ଗଙ୍କ ବିରୋଧରେ ନିୟୋଜିତ କରିବା ନେଇ ଅଭିଯୋଗ ଆଧାରରେ ସଂସଦ ଉଠିଲା ପଡ଼ିଲା । ମାତ୍ର ସରକାର ଅଭିଯୋଗକୁ ବାଏଁ ବାଏଁ ଉଡ଼ାଇଦେଇ ଏଭଳି ବହୁ ଦେଶ ପେଗାସସ୍‌ର ସେବା ନେଉଛନ୍ତି କହି ସେଥିରେ କିଛି ଭୁଲ୍ ନଥିବା ଦର୍ଶାଇଲେ । ଏବେ ପୁଣି ତାହାକୁ ନେଇ ଝଡ଼ ଉଠିବାରୁ ସର୍ବୋଚ୍ଚ ନ୍ୟାୟାଳୟ ଅଧିକ ତଥ୍ୟ ତଲବ ସହ ଖୋଳତାଡ଼ ପାଇଁ ରାସ୍ତା ଫିଟାଇଛନ୍ତି । ଯୁକ୍ତରାଷ୍ଟ୍ର ଓ ଅନ୍ୟ ବହୁ ରାଷ୍ଟ୍ରରେ ନିୟୋଜିତ ଏହି ଗୁଇନ୍ଦା ସଂସ୍ଥା ପାଇଁ ଭାରତର ମାତ୍ରାଧିକ ଆଗ୍ରହ ସମ୍ପର୍କରେ ଅଧିକାଂଶ ପ୍ରଶ୍ନକୁ ବହିର୍ବ୍ୟାପାର ମନ୍ତ୍ରଣାଳୟର ନିରବତା ରହସ୍ୟପୂର୍ଣ୍ଣ ମନ ହେବା ସ୍ୱାଭାବିକ । ଶାସକ ଓ ବିରୋଧୀ ପକ୍ଷର ଜଣାଶୁଣା ବ୍ୟକ୍ତିଙ୍କ ବିରୋଧରେ ଗୁପ୍ତଚରଗିରି କିଛି ନୂଆ ନୁହେଁ । ମାତ୍ର ବିଦେଶୀ ସଂସ୍ଥାକୁ ନିଜ ଦେଶର ବ୍ୟକ୍ତିବିଶେଷଙ୍କ ବିରୋଧରେ ଲଗାଯିବାର ସମୀଚୀନତା ନେଇ ଅବଶ୍ୟ ପ୍ରଶ୍ନ ଉଠିବା ଯଥାର୍ଥ । ଏପରିକି ଭସ୍ମାସୁର ନ୍ୟାୟରେ ଏବେ ଇସ୍ରାଏଲୀ ନେତାମାନଙ୍କୁ ହଲାପଟା କରୁଥିବା ପେଗାସସ୍ କାହିଁକି ଆମର ବିରୋଧୀ ନେତାଙ୍କ ଭଳି ସରକାରୀ ପକ୍ଷ ନେତାଙ୍କ ବିରୋଧରେ ଲାଗିନଥିବ, ତାହା କିଏ କହିପାରେ ? ଏହି ସ୍ଥିତିରେ ଆମକୁ ବୁଝିବାକୁ ପଡ଼ିବ ଯେ, ଯେମିତି ବୁଣିଥିବା ଆମକୁ ସେମିତି ଫସଲ କାଟିବାକୁ ହେବ । କରୋନା ଭଳି ଅଦୃଶ୍ୟ ଶତ୍ରୁ ପରି ମଣିଷ ଭିତରେ ଆସ୍ଥାନ ଜମାଇଥିବା ବିଦ୍ୱେଷର ପରିଣତି ସେଭଳି କାହିଁକି ନହେବ ?

# ଆଦିକବି



ଅକ୍ଷୟ କୁମାର ରାଉତ

ସାରଳା ଦାସ ଅଭିବକ୍ତ କଟକ ଜିଲ୍ଲାର ଜଙ୍ଗେରପୁରସ୍ଥିତ କନକବତୀ ପାଟଣା ନିକଟସ୍ଥ ଚନ୍ଦ୍ରଭାଗା ନଦୀକୂଳରେ ଥିବା ସାରୋଳ ବା କାଳିନାଗ ଗ୍ରାମରେ ପଂଚଦଶ ଶତାବ୍ଦୀରେ ଜନ୍ମଗ୍ରହଣ କରିଥିଲେ । ତାଙ୍କର ପିତା ଜଣେ ପ୍ରଧାନ କୃଷିକାରୀ ଓ ଗ୍ରାମୀଣ ବ୍ୟକ୍ତି ଥିଲେ । ବାଲ୍ୟକାଳରେ ସାରଳା ଦାସଙ୍କର ନାମ ଥିଲା ସିଦ୍ଧେଶ୍ୱର ପରିଡା (ସ୍ୱାଇଁ) ପିତା, ମାତା ଓ ଚାରିଭାଇଙ୍କ ସହିତ ନିଜର ବାଲ୍ୟ, ଶୈଶବ ଓ ଯୌବନ ଜୀବନ ଅତିବାହିତ କରିଥିଲେ । ତାଙ୍କର ବଡ଼ଭାଇ ପର୍ଶୁରାମ ପରିଡା ଜଙ୍ଗେରପୁର ନିକଟରେ ପ୍ରବାହିତ ହେଉଥିବା ଚନ୍ଦ୍ରଭାଗା ନଦୀର ଘାଟ ନେଇଥିଲେ । ପର ଅବସ୍ଥାରେ ପର୍ଶୁରାମ ପରିଡା କନକପୁରକୁ ଉଠିଆସି ଘରଟିଏ କରି ରହିଲେ । କିନ୍ତୁ ସିଦ୍ଧେଶ୍ୱର ସାରଳା ମା'ଙ୍କ ଚରଣାବିନ୍ଦରେ ଗଭୀର ଭକ୍ତି ଢ଼ାଳି ଦେଇ ସେବାରତ ଥିଲେ । ସେ ସମୟରେ ଚାଟଶାଳୀର ସୁବିଧା ନଥିବାରୁ ନିଜ ଚେଷ୍ଟାରେ ଅଧ୍ୟୟନ କରିଥିଲେ । ଓଡିଆରେ ମିଳୁଥିବା କୋଇଲି ଚଉତିଶା ଅନ୍ୟ କେତେ ଖଣ୍ଡ କ୍ଷୁଦ୍ର କବିତା ପଢ଼ିଥିଲେ । ଏତିକିରେ ତାଙ୍କର ଶିକ୍ଷାଜୀବନର ପରିସମାପ୍ତି ଘଟିଥିଲା ।

ସିଦ୍ଧେଶ୍ୱର ଯୌବନରେ ପଦାର୍ପଣ କଲାପରେ, ଗୀତ ରଚନା କରି ନିଜେ ଗୀତ ବୋଲୁଥିଲେ । ପର ଅବସ୍ଥାରେ ପୌରାଣିକ କାହାଣୀ ଗୁଡିକ ଶୁଣି, ପୁରାଣ ପଢ଼ିବାକୁ ଆଗ୍ରହ ପ୍ରକାଶ କରିଥିଲେ । ସଂସ୍କୃତ ଶିଖି ନଥିବା ଅପଣ୍ଡିତ ସିଦ୍ଧେଶ୍ୱର ସଂସ୍କୃତ ପଢ଼ିବା ଓ ଲେଖିବା ଏକ ଆଶ୍ଚର୍ଯ୍ୟ ଘଟଣା ଥିଲା । ବିଲରେ ଚାଷ ପାଇଁ ହଳ ବୁଲାଉଥିବା ସମୟରେ ସିଦ୍ଧେଶ୍ୱର ସୁନ୍ଦର ଗୀତ ନିଜ ମନରୁ ରଚନାକରି ବୋଲନ୍ତି । ଏହି ସମୟରେ ସେ ଆତ୍ମହରା ହୋଇପଡନ୍ତି । ସେ 'ମନାଇ ଚଉତିଶା' ନାମକ ଏକ ଗୀତ ରଚନା କରିଥିଲେ । ଦିନକର ଘଟଣା ସିଦ୍ଧେଶ୍ୱର ହଳ ବୁଲାଉଥାନ୍ତି ଓ ଗୀତ ବୋଲୁଥାନ୍ତି, କିନ୍ତୁ ପଦ ମନେପଡିଲା ନାହିଁ । ଯେତେ ଚେଷ୍ଟା କଲେ ମଧ୍ୟ ତାଙ୍କର ସେହି ଗୀତର ପଦ ମନେପଡିଲା ନାହିଁ । ଅତି ବିଚଳିତ ଅବସ୍ଥାରେ ତାଙ୍କର ଇଷ୍ଟଦେବୀ ସାରଳାଙ୍କୁ ମନେ ପକାଇଲେ । ମା ସାରଳା ଭକ୍ତ ଅନ୍ତରର ଭକ୍ତି ମାଧ୍ୟମରେ ଏକ ନାରୀ ମୂର୍ତ୍ତିଟି ହୋଇ ସିଦ୍ଧେଶ୍ୱରଙ୍କ ସମ୍ମୁଖରେ ଆବିର୍ଭୂତ ହୋଇ କହିଲେ 'ତୁ ଗୀତ ବନ୍ଦକଲୁ କାହିଁକି? ମୁଁ ତୋ ଗୀତ ଶୁଣୁଥିଲି, ତୁ ଗୀତ ବୋଲି ଚାଲେ ସବୁ ମନେପଡିଯିବ । ତୋ ଗୀତ ମୋତେ ବହୁତ ଭଲଲାଗେ, ତୁ ମହାଭାରତ ରଚନା କରିପାରିବୁ, ଏହା କହି ନାରୀ ମୂର୍ତ୍ତିଟି ଅନ୍ତର୍ଦ୍ଧାନ ହୋଇଗଲେ।

ସେ ସମୟରେ ଓଡିଶାର ଗଜପତି ଥିଲେ ସୂର୍ଯ୍ୟବଂଶର ପ୍ରଥମ ସମ୍ରାଟ କପିଳେନ୍ଦ୍ର ଦେବ । ତାଙ୍କର ସାମ୍ରାଜ୍ୟ ଗଙ୍ଗାଠାରୁ କାବେରୀ ପର୍ଯ୍ୟନ୍ତ ଲମ୍ବିଥିଲା । ସିଦ୍ଧେଶ୍ୱର ମା ସାରଳାଙ୍କ ପୂଜା ଅର୍ଚ୍ଚନାରେ ନିଜକୁ ନିୟୋଜିତ କରିଥିଲେ । ଅନୁମାନ କରାଯାଏ ସିଦ୍ଧେଶ୍ୱର କପିଳେନ୍ଦ୍ର ଦେବଙ୍କ ସୈନ୍ୟ ବିଭାଗରେ ଯୋଗଦେଇ ବିଭିନ୍ନ ଯୁଦ୍ଧର ଅନୁଭୂତିକୁ ପର ଅବସ୍ଥାରେ ମହାଭାରତରେ ବର୍ଣ୍ଣନା କରିଥିଲେ । ସୈନ୍ୟଦଳରୁ ଆସି ପୁରୀର ଯମେଶ୍ୱର ଲିଙ୍ଗଙ୍କ ମନ୍ଦିରରେ କିଛିକାଳ ଅବସ୍ଥାନ କରିଥିଲେ । ସେ ସମୟରେ ସଂସ୍କୃତ ପଣ୍ଡିତମାନଙ୍କର ପ୍ରଭାବ ଯଥେଷ୍ଟ ଥିଲା । ପୁରୀରେ ସଂସ୍କୃତ କାବ୍ୟ ଓ ନାଟକ ଚର୍ଚ୍ଚାରେ ସିଦ୍ଧେଶ୍ୱରଙ୍କୁ କେହି ଅଂଶ ଗ୍ରହଣ କରାଇ ଦେଉନଥିଲେ । ଏହିପରି ଅସହାୟ ମୂହୂର୍ତ୍ତରେ ଇଷ୍ଟଦେବୀ ସାରଳା ସିଦ୍ଧେଶ୍ୱରଙ୍କୁ ଅଭୟ ପ୍ରଦାନକରି ଆଦେଶ ଦେଲେ 'ତୁ ଯାଇ ନୀଳ କଳ୍ପବଟ ମୂଳେ ବସିବୁ, ଯାହା ଉପରୁ ଶୁଭିବ ତୁ ଲେଖିବୁ' । ସେତେବେଳକୁ ସିଦ୍ଧେଶ୍ୱର, ସାରଳା ଦାସ ନାମରେ ପରିଚିତ ହେଲେ । ମହାଭାରତ ରଚନାରେ ମନନିବେଶ କଲେ । କଳ୍ପବଟମୂଳରେ ମହାଭରତର ଆଠଗୋଟି ପର୍ବଶେଷ କରି ସାରିଥିଲେ । ପୁରୀ ଛାଡି ସେ କୋଣାର୍କରେ ଏକ ବଟବୃକ୍ଷ ମୂଳରେ ଯୋଗସାଧନ କଲେ ଓ ମହାଭାରତ ରଚନା କଲେ । ତାଙ୍କର ଲିଖିତ ମହାଭାରତରେ ଅନ୍ୟ ପଣ୍ଡିତ ମାନେ 'ହାତୀ ବାର ଯୁଣ ତାର ଘଂଟି ବାର ଯୁଣ' ବର୍ଣ୍ଣନାକୁ ତ୍ରୁଟି ରୂପେ ଦର୍ଶାଇଥିଲେ । ହସ୍ତୀ ହେଲା ଦେବତା ଯୁଣରେ ଓ ଘଂଟି ହେଲ ମାନବ ଯୁଣରେ । ଏହାପରେ ପଣ୍ଡିତମାନେ ନିଜଭୂଲ୍ ବୁଝିପାରି କବିଙ୍କ ରଚିତ ମହାଭାରତକୁ ଗ୍ରନ୍ଥରୂପେ ସ୍ଥାନଦେଲେ ଓ ଶୂଦ୍ର ମୁନି ବୋଲି ସମ୍ମାନିତ କଲେ । ଏହି ସମ୍ବାଦ କପିଳେନ୍ଦ୍ର ଦେବଙ୍କ ନିକଟରେ ପହଂଚିଲା । ଗଜପତି ରାଜା ସିଦ୍ଧେଶ୍ୱରଙ୍କୁ ସ୍ୱାଇଁ ପରିବର୍ତ୍ତେ ପରିଡା ଉପାଧିରେ ଭୂଷିତ କରାଇ ଝଙ୍କଡ ଆଦି କେତେ ଗ୍ରାମ ନିଷ୍କର ବୃତ୍ତି ରୂପେ ପ୍ରଦାନ କରିଥିଲେ ।

ପୁରୀରେ କିଛି ଦିନ ଅତିବାହିତ ହେବାପରେ କବି ସାରଳା ଦାସ ନିଜର ଜନ୍ମଭୂମିକୁ ଫେରିଆସିବା ବାଟରେ କଟକ ତୁଳସୀପୁରରେ କିଛି ଦିନ ରହିଲେ । ଦୈନିକ ମା କଟକ ଚଣ୍ଡୀଙ୍କୁ ଦର୍ଶନ କରନ୍ତି ଓ ନିଜ ରଚିତ ମହାଭାରତ ଦେବୀଙ୍କ ନିକଟରେ ପଢ଼ନ୍ତି । ଏହି ଗ୍ରନ୍ଥ ପାଠ ଶୁଣିବାପାଇଁ ବହୁ ଶ୍ରୋତା ମା ଚଣ୍ଡୀଙ୍କ ଠାରେ ରୁଣ୍ଡ ହୁଅନ୍ତି । ତାଙ୍କର ସାରସ୍ୱତ ସାଧନା ହିଁ ପ୍ରତ୍ୟେକ ଓଡିଆ ଜାତି ପାଇଁ ଅମଳିନ ପ୍ରେରଣା ହୋଇ ରହିଗଲା । ସେ ଆମ ଜାତିର ଗୌରବ, ସ୍ରଷ୍ଟା ଆଉ ଦ୍ରଷ୍ଟା । ସେ କେବଳ ଜଣେ ସିଦ୍ଧ ସାଧକ ନୁହଁନ୍ତି, ଭକ୍ତ ନୁହଁନ୍ତି, କବି ରୂପେ ତାଙ୍କୁ ଚିରଦିନ ଜାତି ପୂଜା କରିବ । ଆଜୀବନ ସେ ଯେଉଁ ଅଖଣ୍ଡସାଧନ କରିଛନ୍ତି ତାହା ହିଁ ତାଙ୍କୁ ଅମର କରିବ । ତାଙ୍କ ଜୀବନର ଏକ ବିସ୍ମୟକର ଓ ରହସ୍ୟମୟ କାହାଣୀ କୁହେ -

ଦିନେ ସାରଳାଦାସ ବିଲରେ ହଳ କରୁଥିବା ସମୟରେ, ଏକ ରାଜକନ୍ୟାର ବିବାହ ଉପଲକ୍ଷେ ରାଜକର୍ମଚାରୀମାନେ ସାରଳାଦାସଙ୍କ ନିକଟରେ ପହଁଚିଲେ ।

(ଅବଶିଷ୍ଟାଂଶ ପୃଷ୍ଠା-୭ରେ)

# ଉଦୟ ଭାନୁର ପ୍ରତିଷ୍ଠାତା ସ୍ୱର୍ଗତଃ ନିବାସ ଚନ୍ଦ୍ର ଭୋଇ : ଏକ ଶୋକାପନ



ଶିବ ପ୍ରସାଦ ବାହିନୀପତି

ସେଦିନ ଥିଲା ୨୦୨୨ ଜାନୁୟାରୀ ୨୫ ତାରିଖ, ମଙ୍ଗଳବାର ; ସମୟ ଅପରାହ୍ନ ୪ଟା ବାଜି କେତେ ମିନିଟ୍ ହେବ । ମୁଁ ମୋର ଶୋଇବା ଘର ଖଟ ଉପରେ ବସିଥାଏ, ମୋ' ହାତରେ ଥିବା ଚା' କପ୍‌ଟି ବାରମ୍ବାର ମୋ' ଓଠକୁ ଚୁମ୍ବନ ଦେଇ ଚାଲିଥାଏ । ଉଦୟ ଭାନୁ (ସାହିତ୍ୟ ଓ ସମାଜସେବା ସଙ୍ଗଠନ)ର ମାସିକ ଇ ପତ୍ରିକା ପ୍ରକାଶନ ପାଇଁ ପ୍ରସ୍ତୁତି ଜୋର୍ ଧରିଥିବା ବେଳେ ମୁଁ ସମ୍ପାଦକ ଭାବରେ ମୋ' କାର୍ଯ୍ୟ ପ୍ରାୟ ତୁଲେଇ ସାରିଥାଏ । ବାକି କେବଳ ସାଙ୍ଗଠନିକ ସମ୍ପାଦକ ତାଙ୍କର କାର୍ଯ୍ୟ ତୁଲାଇବା । ସବୁ କାମ ସରିଛି, ଖାଲି ପ୍ରକାଶ ପାଇବା କଥା; ଡେରି କାହିଁକି ହେଉଛି ଭାବି ଯୋଗାଯୋଗ କରିବାକୁ ମନସ୍ଥ କଲା ବେଳକୁ କପ୍‌ରୁ ଚା' ଖାଲି । କପ୍‌ଟି ଧୁଆଧୋଇ କରି ଯଥା ସ୍ଥାନରେ ରଖି ଫୋନ୍ କଲି ସାଙ୍ଗଠନିକ ସମ୍ପାଦକ ମାଧବାନନ୍ଦ ଭୋଇଙ୍କୁ । ସେ ଫୋନ୍ ଉଠାଇ 'ହ୍ୟାଲୋ' କହିବା ମାତ୍ରେ ମୁଁ ପଚାରିଲି - 'ଭାଇ ! କ'ଣ କରୁଛ ?' ସେ ଗୁରୁଗମ୍ଭୀର ସ୍ୱରରେ ଉତ୍ତର ଦେଲେ - 'ନିବାସ ସାର୍‌ଙ୍କ ଘରେ ଅଛି ।' ଭାବିଲି ବୋଧହୁଏ ସଙ୍ଗଠନ କାମରେ ଯାଇଥିବେ । ମୁଁ କହିଲି - 'କ'ଣ କିଛି କାମରେ ଯାଇଥିଲେ କି ?' ସେ କହିଲେ - 'ନା, ତାଙ୍କ ଦେହ ପୁରାପୁରି ଖରାପ । ଡାକ୍ତର ଫେରେଇ ଦେଇଛନ୍ତି । ଏବେ ସେ ଘରେ ।' ମୁଁ ସ୍ତବ୍ଧ; ଡାକ୍ତର ଫେରେଇ ଦେଇଛନ୍ତି ! ତେବେ କ'ଣ...... ମନଟା ପୁରା ମରିଗଲା ମୋର । ଦୀର୍ଘଦିନ ଧରି କର୍କଟ ବେମାରୀରେ ଆକ୍ରାନ୍ତ ଥିଲେ ସେ। ମୁଁ ଜାଣିଛି କର୍କଟ ବେମାରୀ କେତେ ମାରାତ୍ମକ । ଥରେ ହେଲେ ଜୀବନ ନନେଇ ସହଜେ ଯିବନି । ହେଲେ ଏତେଶିଘ୍ର...... ଆଖି କୋଣରେ ଜକେଇ ଆସିଲା ଲୁହ ।

ସେଦିନ ଥିଲା ୨୭ ତାରିଖ ; ମୁଁ ସାର୍‌ଙ୍କ ଖବର ବୁଝିବାକୁ ଫୋନ୍ କଲା ବେଳକୁ ଅଶୁଭ କାକ ସମ୍ବାଦ ପାଇ ନିଜର କୋହକୁ ରୋକି ପାରି ନଥିଲି । 'ସାର୍ ଆଉ ନାହାନ୍ତି' ଖବର ପାଇବା ପରେ ପାଦ ତଳୁ ଖସି ପଡୁଥିଲା ମାଟି ଆଉ ମୁଣ୍ଡ ଉପରେ ଛିଡ଼ି ପଡୁଥିଲା ଆକାଶଟା । ସତେ ଅବା ମୋ' ଚତୁର୍ପାର୍ଶ୍ୱରୁ ପବନ ବହିବା ବନ୍ଦ ହୋଇଯାଇଥିଲା, ଆଉ କିଛି କହି ନପାରି ଥମ୍ କିନା ବସି ପଡ଼ିଲି ତଳେ । ମୋ' ମନରେ ଅବସୋସ ରହିଗଲା କି ମୁଁ ତାଙ୍କୁ ସଶରୀରରେ ଦେଖି ପାରିଲି ନାହିଁ । ଏତେ ବଡ ମହାନ ବ୍ୟକ୍ତିତ୍ୱଙ୍କୁ ଭେଟିବାର ସୌଭାଗ୍ୟରୁ ବଞ୍ଚିତ ହୋଇ ଦୁଃଖ ଓ ଅନୁତାପର ଅନଳରେ ଦାହ ହେଉଥିଲା ମନଟି । ଆଖିରେ ଆଖିଏ ଲୁହ ଆଉ ଛାତିରେ ଛାତିଏ କୋହ ମତେ ଅସ୍ତବ୍ୟସ୍ତ କରି ପକାଉଥିଲା । ମନ ହେଉଥିଲା ଏଇଠି ପିଟି ପକାନ୍ତି ମୁଣ୍ଡଟାକୁ ହେଲେ । ଅବୋଲକରା ଅଶ୍ରୁ ନିର୍ଝର ସିକ୍ତ କରି ପକାଉଥିଲା ମୋର ପରିଧାନିତ ବାସକୁ । ଆଉ କିଛି ବି ଭଲ ଲାଗିଲାନି । ପାଟି ଅଠା ହେବାକୁ ଲାଗିଲା । ଶୋଷ ବଢ଼ିବାକୁ ଲାଗିଲା ହେଲେ ପାଣି ମତେ ବାରଣ କରୁଥିଲା ତାକୁ ଛୁଇଁବାକୁ । ପାଟିଟା ପିତା ହେଉଥିଲା ସତେ ଯେମିତି ଜ୍ୱରରୁ ଉଠିଥିବା ଲୋକ ପରି । ପୁଣି ବଢ଼ି ଚାଲିଥିଲା ଦେହର ତାତି । ମନ ଆକାଶରେ ଘନେଇ ଆସୁଥିଲା ଅମାରାତ୍ରି । ଗୋଟିଏ ଥର ଫୋନ୍‌ରେ କଥା ହୋଇଥିଲି ; ବହୁତ ମେଳାପୀ, ମିଷ୍ଟଭାଷୀ ସେ । ରୋକଡ଼ା କଥା ଏବଂ ସଚ୍ଚୋଟବାଦୀ । ମତେ କହିଥିବା କଥାଟି ଏଯାଏଁ ବି ଭୁଲିନି ମୁଁ । ସେ କହିଥିଲେ - "Do your work yourself." ଏବଂ 'Work is god." ସାଧାରଣତନ୍ତ୍ର ଦିବସରେ ରୋଗଗ୍ରସ୍ତ ଥାଇ ବି ତାଙ୍କର ଓଜୋନଦାର ଅଭିଭାଷଣ ସମସ୍ତଙ୍କୁ ଆଚମ୍ବିତ କରିଥିଲା । ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ଜଣେ ଛାତ୍ରକୁ ସେ ସମ୍ବର୍ଦ୍ଧନା ଦେଇଥିଲେ ସେଦିନ । ସେ ଛାତ୍ର ଜଣକ ସତରେ ମହାନ । ଏଭଳି ଜଣେ ମହାନ ବ୍ୟକ୍ତିତ୍ୱଙ୍କ ଠାରୁ ସମ୍ବର୍ଦ୍ଧିତ ହୋଇଛନ୍ତି ଏବଂ ସମ୍ବର୍ଦ୍ଧନାର ପରଦିନ ମୃତ୍ୟୁ ସହ ରଣ କରି ପଞ୍ଚତ୍ୱ ପ୍ରାପ୍ତ କରିଛନ୍ତି ; ସତେ ଯେମିତି ସେ ଜାଣିଥିଲେ ସାଧାରଣତନ୍ତ୍ର ଦିବସଟି ତାଙ୍କର ଶେଷ



କାର୍ଯ୍ୟକ୍ରମ ଆଉ ସେ ଛାତ୍ର ଜଣକ ତାଙ୍କର ଶେଷ ସମ୍ବର୍ଦ୍ଧିତ ପ୍ରତିଭା। ସୂଚନାଧିକାର କର୍ମୀ ତଥା ସମାଜସେବୀ ଭାବରେ ସେ ସମାଜରେ କରି ଚାଲିଥିଲେ ଉନ୍ନତି ମୂଳକ କାର୍ଯ୍ୟ; ଯାହା ତାଙ୍କୁ ପ୍ରିୟପାତ୍ର କରି ପାରିଥିଲା ପ୍ରତ୍ୟେକଟି ଲୋକଙ୍କ ପାଖରେ । ଖାଲି ସେତିକି ନୁହେଁ, ସେ ଏକାଧାରରେ ଜଣେ କବି, ଲେଖକ ଓ ନାଟ୍ୟକାର ଭାବରେ ନିଜ ଜନ୍ମମାଟି ଭୋଦଳ ତଥା ଆଖପାଖ ଅଞ୍ଚଳରେ ବେଶ୍ ପରିଚିତ । ସମାଜ ତଥା ସାହିତ୍ୟରେ ସୁଧାର ଆଣିବାକୁ ସେ ୧୯୭୮ ମସିହା ଅଗଷ୍ଟ ୧୫ ତାରିଖରେ ପ୍ରଥମେ ଅଠର ବର୍ଷରୁ ଅଧିକ ଏଗାର ଜଣଙ୍କୁ ନେଇ ଗଢ଼ିଥିଲେ ଉଦୟ ଭାନୁ (ସାହିତ୍ୟ ଓ ସମାଜସେବା ସଙ୍ଗଠନ) ଏବଂ ଏହାକୁ ସେହିବର୍ଷ ସେପ୍ଟେମ୍ବର ୨୫ରେ ୧୮୬୦ ନିୟମ ଧାରାରେ ସରକାରୀ ସ୍ତରରେ ପଞ୍ଜୀକୃତ କରିଥିଲେ ଏହା ଆଦ୍ୟେ ଥିଲା କେବଳ ସମାଜସେବା ସଙ୍ଗଠନ ; ଏହି ସଂଗଠନର ପ୍ରାଥମିକ ଲକ୍ଷ୍ୟ ଭାବରେ ନିଶା ନିବାରଣ, ଯୌତୁକ ପ୍ରଥା, ପାଠାଗାର, ସାଂସ୍କୃତିକ/କଳାର ବିକାଶ, ଶିଶୁ/ମହିଳା ସ୍ୱାସ୍ଥ୍ୟ ସଚେତନତା ଏବଂ ଗ୍ରାମାଞ୍ଚଳ ପରିଷ୍କାର ପରିଚ୍ଛନ୍ନତା ବିଷୟ ଗୁଡିକୁ ଗୁରୁତ୍ୱ ଦିଆଯାଇଥିଲା । ତେବେ ସଂଗଠନର ନିଜସ୍ୱ ଗୃହ ନଥିବାରୁ ଗ୍ରାମରେ ଥିବା ଏକ ବସ୍ତି ଆବାଦ ଯୋଗ୍ୟ ପ୍ଲଟକୁ ସରକାରଙ୍କ ଠାରୁ ନବେ ବର୍ଷ ଲିଜ୍ ସୂତ୍ରରେ ସ୍ଥାୟୀ ପଟ୍ଟା ହାସଲ କରିଥିଲା । ଅତୀତରେ ଉପରୋକ୍ତ ବିଷୟରେ ଗ୍ରାମରେ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା । ବିଗତ ଦିନରେ ଉକ୍ତ ସଂଗଠନର ସଭ୍ୟା/ସଭ୍ୟମାନଙ୍କ ଦ୍ୱାରା ଅଭିନୀତ ନାଟକ 'ଗାଁଆର ନାମ ମଙ୍ଗଳପୁର ଝିଅର ନାମ ମିନି'ଟି ମଦନ ମୋହନ ସାଂସ୍କୃତିକ ଯୁବ ପରିଷଦ, ବ୍ରାହ୍ମଣସାଇଲୋ ଓ ବାଲିପଡା ଯୁବ ପରିଷଦ, ଗୋବିନ୍ଦପୁର ଦ୍ୱାରା ନାଟ୍ୟ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରି ଉପଢୌକନ ଏବଂ ପ୍ରମାଣପତ୍ର ହାସଲ କରିଥିଲା । ଏପରିକି ଗ୍ରାମାଞ୍ଚଳରେ ନିୟମିତ ଭାବରେ ଉକ୍ତ ସଂଗଠନର ସଭ୍ୟା/ସଭ୍ୟମାନଙ୍କ ଦ୍ୱାରା ଅଭିନୀତ ନାଟକ ଗୁଡିକ ମଧ୍ୟରେ 'ଅତ୍ୟାଚାରୀର ଲାଲ୍ ରକ୍ତ', 'ବହିଗଲା ପାଣି ଫେରି ଆସେନା', 'ପର ଝିଅ ଘର ଭଙ୍ଗେନା' ଓ 'ବଗୁଲୀ ଝରାନା ଲୁହ' ପ୍ରମୁଖ ନାଟକ ଗୁଡିକ ଜନ ସାଧାରଣରେ ଉଚ୍ଚ ପ୍ରଶଂସିତ ହୋଇ ଜନ ମାନସରେ ବିଶେଷ ଛାପ ଛାଡି ଯାଇଥିଲା । ବିଶେଷ କରି ସେ ସମୟରେ ରାଜନୀତି ଭେଦଭାବ ନଥିବା ହେତୁ, ଗ୍ରାମ ଜନସାଧାରଣଙ୍କ ସହଯୋଗ ଦ୍ୱାରା ନିୟମିତ ଭାବରେ ଉକ୍ତ ସଂଗଠନ ଦ୍ୱାରା ନୃତ୍ୟ ନାଟିକା, ପାଲା, କାଳ୍ପନିକ ନାଟକ ଏବଂ ସାମାଜିକ ନାଟକ ମଞ୍ଚସ୍ଥ କରାଯାଉଥିଲା। ତେବେ ଏହି କାର୍ଯ୍ୟକ୍ରମର ପ୍ରାଣକେନ୍ଦ୍ର ଭାବେ ଯୁବ ଗୋଷ୍ଠୀଙ୍କୁ ଏକତ୍ର କରି ଆୟୋଜିତ କାର୍ଯ୍ୟକ୍ରମ ଗୁଡିକୁ ମଞ୍ଚସ୍ଥ କରାଇବାରେ ପ୍ରମୁଖ ଭୂମିକା ଥିଲା ସଂଗଠନର ପ୍ରତିଷ୍ଠାତା ସ୍ୱର୍ଗତଃ ନିବାସ ଚନ୍ଦ୍ର ଭୋଇଙ୍କର । ଏତେବଡ଼ ମହାନ ବ୍ୟକ୍ତିତ୍ୱ ଚିରନିଦ୍ରାରେ....ଏ ଖବର ଖାଲି ମୋତେ ନୁହେଁ ତାଙ୍କ ସହ ଜଡ଼ିତ ପ୍ରତ୍ୟେକ ଆତ୍ମାକୁ ସ୍ତମ୍ଭୀଭୂତ କରିଛି । ତାଙ୍କ ବିଷୟରେ କହିଲେ ବହିଟିଏ ହେବ । ସମୟାନୁକ୍ରମେ 'ସାହିତ୍ୟ ବି ସମାଜର ପ୍ରାଣ' ଭାବି ତାଙ୍କ ପରାମର୍ଶରେ ସାହିତ୍ୟକୁ ଏହି ସଙ୍ଗଠନ ସହିତ ସାମିଲ୍ କରାଗଲା। ଏବଂ ତା:୧୧/୦୧/୨୦୧୮ରିଖ ୧୧ ଘଟିକା ୧୧ ମିନିଟ ସମୟରେ ଏକ ହ୍ୱାଟସଅପ୍ ଗୃପ ଗଠନ କରାଯାଇଥିଲା । ଏହା ପରଠୁ ଉଦୟ ଭାନୁରେ ଆରମ୍ଭ ହୋଇଥିଲା ସାହିତ୍ୟର ମହାଯାତ୍ରା । ସଂଗଠନର ସାହିତ୍ୟ ପରିବାର ଭାବେ କିଛି ମହାମାନ୍ୟ ବିଜ୍ଞ ସାହିତ୍ୟିକ ମାନଙ୍କୁ ଅବସ୍ଥାପିତ କରି ସାହିତ୍ୟର ଅଗ୍ରଗତି ପାଇଁ ବିଭିନ୍ନ ପ୍ରତିଯୋଗିତା ଓ ଇ ପତ୍ରିକା ପ୍ରକାଶ କରାଗଲା । ପରେ ପରେ ତାଙ୍କ ପରାମର୍ଶରେ ସୁଲଭ ଦରରେ ସାହିତ୍ୟ ପୁସ୍ତକ କିଛି କବି/କବୟିତ୍ରୀଙ୍କଠୁ ସଂଗୃହିତ କରି ପ୍ରକାଶନ କରିବାର ମନସ୍ଥ ହେଲା । ସାହିତ୍ୟ ପ୍ରବେଶ ପରେ ପ୍ରଥମ ବାର୍ଷିକ କବିତା ପାଠୋତ୍ସବ ପୁରୀ ଜିଲ୍ଲାର କଣାସ ବ୍ଲକର ଭାଟପଡ଼ା ଗ୍ରାମରେ ତାଙ୍କ ଠାରୁ ପରାମର୍ଶ ପାଇ (ସଙ୍ଗଠନର ସମ୍ପାଦକ ଭାବରେ) ମୋରି ଆବାହକତ୍ୱରେ ଅନୁଷ୍ଠିତ ହୋଇଥିଲା । ଏଥିରେ ବହୁ ବୁଦ୍ଧିଜୀବୀ ଓ ବିଶିଷ୍ଟ ସାରସ୍ୱତ ସାଧକ ମାନେ ଉପସ୍ଥିତ ରହି ସାହିତ୍ୟ ଓ ସମାଜସେବା ବିଷୟରେ ନିଜର ଅଭିମତ ପ୍ରକାଶ କରିବା ସହ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଆମନ୍ତ୍ରିତ କବି/କବୟିତ୍ରୀଙ୍କ ଦ୍ୱାରା କବିତା ପାଠ କରାଯାଇଥିଲା । ଧିରେ ଧିରେ ଏହି ସଙ୍ଗଠନ କୋଣେ ଅନୁକୋଣେ ପ୍ରଶଂସନୀୟ ହୋଇପାରିଛି ।

ତାଙ୍କର ଏ ଅକାଳ ବିୟୋଗ 'ଉଦୟ ଭାନୁ' ସଙ୍ଗଠନରେ ଖେଳାଇ ଦେଇଛି ଶୋକର ଛାୟା । ତାଙ୍କ ବିୟୋଗରେ ଗଛପତ୍ର ବି କରୁଛନ୍ତି ଅଶ୍ରୁ ବର୍ଷା । ଆଉ କିଛି ଲେଖିବାର ବଳ ଆଉ ଶୌର୍ଯ୍ୟ ମୋର ନାହିଁ; ଏମିତି ଲେଖୁଥିଲେ ଲେଖୁଥିବି କେତେ ଦିବସ ବିତିଯିବ କହି ହେଉନି । କିନ୍ତୁ ବର୍ତ୍ତମାନ ପରିସ୍ଥିତିରେ ମୁଁ ଧୈର୍ଯ୍ୟଶକ୍ତି କ୍ଷୀଣ ପାଷାଣ ମୂରତି । ସତେ ଅବା ପାଲଟି ଯାଇଛି ପଙ୍ଗୁ , ସ୍ଥବିର । ତାଙ୍କୁ ଦେଖି ନପାରିବାର ଦୁଃଖଠୁ ବଳି ପଡ଼ିଲା ତାଙ୍କୁ ହରେଇବାର ଦୁଃଖ । ମତେ ଟିକେ କାନ୍ଦିବାକୁ ଦିଅ , ଅମାନିଆ ଲୁହ ଗୁଡ଼ାକ ଝରିଯାଉ ତାଙ୍କରି ସ୍ମୃତିରେ । ଅଶ୍ରୁ ଜଳରେ ମାନସୋପଚାର ପୂଜା ପୂର୍ବକ ତାଙ୍କ ଚରଣ ଧୌତ କରିବାର ସୌଭାଗ୍ୟ ତ ଟିକେ ମିଳୁ ; ଅମର ଆତ୍ମାର ସଦଗତି ପାଇଁ ଜଗତ ଠାକୁର ଜଗନ୍ନାଥଙ୍କ ପୟରପଦ୍ମ ଯୁଗଳେ ପରାର୍ଦ୍ଧ ପରାର୍ଦ୍ଧ ପ୍ରାର୍ଥନ ସହିତ ଆଜୀବନ ଦୁଃଖୀ ହୋଇ ରହୁଛି ମୁଁ........

ଓଁ ଶାନ୍ତି.....


♥ ସମ୍ପାଦକ - ଉଦୟ ଭାନୁ
ଭାଟପଡ଼ା, ନିରାକାରପୁର,
କଣାସ, ପୁରୀ
(ମୋ)୮୯୧୭୪୮୦୫୩୬





## କେମିତି ଅଛ ତୁମେ

### ରମାକାନ୍ତ ଦାସ



ଫେରୁଛି ଅତୀତ ବ୍ୟଥିତ
ସହରରୁ ଅଣନିଶ୍ୱାସ ହୋଇ
ହେ ବର୍ତ୍ତମାନ
'କେମିତି ଅଛ ତୁମେ କହି'

ଆଜି ବି ମନେପଡ ତୁମେ
କାହିଁକି କେଜାଣି ମନେପଡିଯାଏ
ତୁମ ସହିତ ବିତେଇଥିବା ସବୁ
ଅପାସୋରା ମୁହୂର୍ତ୍ତ ଗୁଡିକ
ଆଖିରୁ ଧାର ଧାର ଲୁହ ଝରେ
ଅନେକ କଷ୍ଟ....ତଥାପି ମଧୁର ।

ଏ ମନର ଯନ୍ତ୍ରଣାକୁ ସହି ନପାରି
ମୋବାଇଲ୍ ବାହାର କରି ଫୋନ୍ କଲି
ହେଲେ ରିଂ ହୋଇ କଟିଗଲା
ଭାବିଲି ସେଦିନର ସେ ପଦେ କଥା
ତମେ ଆଜିଯାଏ ବି ଭୁଲିନ
କିନ୍ତୁ ମୁଁ ଆଜିଯାଏ ବି
ଅପେକ୍ଷାରେ ରହିଛି ।

ସବୁଦିନ , ସବୁମୁହୂର୍ତ୍ତରେ ମନେପଡେ
ତୁମ ସହିତ ବିତେଇଥିବା ସେହି
ଅନ୍ତରଙ୍ଗ ମୁହୂର୍ତ୍ତ ଗୁଡିକ
କେବେ ତୁମର ଅପେକ୍ଷାରେ
ବସି ରହି କଲେଜ୍ ରେ
ପୁଣି ସନ୍ଧ୍ୟା ହେଲେ ତୁମ କଲ୍ ଅପେକ୍ଷାରେ
ଦୀର୍ଘ ସମୟ ଅପେକ୍ଷା ପରେ ବି
ଏ ମନ ବୁଝେନାହିଁ
ସମୟ ପାଇଲେ ପଢେ ସବୁ
ପୁରୁଣା ମ୍ୟାସେଜ୍ ଗୁଡ଼ିକ
ମନେ ମନେ ହସେ
ପୁଣି ବହୁତ କାନ୍ଦେ ।

ସେଦିନ ତମକୁ ବଦଳେଇବାକୁ
ଚେଷ୍ଟା କରି
ଏମିତି ଟିକିଏ ରାଗିକି କହିଦେଇଥିଲି
ମୋ ସହିତ କଥାବାର୍ତ୍ତା ହେବା କିଛି ବି
ଦରକାର ନାହିଁ
ମତେ ତମେ ବିଝେଇବାକୁ ଚେଷ୍ଟାକଲ
ହେଲେ ମୁଁ ବୁଝିଲିନି
ମୋର ସେ ପଦୁଟିଏ କଥା ପାଇଁ
ସବୁଦିନ ପାଇଁ ଦୂରେଇ ଗଲ ମୋ ପାଖରୁ
କଲେଜ୍ ରେ ଦେଖିଲେ ବି
ମୋ ଆଡ଼କୁ ଟିକେ ବି ଚାହଁନି
ମୁଁ ଯେତେଚେଷ୍ଟା କରେ ତୁମ ସହ
କଥାହେବାକୁ
ତୁମେ ସୁଯୋଗ ଦିଅନି ।

କିଛି ମାସପରେ ମୁଁ ମ୍ୟାସେଜ୍ ଓ କଲ୍ କରେ
ବିରକ୍ତ ହୋଇ କଲ୍ କାଟିଦିଅ
ଅନେକ ଥର ବି କ୍ଷମା ମାଗିଛି
ହେଲେ ତୁମକୁ କେବେ ବୁଝେଇବାରେ
ସଫଳ ହେଇପାରିଲିନି ।

ସେଦିନର ସେହି ଅଦିନିଆ ଝଡ଼
ଭାଙ୍ଗିଦେଲା ଆମ ଭିତରେ
ରହିଥିବା ଭଲ ସମ୍ପର୍କକୁ
ଆଜି ବି ମୁଁ ତୁମ ପାଖରେ ଦୋଷୀ
ସେଦିନର ସେହି ପଦୁଟିଏ କଥା
ଏକ ବିରାଟ ପାଚେରୀ ଟିଏ ସୃଷ୍ଟି କଲା
ଆମ ଦୁଇଜଣଙ୍କ ମଧ୍ୟରେ
ଭାଙ୍ଗିଗଲା ଆମ ସମ୍ପର୍କ
ପ୍ରବଳ ପବନରେ ଭୁସୁଡ଼ି ପଡିଲା
ତୁମକୁ ନେଇ ଦେଖିଥିବା ସବୁ ସ୍ୱପ୍ନ
ଗୁଡିକ
ମୋ ହୃଦୟର ଆକାଶ ଆଜିବି ଅନ୍ଧାର
ଆକାଶଟା ଆଉ ଫର୍ଚ୍ଚା ଦିଶୁନି
ତୁମ କଣ୍ଠସ୍ୱର ଆଉ ଶୁଭେନାହିଁ ।

ମୁଁ ବି ଅନେକ ଥର ଚେଷ୍ଟାକରିଛି
ଦୁରେଇ ଯିବାପାଇଁ
ହେଲେ କେବେ ସଫଳ ହୋଇ ପାରିନି
ମୋ ମନକୁ ବି ମୁଁ ବୁଝେଇ ସାରିଛି
ତୁମେ ଆଉ କେବେ ବି
ଫେରିବନି ବୋଲି
କିନ୍ତୁ ଏ ମୋବାଇଲ୍ ଟା ଜମା ଶୁଣୁନାହିଁ
ମୋ ମନର କଥା
ଏବେ ବି ତୁମ ଫୋନ୍ ଅପେକ୍ଷାରେ
ଅଛି
କେବେ କହିବ ତୁମେ ତୁମର ସେହି
ମଧୁର କଣ୍ଠରେ
କେମିତି ଆଛ ତୁମେ......... ?


♥ ନନ୍ଦିଗ୍ରାମ, ନାଉଗାଁ,
ଜଗତସିଂହପୁର
ମୋ -୯୬୬୮୮୧୫୩୬୯


## ମୃତ୍ୟୁ

### ଦିବାକର ନାୟକ



ଆପଣାର କେହି ଟଳିବା ଆଗରୁ
କେତେ ଦୁଃସପନ ଖେଳନ୍ତି ଦୋଳି
ମୋ ପାଇଁ କି କେହି ସପନ ଦେଖିଲେ
ମୋ ଚିତା ବି ଦିନେ ଉଠିବ ଜଳି ।

ଦୁଃଖ କି ସୁଖରେ ଦୂର କି ପାଖରେ
ଯିଏ ବି ଯେମିତି ଯେଉଁଠି ଥାଉ
କରୁଣ ଘଟଣା ଘଟିବା ଆଗରୁ
ଆଭାସ ଏମିତି ସଭିଏଁ ପାଉ ।

କିଏ ବା ଅପଢ଼ କିଏ ବା ନିବିଢ଼
ସମୟକୁ କିଏ ପାରିଛି ଟାଳି..
ଆପଣାର କେହି ଟଳିବା ଆଗରୁ
କେତେ ଦୁଃସପନ ଖେଳନ୍ତି ଦୋଳି ।

ଝରୁ ଝରୁ ପତ୍ର ଆହାଃ ଆହାଃ ଶୁଭେ
ସମବେଦନାର ଛୁଟଇ ସୁଅ
ଅଳପ ଦିନରେ ଭୁଲିଯାଉ ସବୁ
ନିଃସଙ୍ଗକୁ ସାଥୀ ଆଖିର ଲୁହ ।

ଏମିତି ଦୁନିଆ ମିଛ ମୋହ ମାୟା
କେବେ କାହା ପାଇଁ ଆସଇ ପାଳି..
ଆପଣାର କେହି ଟଳିବା ଆଗରୁ
କେତେ ଦୁଃସପନ ଖେଳନ୍ତି ଦୋଳି ।


♥ ପାଟପୁର,
କନିସି-୭୬୧ ୦୦୮
ଗୋଳନ୍ଥା, ଗଞ୍ଜାମ
ମୋ-୯୯୩୮୬୧୯୯୮୧


## ମୁଁ ଭାରି ଚେତନ ଭୋଟର

### ସିଦ୍ଧେଶ୍ୱର ତ୍ରିପାଠୀ



ମୁଁ ଭାରି ସଚେତନ ଭୋଟର
ମୁହଁରେ ମାରିକି ବଟର
ଏଦଳ ସେଦଳ ସଭିଙ୍କୁ କହେ ମୁଁ
ତୁମେ ସବୁଠାରୁ ବେଟର
ମୁଁ ଭାରି ସଚେତନ ଭୋଟର

ପାଟି ଦେଖିକି ପଇସା ଖସାଏ
ମଦ ମାଉଁସରେ ଯିଏ ଭସାଏ
ହୋ ହଲ୍ଲା କରି ଘର ଘର ବୁଲି
ହୁଏ ମୁଁ ନଟର ପଟର
ମୁଁ ଭାରି ସଚେତନ ଭୋଟର

ଚୁଗୁଲି ଚପଟ କରିକି
ଆଣେ ମୁଁ ମୋଭାଗ ମାରିକି
ଆଜିତ ଯାର କାଲି ତ ତାର
ଧରିକି ବୁଲେ ମୁଁ ପୋଷ୍ଟର
ମୁଁ ଭାରି ସଚେତନ ଭୋଟର

ନିର୍ବାଚନ ଯେବେ ସରିଲା
ଯୋଉ ଦଳ ଗୋଟେ ଜିତିଲା
ଜିତେଇଛି କହି ଝଡେଇବି ବୋଲି
ହୁଏ ମୁଁ ନଟର ପଟର
ମୁଁ ଭାରି ସଚେତନ ଭୋଟର


♥ ଖୋର୍ଦ୍ଧା




## ଧାରାବାହିକ ପୌରାଣିକ ଉପନ୍ୟାସ

# ଦ୍ୱିତୀୟ ସୂର୍ଯ୍ୟ

ଡ. ସିନ୍ଧୁ ସେନ



**ମହାଭାରତର ବିଭିନ୍ନ ଚରିତ୍ରକୁ ଭିନ୍ନଭିନ୍ନ ନାମରେ ନାମିତ କରି କିଛି ଉପନ୍ୟାସ ରଚନା କରିବାର ସିଦ୍ଧାନ୍ତ ନେଇଥିବା ଔପନ୍ୟାସିକା ଡ. ସିନ୍ଧୁ ସେନଙ୍କ ଦ୍ୱାରା ଲିଖିତ ଉପନ୍ୟାସ "ଦ୍ୱିତୀୟ ସୂର୍ଯ୍ୟ" । ସୂର୍ଯ୍ୟ ସକଳ ଶକ୍ତିର ଉତ୍ସ । ଜଗତର ଆତ୍ମା । ଯାହାର ଆଲୋକରେ ଆଲୋକିତ ହୋଇଥାଏ ସମଗ୍ର ବିଶ୍ୱବ୍ରହ୍ମାଣ୍ଡ । ସୃଷ୍ଟି, ସ୍ରଷ୍ଟା ସବୁକିଛିର ରହସ୍ୟ ରହିଛି ତାଙ୍କରି ଠାରେ । ଯୁଗଯୁଗ ଧରି ପୃଥିବୀବାସୀ କେବଳ ଗୋଟିଏ ସୂର୍ଯ୍ୟକୁ ଦେଖି ଆସିଛନ୍ତି, ଦେଖୁଥିବେ ମଧ୍ୟ । ହେଲେ ସୂର୍ଯ୍ୟର ପ୍ରତିରୂପ ଯେ ପୃଥିବୀରେ ଦିନେ ଉଦ୍‌ଭାସିତ ହୋଇଥିଲା । ତାଙ୍କୁ ନେଇ ରଚିତ ଏହି ଉପନ୍ୟାସଟି ଧ୍ୱନି ପ୍ରତିଧ୍ୱନିର ପାଠକମାନଙ୍କ ପାଇଁ...**

### ଭାଗ-୪୭

ବାସ୍ତବରେ ଦୁର୍ଯ୍ୟୋଧନଙ୍କ ବୁଦ୍ଧିକୁ ତାରିଫ୍ ନକରି ରହିପାରିଲି ନାହିଁ । ବେଳେବେଳେ ଏମିତି ସେ ପ୍ରସ୍ତାବମାନ ଉତ୍‌ଥାପନ କରନ୍ତି, ଯେଉଁଥିରେ କାହାରି ଅସମ୍ମତ ହେବାର କାରଣ କିଛି ନଥିବ । ମୋର ତ କେବଳ ଗୋଟିଏ ଲକ୍ଷ୍ୟ ଯୁଦ୍ଧ । ସେ ଗୋଧନ ପାଇଁ ହେଉ କିମ୍ବା ଅନ୍ୟକୌଣସି କାରଣ ପାଇଁ ହେଉ । ଯୁଦ୍ଧ ହେଲେ ମୁଁ ଦୁର୍ଯ୍ୟୋଧନ ପକ୍ଷରେ ହିଁ ଯୁଦ୍ଧ କରିବି । ଆଉ ପାଣ୍ଡବମାନେ ଯଦି ବାସ୍ତବରେ ବିରାଟ ନଗରରେ ରହିଥାନ୍ତି । ତେବେ ସେମାନେ ଯୁଦ୍ଧ ନାମ ଶୁଣି କେବେ କ'ଣ ସ୍ଥିର ହୋଇ ରହିପାରିବେ । ବରଂ ରଣକ୍ଷେତ୍ରକୁ ଲମ୍ଫପ୍ରଦାନ କରିବେ । ଏସବୁ ଚିନ୍ତାକରି ଆମେ ସମସ୍ତେ ରାଜି ହୋଇଗଲୁ ।

ଯଥାସମୟରେ କୁରୁସେନା ବିରାଟ ନଗରୀ ଆକ୍ରମଣ କରିବାପାଇଁ ସଜବାଜ ହୋଇଗଲେ । ପିତାମହ ଭୀଷ୍ମ, ଗୁରୁ ଦ୍ରୋଣାଚାର୍ଯ୍ୟ, କୃପାଚାର୍ଯ୍ୟ, ଗାନ୍ଧାରରାଜ ଶକୁନି, ଅଶ୍ୱତ୍‌ଥାମା । କୌରବ ଭ୍ରାତାଗଣ ଆଉ ମୁଁ ନିଜେ ଏଥିପାଇଁ ପ୍ରସ୍ତୁତ ହୋଇଗଲୁ । ସଂଗରେ ସେନାଦଳ ମଧ୍ୟ ଯୋଗଦେଲେ । ଏଭଳି ଆକସ୍ମିକ ଆକ୍ରମଣ ପାଇଁ ବିରାଟ ରାଜା ଆଦୌ ପ୍ରସ୍ତୁତ ନଥାନ୍ତି । କୁରୁ ସାମ୍ରାଜ୍ୟର ବିଶାଳ ସେନାବାହିନୀ ବିରାଟ ନଗରର ଗୋଶାଳାର ଦ୍ୱାର ଉନ୍ମୁକ୍ତ କରିଦିଅନ୍ତି । ସହସ୍ର ସହସ୍ର ଧେନୁ ଭୟରେ ଦୌଡ଼ାଦୌଡ଼ି କରୁଥାନ୍ତି । କୁରୁସେନାଙ୍କ ପାଖରେ ବିରାଟ ସେନାଙ୍କ ପରାଜିତ ହୋଇଛି ବୋଲି ଆନନ୍ଦରେ ଆତ୍ମହରା ହୋଇ ଉଠୁଥାନ୍ତି ଦୁର୍ଯ୍ୟୋଧନ । ହେଲେ ଠିକ୍ ତାର ପରମୁହୂର୍ତ୍ତରେ ତାଙ୍କର ଅହଂକାର, ଦର୍ପ ସବୁ ଭାଂଗି ଚୁରମାର୍ ହୋଇଯାଏ । ଯେତେବେଳେ ପଛରୁ ଶୁଣାଯାଏ ବଜ୍ରସମାନ ଧନୁର ଟଙ୍କାର । ଅଜସ୍ର ଶର ବୃଷ୍ଟି ହୁଏ । କୁରୁ ସେନାବାହିନୀଙ୍କ ଆଗକୁ ଯିବାର ପଥ ରୁଦ୍ଧ ହୋଇଯାଏ । ରଥ ଉପରେ ଥାଇ ପିତାମହ କହନ୍ତି, ଏଭଳି ତୀରଚାଳନା କୌଶଳ କେବଳ ଅର୍ଜୁନଙ୍କର । ଆମେ ସମସ୍ତେ ନିକ୍ଷିପ୍ତ ତୀର ଗୁଡ଼ିକର ଜବାବ ଦେବାକୁ ପ୍ରସ୍ତୁତ ହେଉଥିଲାବେଳେ ଦୂରରୁ ଦେଖିବାକୁ ପାଉ ତୀରଚାଳନା କରୁଥିବା ଧନୁର୍ଦ୍ଧର ଜଣକ ଜଣେ ବୀରା ନାରୀ । ଯାହାର ପୋଷାକପତ୍ର, ପରିପାଟୀ ମଧ୍ୟ ବେଶ୍ ଅଦ୍ଭୁତ । ରଥ ଯେତେ ଆମ ଆଡ଼କୁ ଆଗେଇ ଆସୁଥାଏ ସେତେ ସ୍ପଷ୍ଟ ହୋଇ ଉଠୁଥିଲା ବୀରା ରମଣୀଟିର ପ୍ରକୃତ ପରିଚୟ । ନାରୀ ବେଶରେ ସ୍ୱୟଂ ଅର୍ଜୁନ ଯେ ଗାଣ୍ଡିବ ଧନୁ ନେଇ ଯୁଦ୍ଧରତ । ଏକଥା ବୁଝିବାକୁ କାହାରିକୁ ବାକି ରହିଲା ନାହିଁ । ପିତାମହ ସତେଯେପରି କୋଟିନିଧି ପାଇଲା ପରି ଉଲ୍ଲସିତ ହୋଇ ଉଠୁଥିଲେ । ତାଙ୍କର ପ୍ରିୟ ପୌତ୍ର ଅର୍ଜୁନ ତେବେ ଜୀବିତ । ତଥାପି ଯୁଦ୍ଧ ଥମି ନଥାଏ । ଅର୍ଜୁନଙ୍କ ତୀର ସମ୍ଭାଳିବା ଆମ ପକ୍ଷରେ ଅସମ୍ଭବ ହୋଇ ପଡୁଥିଲା । କିଛିସମୟ ପରେ କେବଳ ପିତାମହଙ୍କୁ ଛାଡ଼ି ଆମେ ସମସ୍ତେ ମୂର୍ଚ୍ଛିତ ହୋଇ ଯାଇଥିଲୁ । କିଏ କେଉଁଠି ପଡ଼ିଥିଲୁ କେହି ବି ଜାଣି ନଥିଲୁ । ଆମର ଯେତେବେଳେ ମୂର୍ଚ୍ଛା ଭଂଗହୁଏ ପରସ୍ପର ପରସ୍ପରକୁ କେବଳ ଅନାଇ ରହିଥାଉ । ଲଜ୍ଜାରେ ସମସ୍ତଙ୍କ ମଥା ଅବନତ । ଏ କ'ଣ ଘଟିଗଲା । ଗୋଧନ ନାହାଁନ୍ତି । ନାହାଁନ୍ତି ମଧ୍ୟ ଅର୍ଜୁନ । ଆମ ଦେହରେ କେବଳ ଅନ୍ତର୍ବାସ ଛଡ଼ା ଅନ୍ୟ କିଛି ପରିଧେୟ ନଥିଲା । ଲଜ୍ଜା ଓ ଅପମାନ ଗ୍ଲାନି ନେଇ ଆମେ ସବୁ ସେଦିନ ହସ୍ତିନାପୁର ଫେରି ଆସିଥିଲୁ ।

ଗୋଧନ ଅପହରଣର ଘଟଣାବଳୀ ବେଶ୍ କିଛିଦିନ ଧରି ଆମ ମନରେ ଆଲୋଡ଼ନ ସୃଷ୍ଟି କରିଥିଲା । ଯିବାବେଳେ ଯେଉଁ ଉତ୍ସାହ ଓ ଉଦ୍ଦୀପନା ନେଇ ଯାଇଥିଲୁ । ତାହା କ୍ଷଣିକରେ ଭାଂଗି ଚୁରମାର୍ ହୋଇଗଲା । ଲଜ୍ଜା ଓ ଅପମାନରେ କାହାରି ମୁହଁରୁ ସ୍ଫୁରୁ ନଥାଏ କିଛି ଭାଷା । ନିରବରେ କେବଳ ନିଜନିଜର କଳା କୃତକର୍ମ ପାଇଁ ଅନୁତାପ କରୁଥିଲୁ । ନିଜର ଶକ୍ତି, ସାମର୍ଥ୍ୟ, ବୀରତ୍ୱ ପ୍ରତି ଧିକ୍କାର ଜାଗୁଥିଲା ମନରେ । ମୁଁ କର୍ଣ୍ଣ । ପରାଜୟର ଗ୍ଲାନି ସହିବା ମୋ ପାଇଁ ଯେ କେତେ କଷ୍ଟକର ତାହା ମୁଁ ଜାଣେ । ବିଜୟର ସ୍ୱାଦଠାରୁ ପରାଜୟର ତିକ୍ତତାକୁ ମୁଁ ସେଦିନ ମର୍ମେମର୍ମେ ଅନୁଭବ କରିପାରିଥିଲି । କିଏ ଜାଣେ, ଆଗାମୀ ଦିନରେ ପୁଣି ମୋ ଭାଗ୍ୟରେ କ'ଣ ଲେଖାଅଛି ।

- ବୟାଳିଶ -

ଶେଷ ହୋଇଯାଇଛି ପାଣ୍ଡବମାନଙ୍କର ଅଜ୍ଞାତବାସ । ଅତି ଗୋପନୀୟ ଭାବେ ସେମାନେ ବର୍ଷେକାଳ ଅଜ୍ଞାତବାସରେ ରହିଲେ । ଅଥଚ କେହି ମଧ୍ୟ ଜାଣିପାରିଲେ ନାହିଁ । ଦୁର୍ଯ୍ୟୋଧନ, ଶକୁନିମାମୁଙ୍କ ସମସ୍ତ ଚକ୍ରାନ୍ତ ପଣ୍ଡୁର ହୋଇଯାଇଛି । ବିରାଟ ସେନାବାହିନୀ ଠାରୁ କୁରୁ ସେନାବାହିନୀ ପରାସ୍ତ ହେବା ପରେ ସବୁ ସତ୍ୟ ସାମନାକୁ ଆସି ଯାଇଥିଲା । ପାଣ୍ଡବମାନେ ଯେ ବିରାଟ ରାଜଦରବାରରେ ଛଦ୍ମବେଶରେ ଅଜ୍ଞାତବାସ ଜୀବନ ଅତିବାହିତ କରିଥିଲେ । ମହାରାଜ ଯୁଧିଷ୍ଠିର କଙ୍କ ନାମରେ ଦ୍ୟୁତକ୍ରୀଡ଼ା ବିଶାରଦ ଭାବରେ ନିଜକୁ ପରିଚିତ କରାଇ ବିରାଟ ରାଜାଙ୍କ ଚିତ୍ତ ବିନୋଦନ କରୁଥିଲେ । ସେହିପରି ଭୀମସେନ ବଲ୍ଲଭ ନାମରେ ରନ୍ଧନଶାଳାରେ ସୂପକାର । ମଧ୍ୟମ ପାଣ୍ଡବ ଅର୍ଜୁନ ନପୁଂସକ ବେଶ ସାଜି ବୃହନ୍ନଳା ନାମରେ ରାଜକୁମାରୀ ଉତ୍ତରାଙ୍କ ନୃତ୍ୟଗୁରୁ । ନକୁଳ ଗ୍ରନ୍ଥିକ ନାମରେ ରାଜାଙ୍କ ଅଶ୍ୱଶାଳାରେ ଆଉ ସହଦେବ ଗୋଶାଳାର ଦାୟିତ୍ୱ ନିର୍ବାହ କରୁଥିଲେ । ସୈରିନ୍ଧ୍ରୀ ବେଶରେ ଦ୍ରୌପଦୀ ମହାରାଣୀ ସୁଦେଷ୍ଣାଙ୍କ ପରିଚାରିକାର କାର୍ଯ୍ୟଭାର ଏଭଳି ଚତୁରତାର ସହ ନିର୍ବାହ କରୁଥାନ୍ତି ଯେ, ବିରାଟରାଜା ମଧ୍ୟ କୌଣସିଦିନ ସେମାନଙ୍କୁ ସନ୍ଦେହ ଦୃଷ୍ଟରେ ଦେଖିନାହାଁନ୍ତି ।

ଅଜ୍ଞାତବାସ କାଳର ଘଟଣାଗୁଡ଼ିକ ଯେତେ ଖୋଲି ଯାଉଥାଏ ସେତେସେତେ ରୋମାଞ୍ଚ ଲାଗୁଥାଏ ସେସବୁ କାହାଣୀଗୁଡ଼ିକ । ବାସ୍ତବରେ ଧନ୍ୟ କହିବାକୁ ପଡ଼ିବ ସେଇ ପାଣ୍ଡବମାନଙ୍କୁ । ଦୀର୍ଘ ବାରବର୍ଷର ବନବାସ ନିର୍ଯାତନା ପରେ ମଧ୍ୟ ବର୍ଷେକାଳ ଦୟନୀୟ ଜୀବନଯାପନ କେତେ ଯନ୍ତ୍ରଣାଦାୟକ । ତା ସତ୍ତ୍ୱେ ସେମାନେ ଧୈର୍ଯ୍ୟର ସହ ତାକୁ ସହିଯାଇଛନ୍ତି । କୌରବ ମାନଙ୍କର ସମସ୍ତ ଅନ୍ୟାୟ, ଅତ୍ୟାଚାର ସେମାନଙ୍କୁ ତିଳତିଳ କରି ଜାଳି ଦେଇଛି ସତ, ହେଲେ ସେମାନେ ତାଙ୍କ କର୍ତ୍ତବ୍ୟପଥରୁ ବିଚ୍ୟୁତ ହୋଇନାହାଁନ୍ତି । ସେମାନଙ୍କ ଜୟ ବାସ୍ତବରେ ସତ୍ୟ, ଧର୍ମର ଜୟ । ତଥାପି ଦୁର୍ଯ୍ୟୋଧନଙ୍କ ମନରେ ଶାନ୍ତି ନାହିଁ । ବରଂ ଅଧିକରୁ ଅଧିକ ବିବ୍ରତ ହୋଇ ପଡୁଛନ୍ତି । ତାଙ୍କ ବିବ୍ରତର ଏକମାତ୍ର କାରଣ ପାଣ୍ଡବମାନଙ୍କର ରାଜ୍ୟଭାଗ ଦାବି ।

ପ୍ରତିଦିନ କିଛି ନା କିଛି ନୂତନ ସମ୍ବାଦମାନ ଆମ ନିକଟରେ ପହଞ୍ଚିବାରେ ଲାଗିଥାଏ, ବିରାଟ ରାଜା ଛଦ୍ମବେଶୀ ପାଣ୍ଡବମାନଙ୍କର ପ୍ରକୃତ ପରିଚୟ ପାଇ ବହୁତ ଆନନ୍ଦିତ ହୁଅନ୍ତି । ଅଜାଣତରେ ସେମାନଙ୍କ ପ୍ରତି କରିଥିବା କଟୂ ବ୍ୟବହାର ନିମନ୍ତେ ମର୍ମାହତ ହୁଅନ୍ତି । ରାଜକୁମାରୀ ଉତ୍ତରାଙ୍କୁ ମଧ୍ୟମ ପାଣ୍ଡବ ଅର୍ଜୁନଙ୍କ ହାତରେ ଟେକିଦେବାକୁ ଚାହାଁନ୍ତି । ମାତ୍ର ଅର୍ଜୁନ ଶିଷ୍ୟା ଉତ୍ତରା କନ୍ୟାସମ । ଶେଷରେ ଅର୍ଜୁନଙ୍କ ଇଚ୍ଛାରେ ସୁଭଦ୍ରା ତନୟ ଅଭିମନ୍ୟୁଙ୍କ ସହ ଉତ୍ତରାଙ୍କ ବିବାହ ଅନୁଷ୍ଠିତ ହୁଏ । ଏହି ବୈବାହିକ ସମ୍ପର୍କ ପାଣ୍ଡବମାନଙ୍କ ସହ ବିରାଟରାଜାଙ୍କ ଆଉ ଦ୍ୱାରକାଧିପତି କୃଷ୍ଣଙ୍କ ସମ୍ପର୍କକୁ ଆହୁରି ନିବିଡ଼ତର କରାଏ ।

ସେଦିନ ରାଜା ଦ୍ରୁପଦଙ୍କ ପୁରୋହିତ ପାଣ୍ଡବ ମାନଙ୍କ ପକ୍ଷରୁ ଏକ ସ୍ୱତନ୍ତ୍ର ଦୂତ ସାଜି ହସ୍ତିନାପୁର ଆସିଥାନ୍ତି । ସମ୍ମାନର ସହ ମହାରାଜଙ୍କ ନିକଟରେ ପ୍ରସ୍ତାବ ରଖନ୍ତି 'ମହାରାଜ, ପାଣ୍ଡବମାନେ ଏବେ ଦ୍ୟୁତକ୍ରୀଡ଼ାର ସବୁ ସର୍ତ୍ତକୁ ପୂର୍ଣ୍ଣକରି ସାରିଛନ୍ତି । ସେମାନେ ଚାହାଁନ୍ତି କୌରବମାନଙ୍କ ସହ ମିଳିମିଶି ଭାଇ ପରି ଚଳିବେ । ପାଣ୍ଡବମାନେ ଆପଣଙ୍କ ଅନୁଜ ପୁତ୍ର, ଜ୍ୟେଷ୍ଠପିତା ହିସାବରେ ଆପଣ ସେମାନଙ୍କୁ ନ୍ୟାୟ ଦିଅନ୍ତୁ । ଦ୍ୱାଦଶବର୍ଷର ବନବାସ ଓ ଏକବର୍ଷର ଅଜ୍ଞାତବାସର ପୂର୍ତ୍ତି ପରେ ପାଣ୍ଡବମାନଙ୍କୁ ସେମାନଙ୍କ ରାଜ୍ୟ ଫେରାଇ ଦିଅନ୍ତୁ । ଏକପକ୍ଷେ ଆପଣ ଜଣେ ରାଜା, ପ୍ରଜାପାଳନ ଆପଣଙ୍କର ପରମ କର୍ତ୍ତବ୍ୟ । ଦ୍ୱିତୀୟରେ ଆପଣ ହିଁ ପାଣ୍ଡବମାନଙ୍କ ଜ୍ୟେଷ୍ଠପିତା, ତେଣୁ ଉପଯୁକ୍ତ ବିଚାର କରି ସେମାନଙ୍କ ଯଥାର୍ଥ ଦାବି ପୂରଣ କରି ଦୁଇପକ୍ଷ ମଧ୍ୟରେ ଶାନ୍ତି, ଭ୍ରାତୃତ୍ୱ ବଜାୟ ରଖିବାରେ ସହାୟକ ହୁଅନ୍ତୁ । ଏହା କେବଳ ଆପଣଙ୍କ ପାଇଁ ନୁହେଁ, ସମଗ୍ର ହସ୍ତିନାପୁରବାସୀଙ୍କ ପାଇଁ ମଂଗଳ ହେବ ।

ଉପସ୍ଥିତ ସଭାସଦ୍ ସମସ୍ତଙ୍କ ମନରେ ଉତ୍କଣ୍ଠା, ମହାରାଜ କ'ଣ କହିବେ, କି ଉତ୍ତର ଦେବେ । କିନ୍ତୁ ସେ ନିରବ । ନିରବତା ହିଁ ସମ୍ମତିର ଲକ୍ଷଣ । ନିରବତାରୁ ପଢ଼ିହୁଏ ଜୀବନର ପରିଭାଷା । ମହାରାଜଙ୍କ ନିରବତା ମଧ୍ୟରେ ଥିଲା ଭିନ୍ନ କିଛି ରହସ୍ୟ । ସବୁଦିନେ ସେ ଏମିତି । ନିଜସ୍ୱ ନିଷ୍ପତ୍ତି ବୋଲି ତାଙ୍କର କିଛି ନାହିଁ । ରାଜସିଂହାସନରେ ବସି ମଧ୍ୟ ନିଷ୍ପତ୍ତି ନେବାର ଅଧିକାର ସତେଯେପରି ତାଙ୍କର ନାହିଁ । ମୁଁ କିଛି ବୁଝିପାରେନି । ମହାରାଜ ଧୃତରାଷ୍ଟ୍ର ନିଜେ କିଛି ନିଷ୍ପତ୍ତି ନେବାରେ ଏତେ ଅସହାୟ କ'ଣ ପାଇଁ? ପୁତ୍ରର ଭୟରେ ନା ମାତ୍ରାଧିକ ପୁତ୍ର ସ୍ନେହରେ ? ସେଦିନ ମଧ୍ୟ ଠିକ୍ ସେଇଆ ଘଟିଲା ।

ଗର୍ଜିଉଠିଲେ ଦୁର୍ଯ୍ୟୋଧନ । ରାଜ୍ୟ..... କେଉଁ ରାଜ୍ୟ....? କାହାର ରାଜ୍ୟ....? ଅସମ୍ଭବ.... ଅସମ୍ଭବ, ସେମାନଙ୍କୁ ସେମାନଙ୍କର ରାଜ୍ୟ ଭାଗ ଦିଆଯିବ ନାହିଁ । ସେମାନେ ନିର୍ବାସିତ ଜୀବନ ହିଁ ଭୋଗିବେ ଆଉ ସନ୍ଧିକଥା, ସେ ପୁଣି କିପରି ସମ୍ଭବ ? ସନ୍ଧି ହୋଇଥାଏ ସମାନପକ୍ଷଙ୍କ ମଧ୍ୟରେ । ପାଣ୍ଡବମାନେ ରାଜ୍ୟରୁ ନିର୍ବାସିତ ହେଲାପରେ ସନ୍ଧିର ପ୍ରଶ୍ନ ପୁଣି କାହିଁକି ? ବରଂ ଯାଅ ଯୁଧିଷ୍ଠିରଙ୍କୁ କହିଦେବ, ଯଦି ସାହସ ଅଛି ତେବେ, ଯୁଦ୍ଧ କରନ୍ତୁ । ନିଜ ଦାବିକୁ ବଳପୂର୍ବକ ସାବ୍ୟସ୍ତ କରନ୍ତୁ । ବିନା ଯୁଦ୍ଧରେ ସୂଚ୍ୟଗ୍ର ପରିମିତ ଭୂମି ଦିଆଯିବନି ।



ଉପସ୍ଥିତ ସଭାସଦ୍ ମଧ୍ୟରେ ମୁଁ ମଧ୍ୟ ବସିଥିଲି ଜଣେ ନିରବଦ୍ରଷ୍ଟା ଭାବେ । ଭାବୁଥିଲି, ହସ୍ତିନାପୁରର ମହାରାଜା ଧୃତରାଷ୍ଟ୍ର ସତରେ କ'ଣ ନିଜପୁତ୍ର ହାତରେ କ୍ରୀଡ଼ନକଟିଏ । କ'ଣ ପାଇଁ ସେ ଶାସନ ଗାଦିରେ ବସିଛନ୍ତି । ସିଂହାସନ, ରାଜମୁକୁଟ କ'ଣ କେବଳ ରାଜାର ଶୋଭାବର୍ଦ୍ଧନକାରୀ ? ଏ ପୁଣି କି ପ୍ରକାର ନ୍ୟାୟ ? ସିଂହାସନରେ ବସିବ ଜଣେ, ଆଉ ଶାସନ ପରିଚାଳନା କରିବ ଆଉ ଜଣେ । ହୋଇପାରନ୍ତି ହସ୍ତିନାପୁରର ରାଜା ଅନ୍ଧ । ମାତ୍ର ଜ୍ଞାନଚକ୍ଷୁ ଅଛି ବୋଲି ତ, ତାଙ୍କର ରହିଛି ଏକ ସ୍ୱତନ୍ତ୍ର ଖ୍ୟାତି । ଏବେ ଯାହାସବୁ ଘଟିଯାଉଛି ସେଥିପାଇଁ ଭବିଷ୍ୟତ ଇତିହାସ ତାଙ୍କୁ ହିଁ ଉତ୍ତରଦାୟୀ କରିବ, ଦୁର୍ଯ୍ୟୋଧନଙ୍କୁ ନୁହେଁ । ତଥାପି ସେ ନିରବ, ସେ ଯଦି ନିଜେ କିଛି ସ୍ଥିର ନିର୍ଣ୍ଣୟ ନେଇ ପାରୁନାହାଁନ୍ତି ତେବେ ତାଙ୍କୁ ସହାୟତା ଦେବା ପାଇଁ ମହାଜ୍ଞାନୀ ମାନେ ମଧ୍ୟ ଉପସ୍ଥିତ ରହିଛନ୍ତି । ନା ସେମାନଙ୍କ ପରାମର୍ଶ ନେଉଛନ୍ତି ନା ସେମାନଙ୍କୁ କିଛି ପଚାରୁଛନ୍ତି । 'ମୌନେ ସମ୍ମତି ଲକ୍ଷଣ' ପରି ନିରବତା ମଧ୍ୟରେ ଅନ୍ୟାୟର ପକ୍ଷକୁ ସମର୍ଥନ କରି ଚାଲିଛନ୍ତି । ତାଙ୍କ ହାତରେ ଶାସନ ଚାବୁକ ଥାଇ ମଧ୍ୟ ସେ ନିଷ୍କ୍ରିୟ । ହସ୍ତିନାପୁର ରାଜ୍ୟର ଭାବି ବଂଶଧର ମାନଙ୍କୁ ଗଢ଼ିବାର ଦାୟିତ୍ୱ ଯାହାଙ୍କ ହାତମୁଠାରେ ରହିଛି, ସେଭଳି ଜଣେ ଶାସନ ପୁଙ୍ଗବ ଯଦି ଅଥର୍ବ ପାଲଟିଯିବେ, ତେବେ ଦେଶବାସୀ କାହା ଉପରେ ଭରସା ରଖବେ । ପୁତ୍ର ତାଙ୍କର ଉଚ୍ଛୃଙ୍ଖଳିତ ହୋଇପାରନ୍ତି ହେଲେ ତାଙ୍କର ମଧ୍ୟ ମନେରଖିବା ଉଚିତ ଯେ, ସେ କେବଳ ଦୁର୍ଯ୍ୟୋଧନର ପିତା ନୁହଁନ୍ତି ସମଗ୍ର ହସ୍ତିନାପୁର ପ୍ରଜାଙ୍କର ପାଳନକର୍ତ୍ତା । ଯେଉଁ ସିଂହାସନ ତାଙ୍କୁ ସର୍ବୋଚ୍ଚ ସମ୍ମାନରେ ସମ୍ମାନିତ କରିଛନ୍ତି, ଯେଉଁ ରାଜମୁକୁଟ ପିନ୍ଧି ସେ ସର୍ବୋଚ୍ଚ ଶାସନକର୍ତ୍ତାର ଡିଣ୍ଡିମ ପିଟୁଛନ୍ତି । ସେ କ'ଣ ଚାହିଁଲେ ପୁତ୍ରକୁ ବାଟକୁ ଆଣିପାରନ୍ତେ ନାହିଁ । ଜ୍ୟୋତିଶୂନ୍ୟ ହେଲେ ବୋଲି କ'ଣ ତାଙ୍କର ବୁଦ୍ଧି, ବିବେକ, ବିଚାରଶୂନ୍ୟ । ମାତ୍ର ଏସବୁ କ'ଣ ଘଟିଯାଉଛି । ସ୍ୱୟଂ ମହାରାଜ ପାଲଟି ଯାଇଛନ୍ତି ମୂକ, ଜଡ଼, ନିଷ୍ପନ୍ଦ । ସତରେ ଯେମିତି ପାଷାଣର ପ୍ରତିମାଟିଏ, ଏହାକୁ କ'ଣ କହିବ ହସ୍ତିନାପୁରର ଭାଗ୍ୟ ?

ଦୂତଙ୍କର ବାରମ୍ବାର ସେଇ ପ୍ରଶ୍ନ କୁହନ୍ତୁ ମହାରାଜ, ଆପଣଙ୍କର ନିଷ୍ପତ୍ତି । ନିରୁତ୍ତର ରହିଲେ ଯେ ? ଆପଣ ବି କ'ଣ ଏଇଆ ଚାହାଁନ୍ତି ?

ମୋତେ ଆଉ ପଚାରନି କିଛି । ମୁଁ ବା କ'ଣ କହିବି ? ପୁତ୍ର ଦୁର୍ଯ୍ୟୋଧନ ତ ତୁମ ପ୍ରଶ୍ନର ଉତ୍ତର ଦେଇ ସାରିଛନ୍ତି ।

ଉପସ୍ଥିତ ସଭାସଦ୍ ସମସ୍ତେ ବିସ୍ମିତ ନୟନରେ ପରସ୍ପରକୁ କେବଳ ଅନାଇ ରହିଥିଲେ । ମୋତେ ଯେମିତି ଲାଗୁଥିଲା ହସ୍ତିନାପୁରର ସମସ୍ତ ଶକ୍ତିର କେନ୍ଦ୍ରବିନ୍ଦୁ ହେଉଛନ୍ତି ଦୁର୍ଯ୍ୟୋଧନ । ତାଙ୍କୁ ଛାଡ଼ି କୁରୁ ରାଜ୍ୟ କଳ୍ପନା କରାଯାଇ ପାରେନା । କୌରବ ଭ୍ରାତାମାନଙ୍କର ଜ୍ୟେଷ୍ଠଭ୍ରାତା ଦୁର୍ଯ୍ୟୋଧନଙ୍କ ଉପରେ କିଛି କହିବାର ଅଧିକାର ନାହିଁ । ନ୍ୟାୟ ହେଉ କି ଅନ୍ୟାୟ ହେଉ ଯେକୌଣସି ନିଷ୍ପତ୍ତି ନିଆଯିବା ପୂର୍ବରୁ ସେମାନଙ୍କୁ ଆଲୋଚନାରେ ଭାଗ ନେବାକୁ ସୁଯୋଗ ସୁଦ୍ଧା ମିଳୁ ନଥିଲା । ଦୁଃଶାସନ ତ ବଶମ୍ବଦ ଅନୁଜ । ଜ୍ୟେଷ୍ଠଭାଇଙ୍କ ଆଜ୍ଞା ପାଳିବା ତାର ପ୍ରଥମ କର୍ତ୍ତବ୍ୟ । କେହିଯଦି ପ୍ରତିବାଦର ସ୍ୱର ଉଠାଇବାକୁ ସାହସ କରୁଥିଲା ସେ ହେଉଛନ୍ତି ବିକର୍ଣ୍ଣ । ଜ୍ୟେଷ୍ଠ ନ୍ୟାୟରେ ତାଙ୍କ କଥାକୁ ମାନିନେବା ଯଦିଓ ଯୁକ୍ତିସଂଗତ ତଥାପି ଅନ୍ୟାୟର ପ୍ରତିବାଦ କରିବାକୁ ସେ ଆଦୌ ଭୟ କରୁ ନଥିଲେ ।

ପାଣ୍ଡବ ଦୂତ ରାଜା ଦ୍ରୁପଦଙ୍କ ପୁରୋହିତ ନିରାଶ ହୋଇ ଫେରି ଗଲାପରେ ପୁନର୍ବାର ପାଣ୍ଡବମାନଙ୍କ ପକ୍ଷରୁ ରାଜ୍ୟଭିକ୍ଷା ପାଇଁ ଦୂତ ଆସିବାର ପ୍ରସ୍ତୁତି ହେଲା । ଏଥର କିନ୍ତୁ ଆସୁଥିଲେ ଦ୍ୱାରକାଧିପତି କୃଷ୍ଣ । ବାସୁଦେବ କୃଷ୍ଣଙ୍କୁ ନେଇ ସମଗ୍ର ଆର୍ଯ୍ୟାବର୍ତ୍ତରେ ଅନେକ ଚର୍ଚ୍ଚା, କାହା ଭାଷାରେ ସେ ସ୍ୱୟଂ ବିଷ୍ଣୁଙ୍କ ଅବତାର ତ କାହା ପାଖରେ ମହାଶକ୍ତିର ଅଧିକାରୀ । ତେବେ, ଯିଏ ଯେଉଁ ନାମରେ ତାଙ୍କୁ ଡାକନ୍ତୁ ନା କାହିଁକି, ତାଙ୍କ ପାଖରେ ଯେ କିଛି ଅଲୌକିକ ଶକ୍ତି ରହିଛି ତାହା ସମସ୍ତେ ସ୍ୱୀକାର କରନ୍ତି । ତାଙ୍କ ନାମ ଶୁଣିଲେ ପିତାମହ ଭୀଷ୍ମ, ମହାମନ୍ତ୍ରୀ ବିଦୁର, ଗୁରୁ ଦ୍ରୋଣାଚାର୍ଯ୍ୟ କୃପାଚାର୍ଯ୍ୟ ସମସ୍ତେ ହିଁ ଉପରକୁ ହାତ ଉଠାଇ ପ୍ରଣାମ କରନ୍ତି । ମୋ ମନରେ ସଂଶୟ ଜାଗେ । ପ୍ରକୃତରେ ଏଇ କୃଷ୍ଣ କିଏ ? ମିତ୍ରଙ୍କ ଆଖିରେ କୃଷ୍ଣ ଜଣେ ସାଧାରଣ ଗୋପାଳ । ମାୟାବୀ ଶକ୍ତିବଳରେ ସେ ଏମିତି କିଛି ଅଲୌକିକ ଘଟଣାମାନ ସୃଷ୍ଟି କରିଥାନ୍ତି, ଯେଉଁଥିପାଇଁ ସମସ୍ତେ ତାଙ୍କ ଆଡ଼କୁ ଆକର୍ଷିତ ହୋଇଥାନ୍ତି । ଯାହାହେଉନା କାହିଁକି ସେଦିନ ହସ୍ତିନା ରାଜସଭାକୁ ପାଣ୍ଡବଦୂତ କୃଷ୍ଣ ଆସିବାର ପ୍ରଚାର ହୋଇଗଲା ମାତ୍ରେ ସମସ୍ତଙ୍କ ମନରେ ଅପୂର୍ବ ଉତ୍ସାହ ଓ ଉଦ୍ଦୀପନା ଖେଳିଗଲା ।

(କ୍ରମଶଃ)

+ବାରବାଟୀ, ବାଲେଶ୍ୱର,
(ମୋ) ୯୯୩୭୪୬୮୪୩୨

## ଆଜିର କବିତା

### ମିଛ ନୁହେଁ ସତ ମୁଁ କହୁଛି

ମୀରା ବେଉରା



ହୃଦୟଟା ଥିଲା ମୋର
କେବେଠୁ ଅତି ଆପଣାର
ବିସ୍ତାରି ଦେଲ ଛଳନା କରି
ସେଠି ସାମ୍ରାଜ୍ୟ ତୁମର
କେଉଁ ଦୁର୍ବଳ ମୁହୂର୍ତ୍ତକୁ ଅକ୍ତିଆର କରି
ତୁଚ୍ଛା ଅହଂକାର ଆଉ ଆଧିପତ୍ୟରେ
ମୋ' ଅଜାଣତେ ଲୁଟି ନେଇ ସବୁକିଛି
ମୋ' ଉପରେ ମିଛ ଅଧିକାର ଜାହିର କରି
ମୋ' ବିଶ୍ୱାସର ତାଜମହଲକୁ
ଦୋହଲାଇ ଦେଇ
ହୃଦୟେ ସ୍ଥାନ ବେଦ କହି,
ରଚିଲ ମୋ ପାଇଁ ଯନ୍ତ୍ରଣାର ଜୁଇ
ଏବେ ବକ୍ଷ ସାରା ଅଦେଖା କ୍ଷତ ମୋର
ଆଖିରେ ଆଖିଏ ଅବିଶ୍ରାନ୍ତ ଶ୍ରାବଣର ଧାର
ଛାତିରେ ଛାତିଏ ଅସମାପ୍ତ କୋହ ମୋର
ଭଲପାଏ ବୋଲି ତୁମ ମଣିଷଜାତିକୁ
କୁହ ଏହିକି ଥିଲା ଭୁଲ୍ ମୋର
ମୁଁ ଏବେ ଆଖି, କାନ, ପାଟି,
ହାତ ଥିବା ନିର୍ଜୀବ ମୂର୍ତ୍ତିଟିଏ
ଉତପ୍ତ ଜ୍ୱଳନରେ ଜଳିଜଳି ଆଲୋକ
ବାଣ୍ଟୁଥିବା ଦୀପଶିଖାଟିଏ
ତୁମେ ଦେଇଥିବା ଛଳନାର ବିଷକୁ ପିଇ
ଦେଖ ମୁଁ କେମିତି ନୀଳକଣ୍ଠ ସାଜିଛି
ତଥାପି ପାଶାଣୀ ଅହଲ୍ୟା ପରି
ତୁମ ଦିବ୍ୟ ସ୍ୱର୍ଶର ପ୍ରତୀକ୍ଷାରେ ରହିଛି ।
ହାରିନି, ଦେଖ ମୁଁ ଲୁହରେ ଭିଜିଭିଜି ହସୁଛି
ମରିମରି ବଞ୍ଚିବାର ଅଭିନୟ କରୁଛି
ଜୀବନ ଜୀଇଁବାର କଳାକୁ ମୁଁ ଶିଖିଛି
ମିଛ ନୁହେଁ ସତ ମୁଁ କହୁଛି
ତୁମକୁ ମୁଁ ଭଲ ପାଉଛି ।

+ ରଘୁନାଥଜୀଉ ମହାବିଦ୍ୟାଳୟ,
ଦେଉଳ ସାହି,
ତୁଳସୀପୁର, କଟକ
(ମୋ)୯୮୫୩୩୫୦୩୮୪

### ମିଛ ଦୁନିଆଁ ...

ସୁନନ୍ଦା ମହାନ୍ତି



ଦୁଇ ନିଆଁର ଦୁନିଆଁରେ
ସବୁ ମିଛ, ନିଆଁ, ପାଣି, ପବନ ଛାଡି
ମିଛ ଦୁନିଆଁରେ ବଂଚିବା ମୁସ୍କିଲ
ପିତା ମାତାଙ୍କୁ ଦିଅନ୍ତି କିଏ ବି ତଡି
ମିଛ ଦୁନିଆଁରେ କିଏ କାହାର ଏଠି
ସ୍ୱାମୀ ଦିଏ ସ୍ତ୍ରୀକୁ ପୋଡି

ମିଛ ଦୁନିଆଁରେ ସନ୍ତାନ ନୁହେଁ ମାଆର
ପାଗଳ ବୋଲି ପୁଅ ପାଦରେ ବେଡି
ମିଛ ଦୁନିଆଁରେ ବନ୍ଧୁ ହୁଏ ସ୍ୱାର୍ଥପର
ପର ବୁଦ୍ଧିରେ ପଡି

ମିଛ ଦୁନିଆଁରେ କନ୍ୟା ହୁଏ ପର
ବାନ୍ଧି ନୂଆ ସମ୍ପର୍କ ଦଉଡି

ମିଛ ଦୁନିଆଁରେ ବାଟବଣା ଏ ମଣିଷ
ହୋଇ କରମ କୋଡି
ମିଛ ଦୁନିଆଁରେ ଗୋଟିଏ ସତ
ଯିବ ବିଞ୍ଚି ବିଞ୍ଚି ଖଇ କଉଡ଼ି
ମିଛ ଦୁନିଆଁରେ ଏକମାତ୍ର ସତ୍ୟ
କର୍ମଫଳ ଥିବ ସାଥେ ଜାବୁଡି

ଆସିଅଛେ ଏକା ଚାଲିଯିବା ଏକା
ମଥା ପିଟୁଥିବ ସମୁଦ୍ର ଲହଡି
ମିଛ ଦୁନିଆଁରେ ମହାଭାରତ ରାମାୟଣ
ବାଟ ଚାଲିବାକୁ ସତ୍ୟର ପେଡି
ମିଛ ଦୁନିଆଁରେ'ଜି' ବାକୁ ହେଲେ
ମଣିଷ ପଣିଆ ନଦେବା ଛାଡି
ମିଛ ଦୁନିଆଁରେ ଚିରନ୍ତନ ସତ୍ୟ
ଜଗନ୍ନାଥ ଏକା ଅନ୍ଧ ଲଉଡ଼ି ।

+ସାକ୍ଷୀଗୋପାଳ, ପୁରୀ
ମୋ:୭୦୦୮୯୪୨୨୧୫

## ସମ୍ପର୍କର ରଙ୍ଗ

### ପତି ପତ୍ନୀ ସମ୍ପର୍କରେ ଭୁଲ୍ ବୁଝାମଣା

ଶ୍ୱେତା ରାଉତ୍

ଆମେ ସବୁବେଳେ ଭାବିଥାନ୍ତି ପତି-ପତ୍ନୀର ସମ୍ପର୍କ ଏକାନ୍ତ ବ୍ୟକ୍ତିଗତ, ଏବଂ ଦାମ୍ପତ୍ୟ କଳହ ବା ଭୁଲ୍ ବୁଝାମଣାରେ ତୃତୀୟ କାହାର ହସ୍ତକ୍ଷେପ ଠିକ୍ ନୁହେଁ କହିଥାନ୍ତି । କିନ୍ତୁ ଏଇ ଦାମ୍ପତ୍ୟ କଳହର କୁପ୍ରଭାବ କେତେ ମାତ୍ରାରେ ସମାଜ ଉପରେ, ପରିବେଶ ଉପରେ, ପରିସ୍ଥିତି ଉପରେ ପ୍ରଭାବ ପକାଏ ସେକଥା କେହି ଭାବିନଥାନ୍ତି ।

ସମାଜରେ ଅନେକ ବ୍ୟକ୍ତି ଖୁବ୍ ବଡ ବଡ ପୋଷ୍ଟରେ ଥାଆନ୍ତି, ବଡ ଅଫିସର ହୋଇଥାନ୍ତି । ଅନେକ ଲୋକଙ୍କୁ ନିଜ ଅଧିନରେ ରଖୁଥିବା ବ୍ୟକ୍ତିଟି କିନ୍ତୁ ଘରେ ସ୍ତ୍ରୀ'କୁ ଭୟକରି ରହିଥାନ୍ତି । ନ୍ୟାୟ ନିଷାପ କରି ସହ ସହ ଦାମ୍ପତ୍ୟ କଳହର ସମାଧାନ କରିବାକୁ ସଭାରେ ବସୁଥିବା ବ୍ୟକ୍ତିଟି, ନିଜ ପତି-ପତ୍ନୀ ମଧ୍ୟରେ ଥିବା କଳହ ବା ଭୁଲ୍ ବୁଝାମଣାକୁ ଦୂର କରିବାକୁ ଅକ୍ଷମ ଥାଏ । ଅନେକ ତର୍କ ବିତର୍କରେ ଭାଗ ନେଇ ନାରୀ ସ୍ୱାଧୀନତା, ନାରୀ ଶକ୍ତି ଉପରେ ଭାଷଣ ଦେଉଥିବା ନାରୀଟି ନିଜ ପରିବାରରୁ ନିର୍ଯ୍ୟାତନା ପାଇ ଅବଳା, ଦୁର୍ବଳା ଭାବେ ନୀରବରେ ଥାଏ, କିଛି କରିପାରେନାହିଁ ।

ମୁଁ ନିଜେ ଦେଖିଛି ଜଣେ ଜିଲ୍ଲା ଜର୍ଜ(ବିଚାରପତି)ତାଙ୍କର ତିନିବର୍ଷର କୋଟ୍ କାର୍ଯ୍ୟକାଳ ଭିତରେ ଚଉଦଟି କେସ୍‌ର ଫଇସାଲା କରି ରାୟ ଶୁଣାଇଥିଲେ ଏବଂ ସମସ୍ତଙ୍କୁ ଆଜୀବନ ସଜା ଦେଇଥିଲେ । ପରେ ଜାଣିବାକୁ ପାଇଲି ବିଚାରପତିଙ୍କ ପତ୍ନୀ ଦୀର୍ଘ କୋଡିଏ ବର୍ଷ ଧରି ତାଙ୍କୁ ହଇରାଣ କରୁଥିଲେ । ନିଜ ଡ୍ରାଇଭର୍ ସହିତ ପ୍ରେମ ସମ୍ପର୍କ ରଖି ପତ୍ନୀ ଚାଲିଯିବା ପରେ ବିଚାରପତି ଜଣଙ୍କ ଛାଡପତ୍ର ଅପିଲ୍ କରିଥିଲେ । କିନ୍ତୁ ତାଙ୍କ ପତ୍ନୀ ଛାଡପତ୍ର ଦେଉନଥିଲେ କି ଘରକୁ ଫେରୁନଥିଲେ । ଦୁଇଟି ବଢ଼ିଲା ଝିଅଙ୍କ ଦାୟିତ୍ୱ ଏବଂ ମାନସିକ ଦୁଶ୍ଚିନ୍ତା ବିଚାରପତିଙ୍କୁ ଗଭୀର ଭାବେ ପ୍ରଭାବିତ କରୁଥିଲା । କୋଟ୍‌ରେ ନ୍ୟାୟମୂର୍ତ୍ତୀ ଭାବେ ଯେଉଁ ସ୍ଥାନରେ ତାଙ୍କୁ ବସାଇ ଦିଆଯାଇଥିଲା, ସେ ସ୍ଥାନର ମର୍ଯାଦା ରଖିବାକୁ ମାନସିକ ଭାବେ ବିଚାରପତି ସକ୍ଷମ ନଥିଲେ ।ତେଣୁ ନିଜ ମନର କ୍ଷୋଭ, ଅଶାନ୍ତି, ବିତୃଷ୍ଣାଭାବ ଓ ଚିଡିଚିଡାପଣକୁ ସେ ଅନ୍ୟମାନଙ୍କୁ ସଜା କରାଇ ସାରିଦେଉଥିଲେ । ସେ ଦେଖୁନଥିଲେ କୋଟ୍‌ରେ ନ୍ୟାୟ ମାଗି ଆଜୀବନ ସଜା କାଟୁଥିବା କଏଦୀମାନଙ୍କ ଭିତରେ କେତେ ନିରୀହ, ନିର୍ଦ୍ଦୋଶ ବ୍ୟକ୍ତି ବଳି ପଡିଯାଉଛନ୍ତି !!



ଅନେକ ଡାକ୍ତର ମଧ୍ୟ ଅଛନ୍ତି, ଯେଉଁମାନେ ସକାଳୁ ଘରେ କୌଣସି କଥାରେ ପତ୍ନୀ ସହିତ ବଚସା କରି ହସପିଟାଲ ଯାଇଥାନ୍ତି, ଏବଂ ଅପରେସନ କଲାବେଳେ ବିରକ୍ତିଭାବ ଓ ଅନ୍ୟମନସ୍କତାରେ ରୋଗୀ ପେଟରେ କେତେବେଳେ ଟିସୁ ପେପର, କଇଁଚି ଛାଡି ଦେଇଥାନ୍ତି ତ କେତେବେଳେ ଏମିତି ଶୀରାପ୍ରଶୀରା କାଟିକୁଟି ଦେଇଥାନ୍ତି, ରୋଗୀ କୋମାକୁ ଚାଲିଯାଏ ତ କେବେ ରୋଗୀର ମୃତ୍ୟୁ ହୋଇଯାଇଥାଏ । ପ୍ରତ୍ୟେକ କାମ କରିବା ପୂର୍ବରୁ ବ୍ୟକ୍ତିର ମାନସିକ ସ୍ଥିତି ଭଲ ରହିବା ଦରକାର । କିନ୍ତୁ ଆଜିକାଲି ଶିକ୍ଷିତ ମାନଙ୍କ ପରିବାରରେ ହିଁ ପତି-ପତ୍ନୀର କଳହ ଅଧିକ ଦେଖିବାକୁ ମିଳୁଛି । ଶିକ୍ଷିତମାନେ ହିଁ ସମ୍ପର୍କକୁ ବଞ୍ଚେଇ ରଖିବାକୁ ଅସମର୍ଥ ହେଉଛନ୍ତି ।

ପ୍ରତ୍ୟେକ ବ୍ୟକ୍ତିର ମନସ୍ଥିତି, ବିଚାରଶକ୍ତି ଓ ଆତ୍ମ ସନ୍ତୋଷ ହିଁ ତାକୁ କର୍ମକ୍ଷେତ୍ରରେ ସହଜରେ କରିନେବାକୁ ଉତ୍ସାହିତ କରିଥାଏ । ବ୍ୟକ୍ତିଟି ଯଦି ଘରୁ ଅସନ୍ତୋଷ ନେଇ କାର୍ଯ୍ୟକ୍ଷେତ୍ରକୁ ଯାଏ, ପ୍ରଥମେ ତା ମୁହଁରେ ଅସନ୍ତୋଷ ପ୍ରକଟ ପାଏ, ତା ପରେ ବ୍ୟବହାରରେ, ତା ପରେ କର୍ମରେ, ଉଚ୍ଚାରଣରେ, ଦାୟିତ୍ୱବୋଧତାରେ ଏବଂ ପରିଶେଷରେ ସମସ୍ତଙ୍କଠୁ ନିଜର ଦୁର୍ବ୍ୟବହାରର ପରିଣାମ କେବଳ ଦୁର୍ବ୍ୟବହାର ପାଇଥାଏ ।ପତି-ପତ୍ନୀଙ୍କ ମଧ୍ୟରେ ଥିବା ଭୁଲ୍ ବୁଝାମଣା ପରୋକ୍ଷଭାବେ ସମାଜ ଉପରେ କୁପ୍ରଭାବ ପକାଇଥାଏ ।ତେଣୁ ଆମର ଶୃଙ୍ଗଳିତ ଜୀବନ ପାଇଁ ଦାମ୍ପତ୍ୟ ସମ୍ପର୍କ ପ୍ରତି ସଚେତନ ରହିବା ନିହାତି ଜରୁରୀ ।

+ ରାଉତ କମ୍ପ୍ଲେକ୍ସ, କଟକ ରୋଡ଼, ଭୁବନେଶ୍ୱର

# ବାହୁ ଓ ଅର୍ଥ ବଳ ଜରିଆରେ ନିର୍ବାଚନ ଲଢୁଛି ବିଜେଡି : ବିଜେପି

ଭୁବନେଶ୍ୱର ,୯/୨ (ନି.ପ୍ର): ସରକାରୀ କଳ, ବଳର ଅପବ୍ୟବହାର ସହିତ ଶାସକ ବିଜେଡି କାର୍ଯ୍ୟକର୍ତାଙ୍କ ଗୁଣ୍ଡାଗର୍ଦ୍ଦି ଆଜି ରାଜ୍ୟର ସ୍ୱଚ୍ଛ ଗଣତନ୍ତ୍ର ପ୍ରତି ବଡ ବିପଦ ଆଣିଦେଇଛି । ଏହା ସତ୍ୱେ ଭୋଟରମାନଙ୍କୁ ପ୍ରଭାବିତ କରିବା ପାଇଁ ସମସ୍ତ ବିଧିବ୍ୟବସ୍ଥାକୁ ଫୁ କରିଦେଇ ବ୍ୟାପକ ଭାବେ ଟଙ୍କା ପଇସାର ବଂଟନ ନିର୍ବାଚନ ଆଚରଣ ବିଧିକୁ ସଂପୂର୍ଣ୍ଣ ଉଲ୍ଲଂଘନ କରୁଛି । ଚଳିତ ପଂଚାୟତ ନିର୍ବାଚନରେ ଭୋଟରମାନଙ୍କୁ ଟଙ୍କା ପଇସା ବାଂଟି ଭୟଭୀତ କରାଇ ଜୋରଜବରଦସ୍ତ ଭୋଟ ହାତେଇବାର ବହୁ ଘଟଣାମାନର ଭିଡିଓ ଆଜି ସର୍ବସାଧାରଣରେ ଭାଇରାଲ ହେଉଛି । ଏହି ପରିପ୍ରେକ୍ଷୀରେ ଆଜି ବିଜେପି ତରଫରୁ ରାଜ୍ୟ ନିର୍ବାଚନ କମିଶନଙ୍କ ନିକଟରେ ତଥ୍ୟ ଓ ପ୍ରମାଣ ସହ ଅଭିଯୋଗ କରାଯାଇ ବିହୀତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଦାବୀ କରାଯାଇଛି ।

ମାଲକାନଗିରି ଜିଲ୍ଲା ଜିଲ୍ଲା ପରିଷଦ ଜୋନ-୩ ଗୁମୁଖା ପଂଚାୟତରେ ଏକ ନିର୍ବାଚନୀ ସଭାରେ ଶାସକ ବିଜେଡି ନେତୃବୃନ୍ଦଗଣ ଖୋଲାଖୋଲି ଭାବେ ଟଙ୍କା ବଂଟନ କରି ଦଳୀୟ ପ୍ରାର୍ଥୀଙ୍କୁ ଭୋଟ ଦେବା ପାଇଁ ନିର୍ଦ୍ଦେଶ ଦେଉଛନ୍ତି । ସେହିପରି ପୁରୀ ଜିଲ୍ଲା କାକଟପୁର ନିର୍ବାଚନମଣ୍ଡଳୀର ଜୋନ-୭ ରେ ମଧ୍ୟ ବିଜେଡି କାର୍ଯ୍ୟକର୍ତାମାନେ ଧମକ ଚମକ ଦେଇ ଭୋଟରମାନଙ୍କୁ ଭୟଭୀତ କରିବାର ଦୃଶ୍ୟ ମଧ୍ୟ ଭାଇରାଲ ହୋଇଛି । ଏହି ଦୁଇଟି ଘଟଣାରେ ଶାସକ ବିଜେଡି କାର୍ଯ୍ୟକର୍ତାଙ୍କ ଆଚରଣ ବିଧି ଉଲ୍ଲଂଘନକୁ ନେଇ ବିହୀତ ପଦକ୍ଷେପ ଗ୍ରହଣ ଦାବୀରେ ଆଜି ରାଜ୍ୟ ନିର୍ବାଚନ କମିଶନଙ୍କ ନିକଟରେ ବିଜେପି ଦାବୀ କରିଛି । ରାଜ୍ୟରେ ଅବାଧ, ମୁକ୍ତ ଓ ନିରପେକ୍ଷ ପଂଚାୟତ ନିର୍ବାଚନ ପାଇଁ ରାଜ୍ୟ ନିର୍ବାଚନ କମିଶନ ତୁରନ୍ତ ବିହୀତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିଜେପି ତରଫରୁ ପୁଣି ଥରେ ଦାବୀ କରାଯାଇଛି । ରାଜ୍ୟ ମୁଖପାତ୍ର ଉର୍ମିଳା ମହାପାତ୍ର, ଠାକୁର ରଣଜିତ୍ ଦାସ, ଲିଗାଲ ସେଲର ଜୟନ୍ତ ଜେନା, ରବି ଶଙ୍କର ପଟ୍ଟନାୟକ, ମହେନ୍ଦ୍ର ପ୍ରଧାନ ଏବଂ ଓବିସି ମୋର୍ଚ୍ଚା ରାଜ୍ୟ ସଂପାଦକ ସିଦ୍ଧାର୍ଥ ଶଂକର ପତି ପ୍ରମୁଖ ସାମିଲ ଥିଲେ ।

# ୧୫ରୁ ଓଇଆରସି ଜନଶୁଣାଣି : ବଢ଼ିବ ବିଜୁଳି ଶୁଳ୍କ

## ଶୁଳ୍କ ବଢିଲେ ରାସ୍ତାରେ ହେବ ଜନ ଆନ୍ଦୋଳନ : ସମାଜବାଦୀ ପାର୍ଟି

ଭୁବନେଶ୍ୱର,୯/୨ (ନି.ପ୍ର): ଆସନ୍ତା ୧୫ ତାରିଖରୁ ଓଡ଼ିଶା ରାଜ୍ୟ ବିଦ୍ୟୁତ୍ ନିୟାମକ ଆୟୋଗ ବିଜୁଳି କମ୍ପାନୀମାନଙ୍କର ୨୦୨୨-୨୩ ବର୍ଷ ପାଇଁ ବାର୍ଷିକ ଆୟବ୍ୟୟର ଅଭିଯୋଗ ଶୁଣାଣି କରିବାକୁ ଯାଉଛନ୍ତି । ଏହି ଜନଶୁଣାଣିକୁ ଢାଲ କରି ଆସନ୍ତା ଆର୍ଥିକ ବର୍ଷ ପାଇଁ ବିଜୁଳି ଶଲ୍କ ବଢିବ ବୋଲି ଶୁଣାଯାଉଛି । ଯେତେବେଳେ ରାଜ୍ୟବାସୀ କରୋନା ସଂକ୍ରମଣ ଯୋଗୁ ଜୀବନ ଜୀବିକାର ସଂଘର୍ଷ ଭିତରେ ଆର୍ଥିକ ସଙ୍କଟ ଦେଇ ଗତି କରୁଛନ୍ତି, ସେହି ସମୟରେ ଓଇଆରସିକୁ ଢାଲ କରି ବିଜୁଳି କମ୍ପାନୀମାନେ ଶୁଳ୍କ ବଢାଇ ୯୨ଲକ୍ଷ ଖାଉଟିଙ୍କୁ ଶୋଷଣ କରିବାକୁ ଯାଉଛନ୍ତି ବୋଲି ସମାଜବାଦୀ ପାର୍ଟି ଅଭିଯୋଗ କରିଛି । ଯଦି ଆଗାମୀ ଆର୍ଥିକ ବର୍ଷ ପାଇଁ ବିଦ୍ୟୁତ୍ ଶୁଳ୍କ ବଢେ, ତେବେ ଶୁଳ୍କ ବୃଦ୍ଧି ବିରୁଦ୍ଧରେ ରାଜରାସ୍ତାରେ ଜନ ଆନ୍ଦୋଳନକୁ ଜୋରଦାର କରାଯିବ ବୋଲି ପାର୍ଟିର ରାଜ୍ୟ ସଭାପତି ରବି ବେହେରା ବିଜୁଳି କମ୍ପାନୀ, ଓଇଆରସି କର୍ତ୍ତୃପକ୍ଷ ଓ ରାଜ୍ୟ ସରକାରଙ୍କୁ ସତର୍କ କରାଇ ଦେଇଛନ୍ତି । ଏଠାରେ ଉଲ୍ଲେଖ ଥାଉକି, ଗତ ଦୁଇବର୍ଷ ଧରି ସମଗ୍ର ବିଶ୍ୱ ଯେତେବେଳେ କରୋନା ସଙ୍କଟ ଭିତର ଦେଇ ଗତି କରୁଥିଲା, ଜୀବନ ଜୀବିକା କଷ୍ଟକର ହୋଇପଡ଼ିଥିଲା । ସେ ସମୟରେ ମଧ୍ୟ ଓଡ଼ିଶାର ବିଜୁଳି କମ୍ପାନୀମାନେ ଓଇଆରସିକୁ ଢାଲ ଭଳି ବ୍ୟବହାର କରି ୟୁନିଟ୍ ପିଛା ୨ ଦଫାରେ ୫୦ ପଇସା ବିଜୁଳି ଦର ବଢାଇଥିଲେ । ସେତେବେଳେ ୫୦ ୟୁନିଟ୍ ପର୍ଯ୍ୟନ୍ତ ୨.୫୦ ଥିଲାବେଳେ ତାହା ଗତ ସେପ୍ଟେମ୍ବର ମାସରେ ୨୦ ପଇସା ଏବଂ ମାର୍ଚ୍ଚ ମାସରେ ୩୦ ପଇସା ବୃଦ୍ଧି ପାଇ ତାହା ୩ଟଙ୍କା ଆସି ପହଞ୍ଚିଛି । ପୁନଶ୍ଚ ନିଜର ପରିବହନ ଜନିତ କ୍ଷତି କମାଇ ନପାରି ନିଜର ଅପାରଗତା ଓ ଦୁର୍ନୀତିକୁ ଭରଣା କରିବା ପାଇଁ ବିଜୁଳି କମ୍ପାନୀମାନେ ଆଗାମୀ ଆର୍ଥିକ ବର୍ଷରେ ବିଦ୍ୟୁତ୍ ଶୁଳ୍କ ବଢାଇବା ପାଇଁ ଜନଶୁଣାଣିକୁ ଆଳ ଭାବରେ ବ୍ୟବହାର କରୁଛନ୍ତି । କମ୍ପାନୀମାନଙ୍କର ଏହି ବାରମ୍ବାର ଶୋଷଣ, ଅତ୍ୟାଗ୍ରର ଓ ବିଦ୍ୟୁତ୍ ଶୁଳ୍କ ବୃଦ୍ଧି ବିରୁଦ୍ଧରେ ଏକ ସଂଗଠିତ ଜନଆନ୍ଦୋଳନର ଆବଶ୍ୟକତା ରହିଛି । ଏଠାରେ ପ୍ରକାଶଥାଉକି, ସମଗ୍ର ଭାରତବର୍ଷରେ ୧୯୯୪-୯୫ ମସିହାରେ ଓଡ଼ିଶା ଥିଲା ଦେଶର ପ୍ରଥମ ରାଜ୍ୟ, ଯିଏ ବିଶ୍ୱବ୍ୟାଙ୍କରୁ ଋଣ ଆଣି ବିଜୁଳିର ଘରୋଇକରଣ ଆରମ୍ଭ କରିଥିଲା । ସେତେବେଳେ ୫୬ ପ୍ରତିଶତ ପରିବହନ ଜନିତ କ୍ଷତି କରୁଥିବା ଓ ୩୦୦କୋଟି ଟଙ୍କାର ଆର୍ଥିକ କ୍ଷତିର ବୋଝ ମୁଣ୍ଡାଇଥିବା ଓଡ଼ିଶା ରାଜ୍ୟ ବିଦ୍ୟୁତ୍ ବୋର୍ଡ଼କୁ ଭାଙ୍ଗି ବିଭିନ୍ନ କମ୍ପାନୀ ଗଠନ କରିବା ପାଇଁ ସରକାର ପଦକ୍ଷେପ ନେଇଥିଲେ । ଉତ୍ପାଦନ, ଆବଣ୍ଟନ ଓ ପରିବହନକୁ ତିନିଭାଗରେ ବିଭକ୍ତ କରାଯାଇ ବିଜୁଳି କ୍ଷେତ୍ରରେ ସଂସ୍କାର ଅଣାଯାଇଥିଲା ଏବଂ ରାଜ୍ୟବାସୀଙ୍କୁ ପ୍ରତିଶ୍ରୁତି ଦିଆଯାଇଥିଲା ଶସ୍ତା ଓ ସୁଲଭ ମୂଲ୍ୟରେ ନିରବଚ୍ଛିନ୍ନ ଗୁଣାତ୍ମକ ବିଜୁଳି ସେବା ଯୋଗାଇ ଦିଆଯିବ । କିନ୍ତୁ ଦୁଃଖର କଥା ୨୬ ବର୍ଷର ସଂସ୍କାର ପରେ ମଧ୍ୟ ଆଜି ପରିବହନ ଜନିତ କ୍ଷତି ବା (ଏ.ଟି ଆଣ୍ଡ ସି) କ୍ଷତି ୨୯ ପ୍ରତିଶତ ରହିଛି । ଗୋଟିଏ ପ୍ରତିଶତ ପରିବହନ ଜନିତ କ୍ଷତିକୁ ଯଦି କମାଇ ଦିଆଯାଇ ପାରିବ, ତାହେଲେ ବାର୍ଷିକ ୭୫ କୋଟି ଟଙ୍କା ସଞ୍ଚୟ କରାଯାଇ ପାରିବ । କିନ୍ତୁ ଅପରାଗତା, ଦୁର୍ନୀତି ଓ ପାରଦର୍ଶିତା ଅଭାବରୁ କ୍ଷତି ଭରଣା ହୋଇପାରୁ ନାହିଁ । ଯାହାଫଳରେ ଏହାକୁ ଭରଣା କରିବା ପାଇଁ କମ୍ପାନୀମାନେ ଓଇଆରସି ଜନଶୁଣାଣିକୁ ଆଳ କରି ପ୍ରତିବର୍ଷ ଗ୍ରାହକଙ୍କ ମୁଣ୍ଡ ଉପରେ ସେହି କ୍ଷତିକୁ ଭରଣା କରିଚାଲିଛନ୍ତି । ଅତ୍ୟାଧୁନିକ ଜ୍ଞାନକୌଶଳ ଯୁଗରେ ମଧ୍ୟ କମ୍ପାନୀମାନଙ୍କର ଏହି ଶୋଷଣ ଅବ୍ୟାହତ ରହିଛି । କେତେବେଳେ ସ୍ମାର୍ଟ ମିଟର ବଦଳାଇବା ନାମରେ ସ୍ମାର୍ଟ ମିଟର ଦେବେ ବୋଲି କହି ଗ୍ରାହକଙ୍କ ଉପରେ ଅତିରିକ୍ତ ବୋଝ ଲଦି ଦେଉଛନ୍ତି ତ ଆଉ କେତେବେଳେ ନିର୍ଦ୍ଦିଷ୍ଟ ତାରିଖ ଠାରୁ ବିଳମ୍ବରେ ବିଲ୍ ଦେଇ ଅତିରିକ୍ତ ଟିକସ ଆକାରରେ ଗ୍ରାହକଙ୍କୁ ଶୋଷଣ କରିଚାଲିଛନ୍ତି । ପ୍ରତିବାଦ କଲେ ଶୁଣିବାକୁ କେହି ନାହିଁ । ସରକାର ମଧ୍ୟ ଏହି କମ୍ପାନୀମାନଙ୍କ ସମ୍ମୁଖରେ ସତେ ଯେମିତି ଅସହାୟ ହୋଇଯାଇଛନ୍ତି । ଯଦି ଆଗାମୀ ୧୫ରୁ ଆରମ୍ଭ ହୋଇ ୨୮ରେ ଶେଷ ହେବାକୁ ଥିବା ଜନଶୁଣାଣିକୁ ଆଳ କରି ପୁଣିଥରେ ୯୨ଲକ୍ଷ ଗ୍ରାହକଙ୍କ ଉପରେ ବିଦ୍ୟୁତ୍ ଶୁଳ୍କ ବୃଦ୍ଧିର ବୋଝ ଲଦି ଦିଆଯାଏ, ତେବେ ରାଜ୍ୟବାସୀ ରାଜରାସ୍ତାକୁ ଆସି ଆନ୍ଦୋଳନ କରିବେ ବୋଲି ଶ୍ରୀ ବେହେରା ଚେତାଇ ଦେଇଛନ୍ତି ।

# ଆଇଗିଣିଆରେ ଗୋଲେଇ ଛକ କରିବାପାଇଁ ଛାତ୍ର କଂଗ୍ରେସର ଦାବି

ଭୁବନେଶ୍ୱର,୯/୨ (ନି.ପ୍ର): ଆଜି ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ୟାସିର ନୱାଜ ଏବଂ ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ସଭାପତି ବିଶ୍ୱଜିତ ଦାଶଙ୍କ ନେତୃତ୍ୱରେ ସ୍ଥାନୀୟ ଜନସାଧାରଣଙ୍କ ଏକ ପ୍ରତିନିଧି ପାଲହାଇଟ୍ସ ସ୍ଥିତ ଜାତୀୟ ରାଜପଥ ଅଥରିଟି ଅଧିକାରୀଙ୍କୁ ସାକ୍ଷାତ କରି ସେଠିକାର ରାସ୍ତା ସମସ୍ୟା ସଂପର୍କରେ ଜଣାଇବା ସହ ଏକ ଦାବିପତ୍ର ପ୍ରଦାନ କଲେ । ଦାବି ପତ୍ରରେ କୁହାଯାଇଛି ଯେ ଆଇଗଣିଆ, ଯଦୁପୁର, ଢୁମ୍ଢୁମା, ଢୁମଢୁମା କଲୋନୀ, ସରକନ୍ତରା ଓ ବାହାଦଲପୁରର ଅଧିବାସୀ ଜାତୀୟ ରାଜପଥ ଦେଇ ପ୍ରତିଦିନ ଯାତାୟତ କରୁଛନ୍ତି । ଜଣେ ବ୍ୟକ୍ତିଙ୍କୁ ଢୁମୁଢୁମାରୁ ଆସି ଖଣ୍ଡଗିରି ଦିଗରେ ଯିବାକୁ ହେଲେ ପ୍ରାୟ ୨ କି.ମି. ରାସ୍ତା ବୁଲି ପାତ୍ରପଡ଼ା ବ୍ରିଜ୍ ତଳ ଦେଇ ଯିବାକୁ ପଡୁଛି । ଉପରୋକ୍ତ ଗ୍ରାମର ପାୟ ୪୦/୪୫ ହଜାର ଲୋକ ଏହି ଅସୁବିଧାର ସମ୍ମୁଖିନ ହେଉଛନ୍ତି । କିଛି ଲୋକ ନିୟମ ନମାନି ଭୁଲ ରାସ୍ତାରେ ଯିବା ଫଳରେ କସମୋପଲି ଛକଠାରୁ ଖଣ୍ଡଗିରି ଛକ ମଧ୍ୟରେ ପ୍ରତିଦିନ ଦୁର୍ଘଟଣା ହେଉଛି ।

ଏଣୁ ସାଧାରଣ ଲୋକ ଏବଂ ସ୍ଥାନୀୟ ଅଧିବାସୀଙ୍କ ଦାବୀକୁ ଦୃଷ୍ଟିରେ ରଖି ଆଇଗିଣିଆ ଛକଦେଇ ଏକ ଗୋଲେଇ କରି ଏ ସମସ୍ୟାର ସମାଧାନ କରିବାକୁ ଅନୁରୋଧ । ଯଦି ଅନ୍ୟ କୌଣସି ଉପାୟରେ ଏ ସମସ୍ୟାର ସମଧାନ ହୋଇପାରିବ ସେ ବିଷୟ ସ୍ଥାନୀୟ ବାସିନ୍ଦାଙ୍କ ସହ ଆଲୋଚନା କରାଯାଉ ।

ଆର.କେ.ଡି. କନଷ୍ଟ୍ରକସନ କମ୍ପାନୀ ଭୁବନେଶ୍ୱର କସମପଲି ଛକରୁ ବରମୁଣ୍ଡା ଛକ ପର୍ଯ୍ୟନ୍ତ ଓଭରବ୍ରିଜ ନିର୍ମାଣ କରୁଛି । ଏହି କମ୍ପାନୀ ସେଠାରେ ନିମ୍ନମାନର କାମ କରିବା ଯୋଗୁ ବର୍ଷେ ନପୁରୁଣ ଓଭରବ୍ରିଜରେ ଫାଟ ସୃଷ୍ଟି ହେଉଛି । ରାସ୍ତାରେ ମଧ୍ୟ ଗାତ ସୃଷ୍ଟି ହେଉଛି । ଏହାର ମରାମତି ଦାୟୀତ୍ୱ ମଧ୍ୟ ଏହି କମ୍ପାନୀ ନେଇଛି । ମରାମତି ସମୟରେ ଦୁର୍ଘଟଣାକୁ ରୋକିବାପାଇଁ ଯେଉଁ ବ୍ୟବସ୍ଥା ଗ୍ରହଣ କରିବା କଥା ସେ ଦିଗରେ ପଦକ୍ଷେପ ଏହି କମ୍ପାନୀ ନ ନେବାଫଳରେ ଖଣ୍ଡଗିରୀ ଥାନା ସମ୍ମୁଖ ଓଭରବ୍ରିଜ ଉପରେ ବାରମ୍ବାର ଦୁର୍ଘଟଣା ହେଉଛି । ଯେଉଁଥିରେ ଦୁଇଜଣ ଲୋକ ମୃତ୍ୟୁବରଣ କରିବା ସହ ଅନେକ ଲୋକ ଗୁରୁତର ଭାବେ ଆହତ ହୋଇଛନ୍ତି । ଏହି କମ୍ପାନୀର ବେପରୁଆ ଏବଂ ଦାୟୀତ୍ୱ ହୀନ କାର୍ଯ୍ୟପାଇଁ ସେଠାରେ ଧନ, ଜୀବନ ଓ ଯାନର ବ୍ୟାପକ କ୍ଷୟକ୍ଷତି ହେଉଛି । ଗାଡ଼ି ଚାଳକ କିପରି ସାବଧାନତାର ସହ ରାସ୍ତାରେ ଯିବେ ତାହା ଏହି କମ୍ପାନୀର ଦାୟୀତ୍ୱ ଥିବାବେଳେ ଏହି କମ୍ପାନୀ ତାହାକୁ ନିର୍ବାହ କରି ନାହାନ୍ତି । ରାସ୍ତାରେ ପଥର ରଖି କାମ କରାଯାଉଛି । ଗାଡ଼ି ଚାଳକ ଜାଣି ନପାରିବା ଫଳରେ ଦୁର୍ଘଟଣା ହେଉଛି । ରାସ୍ତା କାମ ସଂପର୍କରେ ବ୍ୟାନର କିମ୍ବା ବୋର୍ଡ଼ ମରାଯାଇ ସତର୍କତା ସୂଚନା ଦିଆଯାଉନି । ଏହା ପ୍ରତିବାଦରେ ସେଠିକାର ସାଧାରଣ ଜନତା ଧାରଣା ଓ ପ୍ରତିବାଦ କରିଛନ୍ତି । ତଥାପି ଏହି କମ୍ପାନୀ କୌଣସି ପଦକ୍ଷେପ ନେଉ ନାହାନ୍ତି ।

ନିମ୍ନ ମାନର ରାସ୍ତା କାମ, ବ୍ରିଜ୍‌ରେ ଫାଟ ପାଇଁ ମରାମତି ସମୟରେ ସତର୍କତା ସୂଚନା ନଦେବା ଯୋଗୁଁ ସେଠାରେ ହେଉଥିବା ଦୁର୍ଘଟଣା ପାଇଁ ଆର.କେ.ଡି ଦାୟୀ । ଏଣୁ ସେଠାରେ କିପରି ଦୁର୍ଘଟଣା ଅଟକାଯାଇ ପାରିବ ତା'ର ବିଧିବଦ୍ଧ ପଦକ୍ଷେପ ନେବାକୁ ଏବଂ ଆର.କେ.ଡି ର ଖାମଖିଆଲି ମନୋଭାବ ବିରୋଧରେ ଜାତୀୟ ରାଜପଥ ଅଥରଟି ଅଧିକାରୀଙ୍କ ପାଖରେ ଅଭିଯୋଗ କରାଯାଇଥିଲା । ଜାତୀୟ ରାଜପଥ ଅଥରଟି ଅଧିକାରୀ ତୁରନ୍ତ ଏ ସଂପର୍କରେ ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ପ୍ରକାଶ ମିଶ୍ର, ମୋହନ ଜେନା, ଜୟକୃଷ୍ଣ ସୁବୁଦ୍ଧି, ରଣଜିତ ପାତ୍ର, ସ୍ୱାଗତ କର, ମହମ୍ମଦ ଗୁଲଫାମ, ମିହିର ଆଚାର୍ଯ୍ୟ, ଅଜୟ ସାହୁ, ମହମ୍ମଦ ତାର୍କ୍ୱିନ, ସାଗର ପଟ୍ଟନାୟକ ପ୍ରମୁଖ ଅଂଶଗ୍ରହଣ କରିଥିଲେ ।

# କୋଭିଡ ପରବର୍ତ୍ତୀ ଚିକିତ୍ସା ପାଇଁ ମଧ୍ୟ ବେଶ୍ ଉପଯୋଗୀ ଆୟୁର୍ବେଦ : ବିଶେଷଜ୍ଞ ଡାକ୍ତର

ଭୁବନେଶ୍ୱର,୯/୨ (ନି.ପ୍ର): କରୋନା ସଂକ୍ରମଣରୁ ଦୂର ପାଇଁ ଆୟୁର୍ବେଦ ବେଶ୍ ଉପଯୋଗୀ । ଅମୃତାରିଷ୍ଟ, ଅଣୁତେଲ ଓ ଦ୍ରାକ୍ଷାରିଷ୍ଟ ଆଦି ବ୍ୟବହାର କରିହେବ । ରାଜ୍ୟ ସରକାରଙ୍କ ବିଶେଷଜ୍ଞ ଡାକ୍ତର ଏହା କହିଛନ୍ତି । କୋଭିଡ ପରବର୍ତ୍ତୀ ଚିକିତ୍ସା ପାଇଁ ମଧ୍ୟ ବେଶ୍ ଉପଯୋଗୀ ଆୟୁର୍ବେଦ । କୋଭିଡ ଆକ୍ରାନ୍ତଙ୍କ ପାଇଁ କାଢ଼ା ପିଇବା ବେଶ୍ ଲାଭଦାୟକ । ଆୟୁର୍ବେଦ ଔଷଧ ବ୍ୟବହାର କଲେ ଏହାର ପାର୍ଶ୍ୱ ପ୍ରତିକ୍ରିୟା ନାହିଁ । ଆୟୁର୍ବେଦ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧିରେ ସହାୟକ ହୋଇଥାଏ । ଶିଶୁମାନଙ୍କ ଚିକିତ୍ସା ପାଇଁ ମଧ୍ୟ ଆୟୁର୍ବେଦର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ଡାକ୍ତର କହିଛନ୍ତି ।



କୋଭିଡ-୧୯ରେ ସଂକ୍ରମିତ ହୋଇଥିବା ବ୍ୟକ୍ତି ସଠିକ ଭାବେ ତିନି ପରସ୍ତ ବିଶିଷ୍ଟ ମାସ୍କ ପରିଧାନ କରନ୍ତୁ । ବାରମ୍ବାର ସାବୁନରେ ହାତ ଧୋଇବାକୁ ଭୁଲନ୍ତୁ ନାହିଁ ।ପୁଷ୍ଟିକର ଓ ସହଜରେ ହଜମ ହେଉଥିବା ଖାଦ୍ୟ ଖାଆନ୍ତୁ । ଅଧିକ ଜାଣିବା ପାଇଁ ନିମ୍ନ ପ୍ରଦତ୍ତ ନିର୍ଦ୍ଦେଶାବଳୀ ଅନୁପାଳନ କରନ୍ତୁ ।

# ଡଃ ଏସ୍.ଏନ୍. ସୁବାରାଓଙ୍କ ୯୪ତମ ଜନ୍ମଜୟନ୍ତୀ ପାଳିତ

ଭୁବନେଶ୍ୱର,୯/୨ (ନି.ପ୍ର): ବିଶିଷ୍ଟ ଗାନ୍ଧୀବାଦୀ, ସ୍ୱାଧୀନତା ସଂଗ୍ରାମୀ, ଜାତୀୟ ଭ୍ରାତା, ଚମ୍ବଲ ଗାନ୍ଧୀ ଓ ଜାତୀୟ ଯୁବ ପ୍ରକଳ୍ପର ପ୍ରତିଷ୍ଠାତା ଡଃ ଏସ୍.ଏନ୍. ସୁବାରାଓ (ଭାଇଜୀ)ଙ୍କ ୯୪ମ ଜନ୍ମବାର୍ଷିକ ଉପଲକ୍ଷେ ତା ୬ ଫେବୃୟାରୀ ଠାରୁ ୮ ଫେବୃୟାରୀ ପର୍ଯ୍ୟନ୍ତ ମଧ୍ୟପ୍ରଦେଶର ଜୌରାଠାରେ ମହାତ୍ମା ଗାନ୍ଧୀ ସେବାଆଶ୍ରମ ପ୍ରାଙ୍ଗଣରେ ଏକ ତ୍ରିଦିବସୀୟ ଭାଇଜୀ ସ୍ମୃତି ସମାରୋହ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ପରମପୂଜ୍ୟ ସ୍ୱର୍ଗତଃ ଭାଇଜୀଙ୍କ ଜନ୍ମଜୟନ୍ତୀ ଅବସରରେ ଫେବୃୟାରୀ ୭ ତାରିଖ ଦିନ ସାରା ଭାରତରୁ ଆସିଥିବା ଭାଇଜୀ ଆଦର୍ଶବାଦୀ ତଥା ଜାତୀୟ ଯୁବ ପ୍ରକଳ୍ପର ସଦସ୍ୟ/ ସଦସ୍ୟାମାନେ ଆଣିଥିବା ରାଜ୍ୟର ମାଟିକୁ ସମାଧିପୀଠରେ ରଖିବା ପରେ ତାଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରାର୍ଥନା କରିଥିଲେ । ପରେ ସ୍ମୃତିଚାରଣ ନିମନ୍ତେ ସଭାକାର୍ଯ୍ୟ ଆରମ୍ଭ କରାଯାଇଥିଲା ।

ଉକ୍ତ ସଭାରେ ମହାତ୍ମା ଗାନ୍ଧୀ ସେବାଶ୍ରମର ଅଧକ୍ଷ ପି.ଭି. ରାଜଗୋପାଳନ ମୁଖ୍ୟ ଅତିଥି ରୂପେ ଯୋଗ ଦେବା ସହ ସର୍ବସେବା ସଂଘର ଅଧକ୍ଷ ଚନ୍ଦନ ପାଲ ସଭାରେ ଅଧକ୍ଷତା କରିଥିଲେ । ପରେ ଜାତୀୟ ଯୁବ ପ୍ରକଳ୍ପର ଅନ୍ୟତମ ଟ୍ରଷ୍ଟି ମଧୁସୂଦନ ଦାସଙ୍କ କଣ୍ଠରୁ ନିସୃତ ୧୮ଟି ଭାଷାର ବହୁଭାଷୀ କାର୍ଯ୍ୟକ୍ରମ ତଥା ଭାଇଜୀଙ୍କ ସବୁଠାରୁ ପ୍ରିୟ କାର୍ଯ୍ୟକ୍ରମ 'ଭାରତ କି ସନ୍ତାନ' ପରିବେଷଣ ହୋଇଥିଲା । ଏଥି ସହିତ ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମ ମଧ୍ୟରେ ସର୍ବଧର୍ମ ପ୍ରାର୍ଥନା, ଧ୍ୱଜାରୋହଣ, ଶ୍ରମଦାନ, ରାଜ୍ୟମାନଙ୍କର ଭବିଷ୍ୟତ ଯୋଜନା ଉଦ୍ଦେଶ୍ୟରେ ବକ୍ତବ୍ୟ ଉପସ୍ଥାପନା ଓ ଶାନ୍ତି ସଦ୍‌ଭାବନା, ଅହିଂସା ତଥା ଗାନ୍ଧୀ ବିଚାରଧାରାର ପ୍ରଚାର ପ୍ରସାର କରିବା ଏବଂ ଭାଇଜୀଙ୍କ ଦ୍ୱାରା ଚମ୍ବଲ ଦସ୍ୟୁମାନଙ୍କ ସମର୍ପଣର ୫୦ବର୍ଷ ପୂର୍ତି ଅବସରରେ ଏକ ସର୍ବୋଦୟ ସମ୍ମେଳନ ଆୟୋଜନ ପାଇଁ ଖସଡ଼ା ପ୍ରସ୍ତୁତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଓଡ଼ିଶାରୁ ମଧୁସୂଦନ ଦାସ, ପ୍ରଚଣ୍ଡ ଜୟସ୍ୱାଲ, ବିନାୟକ ଆଚାର୍ଯ୍ୟ ଓ ଶ୍ରୀ ସୋମ୍ ପ୍ରମୁଖ ଯୋଗଦାନ କରିଥିଲେ । ଏହି ତ୍ରିଦିବସୀୟ କାର୍ଯ୍ୟକ୍ରମକୁ ଜାତୀୟ ଯୁବ ପ୍ରକଳ୍ପର ସମ୍ପାଦକ ରଣସିଂହ ପରମାର ଅତି ସୁନ୍ଦର ରୂପେ ସମ୍ପାଦନ କରିଥିଲେ ।

# ପୂର୍ବତନ ଉପମୁଖ୍ୟମନ୍ତ୍ରୀ ପବିତ୍ର ମୋହନ ପ୍ରଧାନଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ପାଳିତ

ଭୁବନେଶ୍ୱର ,୯/୨ (ନି.ପ୍ର): ଓଡ଼ିଶାର ବିଶିଷ୍ଟ ସଂଗ୍ରାମୀ ତଥା ଓଡ଼ିଶାର ପୂର୍ବତନ ଉପମୁଖ୍ୟମନ୍ତ୍ରୀ ସ୍ୱର୍ଗତ ପବିତ୍ର ମୋହନ ପ୍ରଧାନଙ୍କ ୧୧୪ତମ ଜୟନ୍ତୀ ଅବସରରେ ସୂଚନା ଓ ଲୋକସଂପର୍କ ବିଭାଗ ତରଫରୁ ବିଭାଗୀୟ ସମ୍ମିଳନୀ କକ୍ଷରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି । ଓଡ଼ିଶାର ପ୍ରାକ୍ ସ୍ୱାଧୀନତା କାଳରେ ରାଜତନ୍ତ୍ର ବିରୋଧୀ ତଥା ପ୍ରଜା ଆନ୍ଦୋଳନର ପ୍ରବକ୍ତା ଥିଲେ ସ୍ୱର୍ଗତ ପବିତ୍ର ମୋହନ ପ୍ରଧାନ । ସେ ନିଜର ଅପୂର୍ବ ତ୍ୟାଗ, ସାହସିକତା ଓ ନିଷ୍ଠା ବଳରେ ଜନସାଧାରଣଙ୍କ ପାଖରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିଲେ । ତାଳଚେରରେ ଜନ୍ମିତ ତଥା ପ୍ରଜା ଆନ୍ଦୋଳନର ପ୍ରବକ୍ତା ସ୍ୱର୍ଗତ ପବିତ୍ର ମୋହନ ପ୍ରଧାନ ଗଡ଼ଜାତ ମିଶ୍ରଣ ପରେ ସକ୍ରିୟ ରାଜନୀତିରେ ଯୋଗଦେଇ ବିଭିନ୍ନ ସମୟରେ ମନ୍ତ୍ରୀପଦରେ ଅଧିଷ୍ଠିତ ହେବା ସହ ଓଡ଼ିଶାର ଉପମୁଖ୍ୟମନ୍ତ୍ରୀ ହୋଇଥିଲେ । ଜଣେ ସାଲିସବିହୀନ, ମୂଲ୍ୟବୋଧ ସଂପନ୍ନ ରାଜନେତା ଭାବେ ସେ ଅତ୍ୟନ୍ତ ଲୋକପ୍ରିୟ ଥିଲେ । ନିଜର ଆଦର୍ଶ, ତ୍ୟାଗ, ସଂଗ୍ରାମୀ କାର୍ଯ୍ୟକଳାପ, ସାହିତ୍ୟସାଧନା, ବହୁବିଧ ସମାଜସେବା ନିମନ୍ତେ ସବୁଠାରେ ପ୍ରଶଂସିତ ପବିତ୍ର ମୋହନ ସର୍ବଦା ଅହଙ୍କାର, ତୋଷାମଦ ଓ ମିଥ୍ୟାଚାରରୁ ଦୂରରେ ରହିଥିଲେ । ଜଣେ ସରଳ, ଆଦର୍ଶବାଦୀ ଜନନେତା ଭାବେ ସେ ଆମର ଚିର ନମସ୍ୟ । ସୂଚନା ଓ ଲୋକସଂପର୍କ ବିଭାଗ ତରଫରୁ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ବିଭାଗୀୟ ନିର୍ଦ୍ଦେଶକ ଇନ୍ଦ୍ରମଣି ତ୍ରିପାଠୀ, ନିର୍ଦ୍ଦେଶକ (ବୈଷୟିକ) ନିରଞ୍ଜନ ସେଠୀ, ଉତ୍କଳ ପ୍ରସଙ୍ଗ ଏବଂ ଓଡ଼ିଶା ରିଭ୍ୟୁର ସଂପାଦକ ଡ. ଲେନିନ୍ ମହାନ୍ତି, ଅତିରିକ୍ତ ନିର୍ଦ୍ଦେଶକ ସୁରେନ୍ଦ୍ରନାଥ ପରିଡ଼ା ଉପସ୍ଥିତ ରହି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଯୁଗ୍ମ ସଚିବ, ଯୁଗ୍ମ ନିର୍ଦ୍ଦେଶକ, ଉପନିର୍ଦ୍ଦେଶକ ଏବଂ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।

# ଆଜି ରାଜ୍ୟରେ ୧୭୧୨ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର,୯/୨ (ନି.ପ୍ର): ଗତ ୨୪ ଘଣ୍ଟା ମଧ୍ୟରେ ରାଜ୍ୟରେ ୧୭୧୨ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ଏମାନଙ୍କ ମଧ୍ୟରୁ ୩୨୩ ଜଣ ୦ ରୁ ୧୮ ବର୍ଷ ମଧ୍ୟରେ ଅଛନ୍ତି । ଚିହ୍ନଟ ହୋଇଥିବା ଆକ୍ରାନ୍ତଙ୍କ ମଧ୍ୟରୁ ୯୯୭ ଜଣ ସଙ୍ଗରୋଧରୁ ଥିବାବେଳେ ୭୧୫ ଜଣ ସ୍ଥାନୀୟ ସଂକ୍ରମଣ ବୋଲି ଜଣାପଡିଛି । ଚିହ୍ନଟ ଆକ୍ରାନ୍ତଙ୍କ ମଧ୍ୟରୁ ଖୋର୍ଦ୍ଧାରୁ ସର୍ବାଧିକ ୨୫୭ ଜଣ ଥିବାବେଳେ ସୁନ୍ଦରଗଡ଼ରୁ ୧୪୭ ଜଣ ଅଛନ୍ତି । ସେହିପରି ଏହି ଆକ୍ରାନ୍ତଙ୍କ ସଂଖ୍ୟାକୁ ମିଶାଇଲେ ରାଜ୍ୟରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୧୨ ଲକ୍ଷ ୭୧ ହଜାର ୫୨୩ରେ ପହଞ୍ଚିଛି । ସେହିପରି ୧୨ ଲକ୍ଷ ୪୫ ହଜାର ୦୨୬ ଜଣ ସୁସ୍ଥ ହୋଇଥିବାବେଳେ ଏବେ ୧୭୬୪୭ଟି ସକ୍ରିୟ ମାମଲା ରହିଛି । ସେହିପରି ରାଜ୍ୟରେ ଆଜି ୨୨ ଜଣ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ହୋଇଥିବାବେଳେ ଖୋର୍ଦ୍ଧା ଜିଲ୍ଲାରୁ ସର୍ବାଧିକ ୧୪ ଜଣ ଅଛନ୍ତି ।

# ଦେଶରେ ପ୍ରଥମ : ଜଣେ ରୋଗୀଙ୍କଠାରେ ୩ କ୍ୟାନ୍‌ସର ଚିହ୍ନଟ

ଭୁବନେଶ୍ୱର,୯/୨ (ନି.ପ୍ର): ଜଣେ ବ୍ୟକ୍ତିଙ୍କ ଠାରେ ଏକାଥରକେ ତିନୋଟି କ୍ୟାନ୍‌ସର ଚିହ୍ନଟ ହୋଇଛି । ଖାଦ୍ୟନଳୀରେ ଗୋଟିଏ ଏବଂ ପାକସ୍ଥଳୀରେ ଦୁଇଟି ଆର୍ଲି ଗ୍ୟାଷ୍ଟ୍ରିକ କ୍ୟାନ୍‌ସର ନିରୂପଣ ହୋଇଛି । ଆର୍ଲି ଗ୍ୟାଷ୍ଟ୍ରିକ କ୍ୟାନ୍‌ସର ଚିହ୍ନଟ ଏକ ଜଟିଳ ପ୍ରକ୍ରିୟା । ଭୁବନେଶ୍ୱରର ଡାକ୍ତର ଆଶୁତୋଷ ମହାପାତ୍ର ଏଥିରେ ସଫଳତା ହାସଲ କରିଛନ୍ତି । ଏଥିଯୋଗୁଁ ରୋଗୀଙ୍କୁ ରେଡିଓଥେରାପି କିମ୍ବା କେମୋଥେରାପି ନେବାକୁ ପଡୁନାହିଁ । ଏନେଇ ଡା. ମହାପାତ୍ର କହିଛନ୍ତି, ପ୍ରାୟ ୬ ମାସ ପୂର୍ବରୁ ୬୭ ବର୍ଷୀୟ ଜଣେ ବ୍ୟକ୍ତି ଖାଦ୍ୟ ହଜମ ସମସ୍ୟା ନେଇ ଆସିଥିଲେ । ଏଣ୍ଡୋସ୍କୋପି କରିବା ପରେ ଖାଦ୍ୟନଳୀରେ କର୍କଟ ଚିହ୍ନଟ ହୋଇଥିଲା । ଏହା ଆଡଭାନ୍ସ ଷ୍ଟେଜକୁ ଚାଲି ଆସିଥିଲା । ପାକସ୍ଥଳୀ ଦେଖିବା ପରେ ଦୁଇଟି ଆର୍ଲି ଗ୍ୟାଷ୍ଟ୍ରିକ କ୍ୟାନସର ଚିହ୍ନଟ କରିଥିଲେ । ୫ ବର୍ଷ ପରେ ଏହା ଜଣାପଡ଼ିଥିଲେ ଖାଦ୍ୟନଳୀ ଏବଂ ପାକସ୍ଥଳୀ ଉଭୟ କାଟିବାକୁ ପଡ଼ିଥାଆନ୍ତା । ବର୍ତ୍ତମାନ ରୋଗୀଜଣକ ହାଇଦ୍ରାବାଦ ଯାଇ ଚିକିତ୍ସିତ ହୋଇ ସୁସ୍ଥ ହୋଇଛନ୍ତି । ପୂର୍ବରୁ ଜଣେ ବ୍ୟକ୍ତିଙ୍କ ଠାରେ ଦୁଇଟି କ୍ୟାନ୍‌ସର ଚିହ୍ନଟ ହୋଇଛି । କିନ୍ତୁ ତିନୋଟି କ୍ୟାନ୍‌ସର ବିଶେଷକରି



ପାକସ୍ଥଳୀରେ ତିନୋଟି କ୍ୟାନ୍‌ସର ଚିହ୍ନଟ ଦେଶରେ ବିରଳ । ଖାଦ୍ୟନଳୀ କ୍ୟାନ୍‌ସର ପାଇଁ ବ୍ୟକ୍ତିଜଣକ ରେଡିଓଥେରାପି ନେଉଛନ୍ତି । କ୍ୟାନ୍‌ସରର ତୃତୀୟ ଏବଂ ଚତୁର୍ଥ ଷ୍ଟେଜରେ ଆସି ଚିକିତ୍ସା ହେବା ଅପେକ୍ଷା ସାମାନ୍ୟ ସଚେତନ ହେଲେ ପ୍ରି କ୍ୟାନ୍‌ସର କିମ୍ବା ଆର୍ଲି ଷ୍ଟେଜରେ ଏହାର ଚିହ୍ନଟ ହୋଇ ପାରିବ ବୋଲି ଡା. ମହାପାତ୍ର କହିଛନ୍ତି ।

# ନିର୍ବାଚନକୁ ଆଖିଆଗରେ ରଖି ବିଜେଡ଼ି ବିଜେପିର ଅରୁଆ ଉଷୁନା ରାଜନୀତି : କିଷାନ କଂଗ୍ରେସ

ଭୁବନେଶ୍ୱର,୯/୨ (ନି.ପ୍ର): ଉଭୟ ଶାସକ ବିଜେଡ଼ି ଓ ବିଜେପି ଦଳ ଅରୁଆ ଉଷୁନା ରାଜନୀତିକୁ ନେଇ ପଂଚାୟତ ନିର୍ବାଚନ ଥିବାରୁ କେବଳ ନାଟକବାଜୀ କରୁଛନ୍ତି ବୋଲି ପ୍ରଦେଶ କଂଗ୍ରେସ କିଷାନ ସେଲ୍ ଅଧକ୍ଷ ଅମିୟ କୁମାର ପଟ୍ଟନାୟକ କହିଛନ୍ତି । ରାଜ୍ୟରେ ଧାନ କିଣା ଅବ୍ୟବସ୍ଥା ଯୋଗୁଁ ଚାଷୀଙ୍କ ରୋଷରୁ ବର୍ତିବା ପାଇଁ ବର୍ତମାନ ବିଜେଡ଼ି କେବଳ ବୃଥା ଅରଣ୍ୟ ରୋଦନ କରୁଛି । ରାଜ୍ୟ ସରକାର ଯଥେଷ୍ଟ ପୂର୍ବରୁ କାହିଁକି ଓଡ଼ିଶା ଚାଷୀଙ୍କ ହକ୍ ପାଇଁ ୧୭ଲକ୍ଷ ମେଟ୍ରିକ୍ ଟନ୍ ଉଷୁନା ଓ ଅରୁଆ ଚାଉଳ ଉଠାଇବାକୁ ଦାବୀ କଲେନାହିଁ । ଯେଉଁ ଢ଼ଙ୍ଗରେ ଦାବୀ କରାଯାଇଛି, ତାହା କେବଳ ଧର୍ମକୁ ଆଖିଠାରୁ । ପଂଚାୟତ ନିର୍ବାଚନକୁ ଆଖିଆଗରେ ରଖି ଯଦି ଏହି ନାଟକବାଜୀ ଚାଲିଥାଏ, ତେବେ ଚାଷୀକୂଳ ଉଭୟ ଶାସକଦଳକୁ କେବେ କ୍ଷମା ଦେବେ ନାହିଁ ବୋଲି ଶ୍ରୀ ପଟ୍ଟନାୟକ କହିଛନ୍ତି । ଓଡ଼ିଶାରେ ୯୫ ପ୍ରତିଶତ ଉଷୁନା ଚାଉଳ ଉତ୍ପାଦନ ହୋଇଥାଏ । ଅରୁଆ ଚାଉଳ ଅପେକ୍ଷା ଉଷୁନା ଚାଉଳ ଓଡ଼ିଶାର ମୁଖ୍ୟ ଚାହିଦା । ଓଡ଼ିଶାରେ ଯେଉଁ ଚାଉଳ ପ୍ରସ୍ତୁତି କରଣ ୟୁନିଟ୍ ରହିଛି, ତାହା କେବେଳ ଉଷୁନାଧାନ ପାଇଁ ପ୍ରଯୁଜ୍ୟ । ଏଠାରେ ଅରୁଆ ପ୍ଲାଂଟ ପ୍ରୋସେସିଂ ୟୁନିଟର ଆଦୌ ଭିତିଭୂମି ଓ ବୈଷୟୀକ ଜ୍ଞାନ କୌଶଳ ପ୍ରଦାନ ଓ ଆବଶ୍ୟକୀୟ ସଂଖ୍ୟକ ଗୋଦମଘର ନିର୍ମାଣ କରାଯିବା ପାଇଁ ସୁଯୋଗ ସୃଷ୍ଟି କରାଯାଇ ନାହିଁ । କିମ୍ବା କେନ୍ଦ୍ର ଓ ରାଜ୍ୟ ସରାକର ଏ ଦିଗରେ ଆଦୌ ଗୁରୁତ୍ୱ ପ୍ରଦାନ କରିନାହାନ୍ତି । କେନ୍ଦ୍ର ଓଡିଶାର ଚାଉଳକୁ ପଡ଼ୋଶୀ ଝାଡ଼ଖଣ୍ଡ, ବିହାର ରାଜ୍ୟକୁ ଆବଶ୍ୟକୀୟ କ୍ରମେ ପଠାଇ ପାରିବ । ଏ ଦିଗରେ କେନ୍ଦ୍ର ସରକାର ଉଦାସୀନତା କାହିଁକି ବୋଲି ସେ କହିଛନ୍ତି । ଅପରକ୍ଷରେ ପ୍ରଧାନମନ୍ତ୍ରୀ ୨୦୨୨ ସୁଦ୍ଧା ଚାଷୀଙ୍କ ଆୟ ଦ୍ୱିଗୁଣ କରିବେ ବୋଲି ୫ବର୍ଷତଳେ ଯେଉଁ ପ୍ରତିଶ୍ରୁତି ଦେଇଥିଲେ ଠିକ୍ ୫ ବର୍ଷ ପୂରିବାପରେ ଚାଷୀର ଆୟ ଦିଗୁଣା ହେବା ପରିବର୍ତେ ଜାତୀୟ ସାମ୍ପୁଲ ସର୍ଭେ ଅନୁଯାୟୀ ଓଡ଼ିଶା ଚାଷୀଙ୍କ ଆୟ ବର୍ତମାନ ତଳ ଆଡୁ ଦ୍ୱିତୀୟରେ ରହିଛି । ଧାନର ସର୍ବନିମ୍ନ ସହାୟକ ମୂଲ୍ୟ କ୍ୱିଂଟାଲ ପିଛା ୨୯୩୦ ଟଙ୍କାକୁ ବୃଦ୍ଧି କରାଗଲା ନାହିଁ କିମ୍ବା ଏମ.ଏସ୍.ପିର ଆଇନଗତ ଗ୍ୟାରେଂଟି କରାଗଲା ନାହିଁ । କେନ୍ଦ୍ର ରାଜ୍ୟ ସାର ଯୋଗାଣରେ ମଧ୍ୟ ବାରମ୍ବାର ଅବହେଳା ପ୍ରଦାନ କରିଚାଲିଛି ।

# ମାର୍ଚ୍ଚ ୩ରୁ ଆତ୍ମରକ୍ଷା କୌଶଳ ତାଲିମ

ଭୁବନେଶ୍ୱର,୯/୨ (ନି.ପ୍ର): ୨୦୨୧-୨୨ ଶିକ୍ଷାବର୍ଷରେ ଉଚ୍ଚଶିକ୍ଷା ବିଭାଗ ଅଧୀନ ଡିଗ୍ରି କଲେଜର ଛାତ୍ରୀଙ୍କୁ ଆତ୍ମରକ୍ଷା କୌଶଳ ତାଲିମ ପ୍ରଦାନ କରାଯିବ । ଜାନୁଆରିରେ ଆରମ୍ଭ ହେବାକୁ ଥିବା ଏହି ତାଲିମ କାର୍ଯ୍ୟକ୍ରମ କରୋନା ତୃତୀୟ ଲହର ଲାଗି ସ୍ଥଗିତ ରଖାଯାଇଥିଲା । ଏବେ ସଂକ୍ରମଣ କମିବା ସହ ସ୍ଥିତିରେ ସୁଧାର ଆସିଥିବାରୁ ମାର୍ଚ୍ଚ ୩ରୁ ଭୁବନେଶ୍ୱରସ୍ଥିତ ଉତ୍କଳ କରାଟେ ସ୍କୁଲରେ ପ୍ରଥମ ପର୍ଯ୍ୟାୟରେ ୩୭୭ ଜଣ ଛାତ୍ରୀଙ୍କୁ ତାଲିମ ଦିଆଯିବ । ମାର୍ଚ୍ଚ ୩ରୁ ୯ ପର୍ଯ୍ୟନ୍ତ ଗଜପତି, କନ୍ଧମାଳ, କୋରାପୁଟ, ମାଲକାନଗିରି, ନବରଙ୍ଗପୁର ଓ ରାୟଗଡ଼ା ଜିଲ୍ଲାର ୧୧୬ଜଣ ଛାତ୍ରୀଙ୍କୁ ତାଲିମ୍ ଦିଆଯିବ । ୧୧ରୁ ୧୭ତାରିଖ ପର୍ଯ୍ୟନ୍ତ ଗଞ୍ଜାମ ଜିଲ୍ଲାର ୧୩୪ ଜଣ ଛାତ୍ରୀଙ୍କୁ ତାଲିମ ଦିଆଯିବାକୁ ଥିବା ବେଳେ ୨୧ରୁ ୨୭ ତାରିଖ ମଧ୍ୟରେ ଝାରସୁଗୁଡ଼ା, ସମ୍ବଲପୁର ଓ ସୁନ୍ଦରଗଡ଼ ଜିଲ୍ଲାର ୧୨୭ ଜଣ ଛାତ୍ରୀଙ୍କୁ ତାଲିମ ମିଳିବ । ଧାର୍ଯ୍ୟ ତାରିଖର ଗୋଟିଏ ଦିନ ପୂର୍ବରୁ ଛାତ୍ରୀମାନେ ରିପୋର୍ଟିଂ କରିବାକୁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ କୁହାଯାଇଛି ।

## ଆଦିକବି...

(ପୃଷ୍ଠା-୪ର ଅବଶିଷ୍ଟାଂଶ)

ତାଙ୍କର ଗୁଣ ଓ ବୁଦ୍ଧି ରାଜକର୍ମଚାରୀମାନଙ୍କୁ ମୁଗ୍ଧ କରିଥିଲା । ସାରଳାଦାସଙ୍କୁ ସେମାନେ ରାଜଦରବାରକୁ ଘେନିଗଲେ, ବିବାହର ଆୟୋଜନ କଲେ । କାଠ ଓ ବାଉଁଶଙ୍କୁ ଦେଖି ଚାଷୀ ସିଦ୍ଧେଶ୍ୱର ମନେମନେ ବହୁତ ଖୁସୀ ହେଉଥାନ୍ତି । ରାଜକନ୍ୟା ସିଦ୍ଧେଶ୍ୱରଙ୍କୁ ବନ୍ଧାପନା କରିବା ସମୟରେ, ସିଦ୍ଧେଶ୍ୱର ଭୟରେ ଖଟ ତଳେ ଲୁଚିଗଲେ । ସିଦ୍ଧେଶ୍ୱରଙ୍କର ଏହି ପରି କାର୍ଯ୍ୟରେ ରାଜକନ୍ୟା କ୍ରୋଧନ୍ୱିତା ହୋଇ ମୂର୍ଖ, ଅଧମ ବୋଲି କହି ଅନ୍ତଃପୁରକୁ ପଳାଇଲେ । ସିଦ୍ଧେଶ୍ୱର ରାଜକୁମାରୀଙ୍କ କଟୁମନ୍ତବ୍ୟରେ ଦୁଃଖିତ ହୋଇ ମା' ସାରଳାଙ୍କ ନିକଟକୁ ଯାଇ ନିଜର ଦୁଃଖ ଜଣାଇଲେ । 'ମା' ପ୍ରସନ୍ନ ହୋଇ କହିଲେ ସିଦ୍ଧେଶ୍ୱର ତୁ ଚିନ୍ତା କରନାହିଁ, ତୁ ଗଲାବେଳେ ବାଟରେ ଯେଉଁ ଲେଖନୀଟି ପାଇବୁ । ସେହି ଲେଖନୀରେ କଳ୍ପବଟ ମୂଳ ବସି ଚିନ୍ତାକଲେ ତୋତେ ସବୁ ଦୃଶ୍ୟମାନହେବ । ଏହି ଘଟଣାଟି ସିଦ୍ଧେଶ୍ୱରଙ୍କ ଜୀବନରେ ଅଭୂତପୂର୍ବ ପରିବର୍ତ୍ତନ ଆଣିଥିଲା ।

'ମା'ଙ୍କ ଦତ ଲେଖନୀ ସାହାର୍ଯ୍ୟରେ ସାରଳାଦାସ ମହାଭାରତ, ଚଣ୍ଡୀ ପୁରାଣ, ବିଲଙ୍କା ରାମାୟଣ, ଲକ୍ଷ୍ମୀ ନାରାୟଣ ବଚନିକା ଓ ବହୁତ ସୁନ୍ଦର ସୁନ୍ଦର ଗଳ୍ପ ସୃଷ୍ଟି କରିଥିଲେ । ଗଳ୍ପଗୁଡିକ ହେଲା ବାବନା ଭୂତ, ଗଙ୍ଗା-ଶାନ୍ତନୁ ବିବାହ, ଭୀମ ରାଜାର କଥା, ନବଗୁଞ୍ଜର କଥା, ଭାରତ ଯୁଦ୍ଧର ଭରତିଆ ପକ୍ଷୀକଥା, କୁନ୍ତୀ ଗାନ୍ଧାରୀର ଶିବପୂଜା କଥା, ଅର୍ଜ୍ଜୁନର ବରପ୍ରାପ୍ତି କଥା ଓ ପାର୍ବତୀଙ୍କ କୋପ କତା ପ୍ରଭୃତି ଗଳ୍ପଗୁଡିକ ଜନଜୀବନକୁ ବେଶ୍ ପ୍ରଭାବିତ କରିଛି ।

ଏହି ନିରହଙ୍କାର ସିଦ୍ଧ କବିଙ୍କ ଶେଷ ଜୀବନ ଇଷ୍ଟଦେବୀ ସାରଳା ଦେବୀଙ୍କ ନିକଟରେ କଟାଇଥିଲେ । ସେ ନିଜର ସ୍ତ୍ରୀ, ପୁତ୍ର ଓ କନ୍ୟାଙ୍କ ଠାରୁ ସମସ୍ତ ସଂସାରିକ ବନ୍ଧନ ତ୍ୟାଗକରି 'ମା'ଙ୍କ ପାଦପଦ୍ମରେ ନିଜକୁ ଉତ୍ସର୍ଗ କରିଦେଇଥିଲେ । ସାରଳାଦାସ ଜ୍ୟୋତିଷ ଶାସ୍ତ୍ରରେ ନିପୁଣ ଥିଲେ । ଶାସ୍ତ୍ର ବିଚାରକରି ଜାଣି ପାରିଥିଲେ ଯେ ମାଘସପ୍ତମୀ ଦିନ ଦେହ ଛାଡିବାକୁ ହେବ । ତେଣୁ ଅକ୍ଷତ, ଗୋଟାଗୁଆ, ନଡିଆ, ପାନ, ତିଳ, ଗଙ୍ଗାଜଳ, ଗଙ୍ଗାମାଟି ସହ ଘିଅ ଦୀପ ସାରଳାଦାସ ନିଜ ସମ୍ମୁଖରେ ରଖି ତେନ୍ତୁଳିପଦା ବନ୍ଧମୁଣ୍ଡାର ବୃଦ୍ଧାନଦୀ କୂଳରେ ମାଘ ଶୁକ୍ଳ ପ୍ରତିପଦଠାରୁ ସମାଧିସ୍ତ ହେଲେ । ମାଘ ସପ୍ତମୀ ସକାଳକୁ ଗୋଟିଏ ଘଡଘଡି ଶବ୍ଦ ହେଲା ଓ ଦୀପଟି ମଧ୍ୟ ଲିଭିଗଲା । ଏହା ହିଁ ଥିଲା ଆଦିକବି ଶୂଦ୍ରମୁନି ସାରଳା ଦାସଙ୍କର ଅନ୍ତିମ ଯାତ୍ରା । ଆଜି ତାଙ୍କ ନାମାନୁସାରେ ମୁନି ଗୋସାଇଁ ମଠ କୁହାଯାଉଛି । ଏହି ସମାଧିର ଭଗ୍ନାବଶେଷ ନିକଟରେ ଏକ ବରଗଛ ଅଛି । ତାଙ୍କର ଲୌକିକତା, ଜନଜୀବନର ସଂସ୍କାର ଓ ପ୍ରତିଭାର ମୋହିନୀ ଶକ୍ତି ବଳରେ ଯୁଗଯୁଗ ପାଇଁ ଅମର ସୃଷ୍ଟି ମହାଭାରତରେ ଜୀବନ୍ତ କରି ଦେଇଗଲେ । ତେଣୁ ଆଜି ଓଡିଶାର ଜନତା ସେହି ଶୂଦ୍ରକବିଙ୍କୁ ଆଦିକବି ରୂପେ ପୂଜାଅର୍ଘ୍ୟ ଦେଇଥାନ୍ତି ।

ପାରାଦ୍ୱୀପଗଡ଼, କୁଜଙ୍ଗ, ଜଗତ୍‌ସିଂହପୁର, ମୋ : ୯୯୩୭୬୯୧୪୭୫

## ଜମିଜମା ବିବାଦକୁ କେନ୍ଦ୍ରକରି ସାନଭାଇର ଆକ୍ରମଣରେ ବଡଭାଇର ମୃତ୍ୟୁ

ବାଲିଆପାଳ, ୦୯/୦୨ (ନି.ପ୍ର): ବାଲିଆପାଳ ଥାନା ଅନ୍ତର୍ଗତ ରତାଇ ପ ।ୟତ ଭେଲପୁରା ଗ୍ରାମରେ ଆଜି ଏକ ଅଭାବନୀୟ ଘଟଣା ଘଟିଯାଇଛି । ଜମିଜମା ବିବାଦକୁ କେନ୍ଦ୍ରକରି ସାନଭାଇର ଆକ୍ରମଣରେ ବଡଭାଇର ମୃତ୍ୟୁ ହୋଇଯାଇଛି । ମୃତ ବଡଭାଇ ଜଣଙ୍କ ହେଲେ ରତ୍ନାକର ପ୍ରଧାନ (୫୬) ।ଘଟଣା ପରେ ସାନଭାଇ ରାମକୃଷ୍ଣ ପ୍ରଧାନ ବାଲିଆପାଳ ଥାନାରେ ଆତ୍ମସମର୍ପଣ କରିଛି ।ତେବେ ଖବର ଲେଖା ହେବା ପର୍ଯ୍ୟନ୍ତ ବାଲିଆପାଳ ଥାନାରେ କୌଣସି ଲିଖିତ ଅଭିଯୋଗ ହୋଇନଥିବା ବେଳେ ପୋଲିସ ଘଟଣା ସ୍ଥଳରେ ପହଂଚି ଶବକୁ ଜବତ କରିବା ସହ ଘଟଣାର ତଦନ୍ତ କରୁଛି । ମିଳିଥିବା ସୂଚନା ମୂତାବକ ଭେଲପୁରା ଗ୍ରାମର ବଳରାମ ପ୍ରଧାନଙ୍କ ବଡପୁଅ ରତ୍ନାକର ଏବଂ ସାନପୁଅ ରାମକୃଷ୍ଣ ମଧ୍ୟରେ ଦୀର୍ଘଦିନ ଧରି ଜମିଜମା ବିବାଦ ଲାଗିରହିଥିଲା ।ଆଜି ରତ୍ନାକର ବିଲକୁ ଯାଇ ହିଡ କାଟୁଥିବା ବେଳେ ରାମକୃଷ୍ଣ ବିରୋଧ କରିଥିଲା ।ଏହାକୁ ନେଇ ଦୁଇ ଭାଇଙ୍କ ମଧ୍ୟରେ ଗଣ୍ଡଗୋଳ ଓମାରପିଟ ଲାଗିଯାଇଥିଲା ।ରାମକୃଷ୍ଣ ରାଗିଯାଇ ହାତରେ ଧରିଥିବା ଏକ ଠେଙ୍ଗାରେ ରତ୍ନାକରଙ୍କ ମୁଣ୍ଡରେ ଆଘାତ କରିଥିଲା । ଘଟଣାସ୍ଥଳରେ ରତ୍ନାକର ଗୁରୁତର ଆହାତ ହୋଇ ଚିତ୍କାର କରିଥିଲେ । ପାଟିଶୁଣି ଅନ୍ୟଲୋକମାନେ ଧାଇଁ ଆସିବାରୁ ରାମକୃଷ୍ଣ ଘଟଣାସ୍ଥଳରୁ ଛାଡି ପଳାଇଯାଇଥିଲା । ଉପସ୍ଥିତ ଲୋକେ ଗୁରୁତର ରତ୍ନାକରକୁ ବାଲେଶ୍ୱର ମୁଖ୍ୟ ଡାକ୍ତରଖାନା କୁ ନେବା ରାସ୍ତାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା । ତେବେ ଖବର ଲେଖା ହେବା ପର୍ଯ୍ୟନ୍ତ ବାଲିଆପାଳ ଥାନାରେ କୌଣସି ଲିଖିତ ଅଭିଯୋଗ ହୋଇନଥିବା ବେଳେ ପୋଲିସ ଘଟଣା ସ୍ଥଳରେ ପହଂଚି ଶବକୁ ଜବତ କରିବା ସହ ଘଟଣାର ତଦନ୍ତ କରୁଛି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

### ନିର୍ବାଚନ ପୂର୍ବରୁ ଆଟାଚି ଖୋଲିଲେ....

ପ୍ରଦାନ କରାଯିବ । ଏସସି-ଏସଟି ଲୋକଙ୍କ ସମ୍ପୂର୍ଣ୍ଣ ଶିକ୍ଷା ମାଗଣାରେ କରାଯିବ । କାରିଗର ଏବଂ ବୁଣାକାରଙ୍କ ପାଇଁ ବିଧାନ ପରିଷଦରେ ଆସନ ସଂରକ୍ଷିତ ରହିବ । ଭିନ୍ନକ୍ଷମଙ୍କ ପେନ୍‌ସନ୍ ମାସକୁ ୬୦୦୦ ହେବ ବୋଲି କଂଗ୍ରେସ ପ୍ରତିଶ୍ରୁତି ଦେଇଛି । ପୂର୍ବରୁ ୨୦ ଲକ୍ଷ ନିଯୁକ୍ତି, ଋଣ ଛାଡ଼, ମାଗଣା ସ୍ମାର୍ଟଫୋନ ଓ ସ୍କୁଟି କଥା ଘୋଷଣା କରିଥିଲା କଂଗ୍ରେସ । ସେହିପରି କଂଗ୍ରେସ ଉତ୍ତର ପ୍ରଦେଶରେ କ୍ଷମତାକୁ ଆସିବ, ତା'ହେଲେ ଦଳ ପକ୍ଷରୁ ସମସ୍ତଙ୍କୁ ୧୦ ଲକ୍ଷ ଟଙ୍କା ଯାଏ ମାଗଣା ଚିକିତ୍ସା ଓ ମେଡିକାଲ ସୁବିଧା ଯୋଗାଇ ଦିଆଯିବ ବୋଲି ଘୋଣା କରାଯାଇ ଥିଲା । ଏ ସମ୍ପର୍କରେ କଂଗ୍ରେସର ସାଧାରଣ ସମ୍ପାଦକ ପ୍ରିୟଙ୍କା ଗାନ୍ଧି ଭଦ୍ରା ନିଜେ ଘୋଷଣା କରିଥିଲେ । ସେହିପରି କଂଗ୍ରେସ କ୍ଷମତାକୁ ଫେରିଲେ ଛାତ୍ରୀଙ୍କୁ ସ୍ମାର୍ଟ ଫୋନ୍, ସ୍ନାତ୍ତୋକତର ଗ୍ରାଜୁଏଟ ଛାତ୍ରୀଙ୍କୁ ବିଦ୍ୟୁତ୍ ଚାଳିତ ସ୍କୁଟି ଦିଆଯିବ ବୋଲି ଦଳ କହିଥିଲା ।

### ଏଥର କରୋନାକୁ ମାତ....

'ଫାବିସ୍ପ୍ରେ'ର ପ୍ରସ୍ତୁତି ଏବଂ ବିକ୍ରି ଲାଗି 'ଗ୍ଲେନ୍‌ମାର୍କ' ତ୍ୱାରାନ୍ୱିତ ଅନୁମୋଦନ ପ୍ରକ୍ରିୟାର ଅଂଶବିଶେଷ ଭାବେ 'ଡ୍ରଗ୍ କଣ୍ଟ୍ରୋଲର୍ ଜେନେରାଲ୍ ଅଫ୍ ଇଣ୍ଡିଆ' ଠାରୁ ଅନୁମୋଦନ ପାଇଛି । କୋଭିଡ୍-୧୯ ଚିକିତ୍ସା ନିମନ୍ତେ ଏହି ଔଷଧକୁ ନାକ ଭିତରେ 'ସ୍ପ୍ରେ' କରାଯିବ । ଏହି ନାଜାଲ ସ୍ପ୍ରେର ଭାରତରେ ତୃତୀୟ ପର୍ଯ୍ୟାୟ ପରୀକ୍ଷା ଶେଷ ହୋଇଛି । ଏହି ଔଷଧ ୨୪ ଘଣ୍ଟାରେ ୯୪% ଏବଂ ୪୮%ରେ ୯୯% ଭୂତାଣୁ ହ୍ରାସ କରୁଥିବା ପରୀକ୍ଷାରୁ ଜଣାପଡ଼ିଛି । ନିରାପଦ ସାବ୍ୟସ୍ତ ହୋଇଥିବା 'ନାଇଟ୍ରିକ୍ ଅକ୍ସାଇଡ୍ ନାଜାଲ୍ ସ୍ପ୍ରେ'କୁ (ନନ୍‌ସ୍) କୋଭିଡ୍-୧୯ ରୋଗୀମାନେ ଭଲ ଭାବେ ସହ୍ୟ କରିପାରୁଛନ୍ତି । 'ଫାବିସ୍ପ୍ରେ' ବ୍ରାଣ୍ଡ ନାମରେ 'ଗ୍ଲେନ୍‌ମାର୍କ' ଏହାର ବିକ୍ରି କରିବ । କମ୍ପାନି କହିଛି ଯେ, 'ନାଇଟ୍ରିକ୍ ଅକ୍ସାଇଡ୍ ନାଜାଲ୍ ସ୍ପ୍ରେ'କୁ ନାକର 'ମ୍ୟୁକୋସା' ଉପରେ ସ୍ପ୍ରେ କରିବା ଦ୍ୱାରା ଏହା ଭୂତାଣୁ ବିରୋଧରେ ଲଢ଼ିବା ଭଳି କାମ କରେ । କୋଭିଡ୍-୧୯ ଚିକିତ୍ସା କ୍ଷେତ୍ରରେ ଏହି 'ସ୍ପ୍ରେ'କୁ ଗୋଟାଏ ଫଳପ୍ରଦ ଏବଂ ନିରାପଦ ଭୂତାଣୁ ବିରୋଧୀ ଚିକିତ୍ସା ବୋଲି କହି 'ଗ୍ଲେନ୍‌ମାର୍କ ଫାର୍ମାସ୍ୟୁଟିକାଲ୍‌ସ୍ ଲିମିଟେଡ୍'ର ମୁଖ୍ୟ ବାଣିଜ୍ୟିକ ଅଧିକାରୀ ରବର୍ଟ କ୍ରୋକାଟ୍ କହିଛନ୍ତି, 'ଏହା ରୋଗୀମାନଙ୍କ ପାଇଁ ଅତ୍ୟାବଶ୍ୟକ ଏବଂ ସମୁଚିତ ସମୟରେ ଚିକିତ୍ସା ପାଇଁ ବିକଳ୍ପ ହୋଇପାରିବ ବୋଲି ଆମର ଭରସା ଅଛି ।'

### ପଂଚାୟତ ନିର୍ବାଚନ ପୂର୍ବରୁ ୧୧୩୬୮୬....

କନ୍ଧମାଳରୁ ୧୪୧୨.୪୧, କେନ୍ଦୁଝରରୁ ୫୧୨.୮୫, କେନ୍ଦ୍ରାପଡ଼ାରୁ ୭୨୭.୯୮, ଖୋର୍ଦ୍ଧାରୁ ୫୮୬.୮୮, କୋରାପୁଟରୁ ୧୧୭୭.୧୪, ମୟୂରଭଞ୍ଜରୁ ୩୮୯୫.୦୪୫, ମାଲକାନଗିରିରୁ ୫୮୨.୯୪୫, ନବରଙ୍ଗପୁରରୁ ୧୬୦୯.୨୭, ନୂଆପଡ଼ାରୁ ୫୨୨.୫, ନୟାଗଡ଼ରୁ ୭୨୫.୨୪, ପୁରୀରୁ ୮୪୯.୪, ରାୟଗଡ଼ାରୁ ୧୨୫୨.୭୭୫, ରାଉରକେଲାରୁ ୭୦୨.୧୬, ସମ୍ବଲପୁରରୁ ୯୨୨, ସୁବର୍ଣ୍ଣପୁରରୁ ୨୯୫.୧ ଓ ସୁନ୍ଦରଗଡ଼ ଜିଲ୍ଲାରୁ ୯୮୩.୦୨୫ ବଲ୍ କ ଲିଟର ମଦ ଜବତ କରାଯାଇଥିବା ରାଜ୍ୟ ପୁଲିସ ବିଭାଗ ତରଫରୁ ନିର୍ବାଚନ କମିଶନଙ୍କୁ ଚିଠି ମାଧ୍ୟମରେ ଅବଗତ କରାଯାଇଛି ।

## ଆଗାମୀ ତ୍ରିସ୍ତରୀୟ ପଞ୍ଚାୟତିରାଜ ନିର୍ବାଚନ ପରିଚାଳନାନିମନ୍ତେ ପ୍ରଶିକ୍ଷଣ ନେବା ପାଇଁ ଅନୁପସ୍ଥିତ ପୁଲିଂ ଅଧିକାରୀଙ୍କୁ ନିର୍ଦ୍ଦେଶନାମା

ଭଦ୍ରକ,୦୯/୦୨ (ନି.ପ୍ର): ଭଦ୍ରକ ଜିଲ୍ଲାରେ ଆଗାମୀ ତ୍ରିସ୍ତରୀୟ ପଞ୍ଚାୟତିରାଜ ନିର୍ବାଚନ ପରିଚାଳନା ନିମନ୍ତେ ସମସ୍ତ ବ୍ଲକ୍ ସ୍ତରରେ ପୁଲିଂ ଅଧିକାରୀ ଭାବେ ନିଯୁକ୍ତ ପ୍ରିଜାଇଡିଂ ଅଧିକାରୀ ଓ ପ୍ରଥମ ପୁଲିଂ ଅଧିକାରୀ ମାନଙ୍କ ପାଇଁ ଫେବୃୟାରୀ ୬,୭,୮ ଓ ୯ ତାରିଖ ଦିନ ଅନୁଷ୍ଠିତ ହୋଇଯାଇଥିବା ପ୍ରଶିକ୍ଷଣରେ ବହୁ ପୁଲିଂ ଅଧିକାରୀ ଯୋଗ ଦେଇନଥିବା ଘଟଣାରେ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ଅସନ୍ତୋଷ ପ୍ରକାଶ କରିଛନ୍ତି । ଶେଷ ସୁଯୋଗ ଭାବରେ ସେମାନଙ୍କ ପ୍ରଶିକ୍ଷଣ ପାଇଁ ଚାନ୍ଦବାଲି ବ୍ଲକ୍‌ରେ ଫେବୃୟାରୀ ୧୧ ତାରିଖ ଦିନ ଓ ଅନ୍ୟ ସମସ୍ତ ବ୍ଲକ୍‌ରେ ଫେବୃୟାରୀ ୧୦ ତାରିଖ ଦିନ ପୂର୍ବ ପ୍ରଶିକ୍ଷଣ କେନ୍ଦ୍ର ମାନଙ୍କରେ ସ୍ୱତନ୍ତ୍ର ପ୍ରଶିକ୍ଷଣ ପ୍ରଦାନ କରାଯିବ । ତେଣୁ ଅନୁପସ୍ଥିତ ରହିଥିବା ପୁଲିଂ ଅଧିକାରୀମାନେ ନିଶ୍ଚିତ ଭାବେ ଉକ୍ତ ଦିନ ପ୍ରଶିକ୍ଷଣ ନେଇ ନିର୍ବାଚନ କାର୍ଯ୍ୟ ପରିଚାଳନାରେ ସହଯୋଗ କରିବାକୁ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ଶ୍ରୀଯୁକ୍ତ ତ୍ରିଲୋଚନ ମାଝୀ ନିର୍ଦ୍ଦେଶ ଦେଇଛନ୍ତି । ଏହି ନିର୍ଦ୍ଦେଶକୁ ଅବମାନନା କଲେ ନିର୍ବାଚନ ନିୟମ ଅନୁଯାୟୀ ସେମାନଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଶ୍ରୀଯୁକ୍ତ ମାଝୀ ଚେତାବନୀ ଦେଇଛନ୍ତି ।

## ପାଣି ନ ଥିବାରୁ ଅକର୍ମଣ୍ୟ ହୋଇପଡିଛି ଶୌଚାଳୟ

ଲଙ୍ଗଳେଶ୍ୱର, ୦୯/୦୨ (ନି.ପ୍ର): ଲଙ୍ଗଳେଶ୍ୱର ବଜାର ରେ ନିର୍ମିତ ହୋଇ ଅକର୍ମଣ୍ୟ ଭାବେ ପଡି ରହିଛି ଶୌଚାଳୟ ।ପାଣି ବ୍ୟବସ୍ଥା ହୋଇପାରୁ ନ ଥିବାରୁ ଏଭଳି ଅବସ୍ଥା ହୋଇଛି ।ଦୁଇବର୍ଷ ତଳେ ଲଙ୍ଗଳେଶ୍ୱରରୁ ଜାମୁଶୂଳୀ ରାସ୍ତା ପି ଡବ୍ଲୁ ଡି ବିଭାଗ ଦ୍ୱାରା କଂକ୍ରିଟ ରାସ୍ତା ନିର୍ମାଣ କରାଯାଇଥିଲା । ଏହି ରାସ୍ତା ପ୍ରଶସ୍ତିକରଣ ସମୟରେ ରାସ୍ତାରେ ଥିବା ପାଇପ ଲାଇନକୁ ନଷ୍ଟ କରିଦିଆଯାଇଥିଲା । ରାସ୍ତା ପାର୍ଶ୍ୱରେ ଥିବା ନଳକୂଅ ସବୁ ଉଠେଇ ଦେଇ ରାସ୍ତା ନିର୍ମାଣ କରାଯାଇଥିଲା । ତେଣୁ ଦୀର୍ଘ ତିନିବର୍ଷ ଧରି ଲଙ୍ଗଳେଶ୍ୱର ବଜାର, ବ୍ୟାଙ୍କ ବଜାର ବାସୀ ପିଇବା ପାଣି ପାଇଁ ତହଳ ବିକଳ ହେଉଛନ୍ତି । ୩ଶହ ରୁ ଉର୍ଦ୍ଧ ଦୋକାନ ଥିବା ଦୋକାନୀ,ଏବଂ ସାଧାରଣ ଲୋକଙ୍କ ପାଇଁ ସ୍ଥାନୀୟ ବଣିଆଡିହା ଗ୍ରାମ ପଞ୍ଚାୟତ ତରଫରୁ ୩ ଲକ୍ଷ ଟଙ୍କା ବ୍ୟୟରେ ଏକ ଶୌଚାଳୟ ନିର୍ମାଣ କରାଯାଇଛି ।ଶୌଚାଳୟ ଟି ବର୍ଷେ ହେବ ଲୋକାର୍ପିତ ହୋଇଥିଲେ ହେ ପାଣି ନ ଥିବାରୁ କାର୍ଯ୍ୟକ୍ଷମ ହୋଇ ନ ପାରି ତାଲା ଝୁଲୁଚି । ପାଣି ଏବଂ ପାଇଖାନା, ପରିସ୍ରାଗର ବିନା ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ରାସ୍ତା ନିର୍ମାଣ ସମୟରେ ଉଭୟ ପି.ଡବ୍ଲ୍ୟୁ.ଡି ଏବଂ ଆର ଡବ୍ଲ୍ୟୁ.ଏସ.ଏସ ବିଭାଗୀୟ ଅଧିକାରୀ ରାସ୍ତା ନିର୍ମାଣ ପରେ ପାଣି ବ୍ୟବସ୍ଥା ହେବ ବୋଲି ପ୍ରତିଶ୍ରୁତି ଦେଇଥିଲେ ହେ ଆଜିଯାଏ ଧରା ଛୁଆଁ ଦେଉନାହାନ୍ତି ବୋଲି ଲୋକେ କ୍ଷୋଭ ପ୍ରକାଶ କରିଛନ୍ତି । ଟୋପାଏ ପାଣି ପାଇଁ ଦେଢ଼ କି:ମି ଯିବାକୁ ପଡୁଛି । ଏ ନେଇ ବାଲିଆପାଳ ପଞ୍ଚାୟତ ସମିତି ଉପାଧକ୍ଷ ଙ୍କ ପ୍ରତିନିଧି ଜଗତ ଜୀବନ ଦାସ ସମେତ ଶତାଧିକ ଲୋକ ବିଭାଗୀୟ ଜେ ଇ ଙ୍କୁ ସାକ୍ଷାତ କରି ଅଭିଯୋଗ କରିଥିଲେ ସୁଦ୍ଧା ଏଯାଏ କିଛି ସୁଫଳ ମିଳିନି ।ଖୁବଶୀଘ୍ର ପାନୀୟ ଜଳର ବ୍ୟବସ୍ଥା କରା ନଗଲେ ବଜାର ବନ୍ଦ କରିବା ସହ ଆନ୍ଦୋଳନ ତୀବ୍ର କରାଯିବ ବୋଲି ଚେତାବନୀ ଦିଆଯାଇଛି । ଏ ବାବଦରେ ବିଭାଗୀୟ ଜେ ଇ ପଙ୍କଜ ତ୍ରିପାଠୀଙ୍କୁ ପଚାରିବାରୁ ସେ କହିଲେ ମେଗା ପ୍ରକଳ୍ପ କାର୍ଯ୍ୟ କାରି ହେଲେ, ଏହି ଶୌ ।ଚାଳୟ ପାଇଁ ପାଇପ ପାଣି ବ୍ୟବସ୍ଥା କରାଯିବ ।

## କୋଭିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ମାମଲାରେ ୪୦ ଗିରଫ, ୬୩୩ ବାହନ ଜବତ

ଭୁବନେଶ୍ୱର, ୦୯/୦୨ (ନି.ପ୍ର): ରାଜ୍ୟରେ କୋବିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ଅଭିଯୋଗରେ ଓଡିଶା ପୋଲିସ ଗତ ୨୪ ଘଂଟାରେ ୪୦ ଜଣଙ୍କୁ ଗିରଫ ଜବତ କରା ଯାଇଛି । ୬୩୩ ବାହନକୁ ଜବତ କରା ଯାଇଛି । ଏହି ସମୟ ମଧ୍ୟରେ ୨୫,୧୭,୨୫୦ ଟଙ୍କା ଜୋରିମାନା ଆଦାୟ କରା ଯାଇଥିବା ରାଜ୍ୟ ପୋଲିସ ଦ୍ୱାରା ଟ୍ୱିଟ କରି ସୂଚନା ଦିଆ ଯାଇଛି ।

## ଜିଲ୍ଲା ସ୍ତରୀୟ ଆନ୍ତଃ କ୍ଲବ କ୍ରିକେଟ ଲିଗ : ଡିଆରକେ (ବି) ବିଜୟୀ



ବାରିପଦା, ୦୯/୦୨ (ନି.ପ୍ର): ସ୍ଥାନୀୟ ବାରିପଦା ଷ୍ଟାଡିୟମ ପଡିଆରେ ଓସିଏ ଭିଜନ ୨୦୨୪ ଆନ୍ତଃ କ୍ଲବ କ୍ରିକେଟ ଲିଗର ଆଜିର ମ୍ୟାଚରେ ଡିଆରକେ (ବି) ମୟୁରଭଞ୍ଜ କ୍ରିକେଟ ଏକାଡେମୀକୁ ୨୬ ରନରେ ପରାସ୍ତ କରିଛି । ପ୍ରଥମେ ବ୍ୟାଟିଂ କରି ଡିଆରକେ (ବି) ୪୦ଓଭରରେ ୭ଉଇକେଟ ହରାଇ ୨୨୭ ରନ କରିଥିଲେ । ସଞ୍ଜୟ ସିଂହ ଅପରାଜିତ ୬୫ରନ ଓ ସୌମ୍ୟ ରଞ୍ଜନ ମହାନ୍ତ ୬୦ ରନ କରିଥିବା ବେଳେ ବିପକ୍ଷ ଦଳର ପ୍ରୀତପାଲ ସିଂହ ୩ଟି ଓ ଅନାଦି ମହାନ୍ତ ୨ଟି ଉଇକେଟ ଅକ୍ତିଆର କରିଥିଲେ । ଉତ୍ତରରେ ଏମସିଏ ଦଳ ୩୩.୩ ଓଭରରେ ସମସ୍ତ ଉଇକେଟ ହରାଇ ୨୦୧ ରନ କରିଥିଲେ ଓ ଦଳ ପକ୍ଷରୁ ଅନାଦି ମହାନ୍ତ ୫୫ ରନ ଓ ପ୍ରିୟାଂଶୁ ଖଟୁଆ ୪୭ ରନ କରିଥିବା ବେଳେ ବିପକ୍ଷ ଦଳର ଉପେନ୍ଦ୍ର ନାୟକ ଓ ସୁବ୍ରତ କୁମାର ସିଂହ ୩ଟି ଲେଖାଏଁ ଏବଂ ସଞ୍ଜୟ ସିଂହ ୨ ଟି ଉଇକେଟ ଅକ୍ତିଆର କରିଥିଲେ । ଆଜିର ମ୍ୟାଚରେ ସଞ୍ଜୟ ସିଂହ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଛନ୍ତି । ଦିଲ୍ଲୀପ ଦାସ ଓ ଅମିତାଭ ପଟ୍ଟନାୟକ ଖେଳ ପରିଚାଳନା କରିଥିବା ବେଳେ ସମ୍ପିତ ମହାରଣା ସ୍କୋରିଙ୍ଗ ରେ ସହାୟତା କରିଥିଲେ । ମ୍ୟାଚ ପୂର୍ବରୁ ପୂର୍ବତନ କ୍ରିକେଟ ଖେଳାଳି ସୁଶାନ୍ତ ପଟ୍ଟନାୟକ, ବିଜୟ କୁମାର ଦାସ ( ମଣ୍ଟୁ ଦା ), ପ୍ରଭାତ ମହାନ୍ତି, ସୁବ୍ରତ କୁମାର ପାତ୍ର, ସାଧାରଣ ସମ୍ପାଦକ ବିଜୟ କୁମାର ଦାସ ଓ କ୍ରିକେଟ ସମ୍ପାଦକ ପ୍ରସଂଜିତ ମହାନ୍ତି ପ୍ରମୁଖ ଉପସ୍ଥିତ ରହି ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ । ଆସନ୍ତା କାଲି ମା ( ରେଡ ) ଓ କ୍ଷେସନ ଏଥଲେଟିକ ଆସୋସିଏସନ ମଧ୍ୟରେ ଅନୁଷ୍ଠିତ ହେବ ବୋଲି ସାଧାରଣ ସମ୍ପାଦକ ଶ୍ରୀ ଦାସ ଜଣାଇଛନ୍ତି ।

## ଗୋଟିଏ ଦିନରେ ୧୭୧୨ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର, ୦୯/୦୨ (ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୧୭୧୨ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୨୭୧୫୨୩ କୁ ବୃଦ୍ଧି ପାଇଛି । ସେହିପରି ୧୮ ବର୍ଷରୁ କମ ୩୨୩ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୨୪୫୦୨୬ ହୋଇଛି । ରାଜ୍ୟରେ ବର୍ତମାନ ସୁଦ୍ଧା ସକ୍ରିୟ ରୋଗୀଙ୍କ ସଂଖ୍ୟା ୧୭୬୪୭ ରହିଛି । ଆଜି ଚିହ୍ନଟ ହୋଇଥିବା ୧୭୧୨ ଜଣଙ୍କ ମଧ୍ୟରୁ ୯୯୭ ଜଣ ସଂଗରୋଧରୁ ହୋଇଥିବା ବେଳେ ୭୧୫ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୩୦ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଧାରୁ ସବୁଠାରୁ ଅଧିକ ୨୫୭ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି । ଗତ ୨୪ ଘଂଟା ମଧ୍ୟରେ ଅନୁଗୁଳରୁ ଜିଲ୍ଲାରୁ ୭୯ , ବାଲେଶ୍ୱର ଜିଲ୍ଲାରୁ ୫୪ ଜଣ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବରଗଡ ଜିଲ୍ଲାରୁ ୧୭ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ଭଦ୍ରକ ଜିଲ୍ଲାରୁ ୨୨ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବଲାଙ୍ଗୀର ଜିଲ୍ଲାରୁ ୩୧ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ବୌଦ୍ଧ ଜିଲ୍ଲାରୁ ୨୯, କଟକରୁ ୧୦୪ ସଂକ୍ରମିତ ହୋଇଛନ୍ତି । ଦେବଗଡ ଜିଲ୍ଲାରୁ ୪୬ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଢେଙ୍କାନାଳ ଜିଲ୍ଲାରୁ ୪୯ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଗଜପତି ଜିଲ୍ଲାରୁ ୪୩, ଗଂଜାମ ଜିଲ୍ଲାରେ ୧୦ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଜଗତସିଂହପୁର ଜିଲ୍ଲାରୁ ୪୮, ଯାଜପୁରରୁ ୫୩ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଝାରସୁଗୁଡ଼ା ଜିଲ୍ଲାରୁ ୨୯ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । କଳାହାଣ୍ଡି ଜିଲ୍ଲାରୁ ୪୯ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। କନ୍ଧମାଳ ଜିଲ୍ଲାରୁ ୩୧ ,କେନ୍ଦ୍ରାପଡ଼ା ଜିଲ୍ଲାରୁ ୪୬ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । କେନ୍ଦୁଝରରୁ ୫୨ , ଖୋର୍ଦ୍ଧାରୁ ୨୫୭ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି ।

## ୯ ନଂ ଜୋନ୍‌ରେ ବିଜେପିର ତୁଙ୍ଗ ନେତାଙ୍କ ନିର୍ବାଚନ ପ୍ରଚାର

ଜଳେଶ୍ୱର, ୦୯/୦୨ (ନି.ପ୍ର): ଆଜି ଜଳେଶ୍ୱର ବ୍ଲକର ଆରୁହା ଗ୍ରା.ପ.ର ଶାଳିକୋଠାଠାରେ ବିଜେପିର ତୁଙ୍ଗ ନେତାମାନଙ୍କର ଏକ ନିର୍ବାଚନୀ ସଭା ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ଫାଲଗୁନୀ ପାଣିଗ୍ରାହୀ ସଭାପତିତ୍ୱ କରିଥିବା ବେଳେ ସାଂସଦ ପ୍ରତାପ ଚନ୍ଦ୍ର ଷଡଙ୍ଗୀ ୨୨ବର୍ଷ ଶାସନର ସ୍ଥାଣୁ ସରକାର ବିରୋଧରେ ବର୍ଷିଥିଲେ । ଜନସାଧାରଣଙ୍କ ରେଜଗାରର ପନ୍ଥା ସଂକୁଚିତ ହେଉଥିବା ବେଳେ ନିଶାକାରବାର ବୃଦ୍ଧି ପାଇବା ଏକ ଜନ ମଂଗଳ ରାଷ୍ଟ୍ରରେ ଶୁଭଙ୍କର ନୁହେଁ ବୋଲି ସେ କହିଥିଲେ । ପୂର୍ବତନ ମନ୍ତ୍ରୀ ତଥା ବିଜେପି ନେତା ରଘୁନାଥ ମହାନ୍ତି ଉପସ୍ଥିତ ରହି ବିଜେପି ପଦବୀ ନୁହେଁ ପ୍ରଗତୀ ଚାହେଁ, ସ୍ୱାର୍ଥ ନୁହେଁ, ସମ୍ପର୍କ ଚାହେଁ ଓ ସ୍ୱପ୍ନ ସମଗ୍ର ଜନସାଧାରଣଙ୍କର କିନ୍ତୁ ଦାୟିତ୍ୱ ଆମ ବିଜେପି ଦଳର ବୋଲି କହିଥିଲେ । ଜଳେଶ୍ୱର ନିର୍ବାଚନ ପ୍ରଭାରୀ ଜୀବନ ପ୍ରଦୀପ ଦାସ, ସ୍ୱପ୍ନେଶ୍ୱର ମଣ୍ଡଳର ସଭାପତି ତନ୍ମୟ କୁମାର ଚାନ୍ଦ, ଜିଲାପରିଷଦ ପ୍ରାର୍ଥୀନୀ ମାଧବିକା ଜେନା, ଉଚ୍ଚନ୍ୟାୟାଳୟର ଆଇନ୍‌ଜିବୀ ରାମଚନ୍ଦ୍ର ଜେନା, ସରପଂଚ ପ୍ରାର୍ଥୀନୀ ତପନୀ ଭୂୟାଁ, ସଦସ୍ୟା ପ୍ରାର୍ଥୀନୀ ମଧୁମିତା ମହାନ୍ତି, ପୂର୍ବତନ ନଗରପାଳ ପ୍ରବୀର ପ୍ରଧାନ ପ୍ରମୁଖ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ । ରବିନ୍ଦ୍ର ଜେନା ସୂଚନା ଓ ମଂଚ ଆହ୍ୱାନ କରିଥିବା ବେଳେ ନିମାଇଁଚରଣ ପ୍ରଧାନ, ସାବିତ୍ରୀ ଜେନା, ଆଦିତ୍ୟ ନାରାୟଣ ପାତ୍ର, ଶ୍ରୀକଣ୍ଠ ମହାନ୍ତି, ସୁମତୀ ଦେ, ବିଦ୍ୟାଧର ସାହୁ, ଅଂଜନ ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

## ସାଉଡି ପଞ୍ଚାୟତରେ ବିଜେଡିର ମିଶ୍ରଣ ସଭା

ଲଙ୍ଗଳେଶ୍ୱର, ୦୯/୦୨ (ନି.ପ୍ର): ବାଲିଆପାଳ ବ୍ଲକ ଅନ୍ତର୍ଗତ ସାଉଡି ପଞ୍ଚାୟତ ର ବିଶିକାଦେଇପୁର ଗ୍ରାମ କୃଷ୍ଣଚନ୍ଦ୍ର ମଲ୍ଲିକ ଙ୍କ ବାସଭବନରେ ବିଜେଡି ର ମିଶ୍ରଣ ସଭା ଅନୁଷ୍ଠିତ ହୋଇଥିଲା ।ଏଇ ସଭାରେ ପଞ୍ଚାୟତ ର ସଭାପତି ବିରେନ ମଣ୍ଡଳ ପୌରହିତ୍ୟ କରିଥିବା ବେଳେ ଜିଲ୍ଲା କୃଷକ ବିଜେଡି ର ସଭାପତି ଅଜୟ କୁମାର ସାମଲ, ଜିଲ୍ଲା ଏସ ସି ସେଲ ସଭାପତି ତଥା ସହ ପର୍ଯ୍ୟବେକ୍ଷକ ପ୍ରଫେସର ଶତ୍ରୁଘନ ମଲ୍ଲିକ,ସରପଞ୍ଚ ରଞ୍ଜିତା ଟୁଙ୍ଗ, ପ୍ରମୁଖ ଅତିଥି ଭାବେ ଯୋଗଦେଇ ବିଜେଡିର ଜିଲ୍ଲା ପରିଷଦ ପ୍ରାର୍ଥୀ ନିଶା କର ସେଠୀଙ୍କୁ ବିଜୟ କରିବାକୁ ବକ୍ତବ୍ୟ ଦେଇଥିଲେ । ସେହିଭଳି ବିଜେଡି ସମର୍ଥିତ ସରପଞ୍ଚ ପ୍ରାର୍ଥୀ ମନୋରଞ୍ଜନ ସେଠି, ସମିତି ସଭ୍ୟ ପ୍ରାର୍ଥୀ କମଳ ଲୋଚନ ମଲ୍ଲିକଙ୍କ ବିପୁଳ ସଂଖ୍ୟାରେ କରିବା ସହ ନବୀନ ସରକାରଙ୍କ ବିଭିନ୍ନ ଜଣ କଲ୍ୟାଣ କାରୀ ଯୋଜନା ସମ୍ପର୍କରେ ଭୋଟର ମାନଙ୍କୁ ସଚେତନ କରିଥିଲେ । ଏହି ସଭାରେ ଅନ୍ୟ ଦଳର କର୍ମୀ ଜୟଚନ୍ଦ୍ର ମଲ୍ଲିକ,ସସିକାନ୍ତ ପଟ୍ଟାୟତ, ଲକ୍ଷ୍ମୀଧର ମଲ୍ଲିକ,ଜୟନ୍ତ ମଲ୍ଲିକ, ସମୀର ପଟ୍ଟାୟତ ରତ୍ନାକର ମଲ୍ଲିକ, ହେମନ୍ତ ମଲ୍ଲିକ,ପୃଥ୍ୱୀରାଜ ମଲ୍ଲିକ,ଦେବବ୍ରତ ମଲ୍ଲିକ,ବାଙ୍କ ବିହାରୀ ମଲ୍ଲିକ,ଶ୍ରବଣ ପଟ୍ଟାୟତ, ତପନ ପଟ୍ଟାୟତ ସମେତ ବହୁ କର୍ମୀ ବିଜେଡିର ବିଧିବଦ୍ଧ ଭାବେ ଦଳରେ ସାମିଲ ହୋଇଥିଲେ । ଏହି ମିଶ୍ରଣ ସଭାରେ ଦଳର ବହୁ କାର୍ଯ୍ୟକର୍ତା ଓ ନେତୃବୃନ୍ଦ ଯୋଗ ଦେଇଥିଲେ ।

## ହିମସ୍ଖଳନରେ ସାତ ଜଣ ଜବାନଙ୍କ ବଳିଦାନରେ ଦୁଃଖ ପ୍ରକାଶ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୦୯/୦୨ (ନି.ପ୍ର): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅରୁଣାଚଳ ପ୍ରଦେଶରେ ପାଟ୍ରୋଲିଂ କରୁଥିବା ସମୟରେ ହିମ୍ଖଳନରେ ୭ ଜଣ ଜବାନଙ୍କ ମୃତ୍ୟୁ ନେଇ ଦଃଖ ପ୍ରକାଶ କରିଛନ୍ତି । କର୍ତବ୍ୟ ପାଳନ ସମୟରେ ନିଜ ଜୀବନ ଉତ୍ସର୍ଗ କରିଥିବା ସାହସୀ ଜବାନମାନଙ୍କୁ ଦେଶ ସର୍ବଦା ସ୍ମରଣ କରିବ ବୋଲି ଉଲ୍ଲେଖ କରି ମୁଖ୍ୟମନ୍ତ୍ରୀ ଶୋକସନ୍ତପ୍ତ ପରିବାରବର୍ଗଙ୍କ ପ୍ରତି ଗଭୀର ସମବେଦନା ପ୍ରକଟ କରିଛନ୍ତି ।


# ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର

ନାମଲେଖା ଚାଲିଛି

ରୁପ୍‌ସା, ବାଲେଶ୍ୱର
Reg.no. 8912/02
ଶିକ୍ଷାବର୍ଷ-୨୦୨୨-୨୩

ନାମଲେଖା ଚାଲିଛି

ରାଜ୍ୟ ସରକାରଙ୍କ ସ୍ୱୀକୃତିପ୍ରାପ୍ତ ଏହି ଅନୁଷ୍ଠାନରେ ପ୍ରାରମ୍ଭ ବୋଧଶ୍ରେଣୀଠାରୁ ଅଷ୍ଟମଶ୍ରେଣୀ ପର୍ଯ୍ୟନ୍ତ ନାମଲେଖା ଚାଲୁଅଛି ।

ଓଡ଼ିଶା ସରକାରଙ୍କର **RTE Act** ଅନୁଯାୟୀ ୨୫% ଆସନ ଆର୍ଥିକ ଅନଗ୍ରସର, ଦିବ୍ୟାଙ୍ଗ ଓ ଅନୁସୂଚିତ ଜାତି ଓ ଜନଜାତିର ଛାତ୍ରଛାତ୍ରୀଙ୍କୁ ମାଗଣା ଶିକ୍ଷାଦାନ ପାଇଁ ଉଦ୍ଦିଷ୍ଟ । ଯେଉଁମାନଙ୍କର ବାସସ୍ଥାନ ବିଦ୍ୟାଳୟରୁ ୧ କି.ମି. ଦୂରତା ମଧ୍ୟରେ ହୋଇଥିବ, ଉକ୍ତ ପିଲାମାନଙ୍କ ପାଇଁ ନାମଲେଖା ଫର୍ମ ବିନା ମୂଲ୍ୟରେ ପ୍ରାପ୍ତ ହୋଇପାରିବେ । ଆବଶ୍ୟକୀୟ କାଗଜପତ୍ର ଦାଖଲ କରି ଛାତ୍ରଛାତ୍ରୀମାନେ ଉକ୍ତ ସୁବିଧା ପାଇପାରିବେ ।

ପ୍ରଧାନ ଆଚାର୍ଯ୍ୟ
ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର
ରୂପ୍ସା, ବାଲେଶ୍ୱର

ଯୋଗାଯୋଗ: ୯୩୩୭୧୯୧୪୮୬



2022-23
ଶିକ୍ଷାବର୍ଷ ପାଇଁ

ନାମଲେଖା ଆରମ୍ଭ

Admissions Open



Estd:2003

# ବିବେକାନନ୍ଦ ଶିକ୍ଷା କେନ୍ଦ୍ର, ବସ୍ତା, ବାଲେଶ୍ୱର

"ଓଡ଼ିଶା ସରକାରଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ ଓ ଉତ୍କଳ ଶିକ୍ଷା ପରିଷଦ ଭୁବନେଶ୍ୱରରେ ଅନ୍ତର୍ଭୁକ୍ତ" ।

Recognised by Govt. of Odisha & affiliated to U.S.P. Bhubaneswar, Odisha
Govt. COR No. VSKB / 235 / 17

ଭାରତୀୟ ସଂସ୍କୃତି ଓ ପରମ୍ପରା ଉପରେ ଆଧାରିତ ଆଦର୍ଶ ବିଦ୍ୟାଳୟରେ ଶିଶୁବାଟିକା ଠାରୁ ୮ମ ଶ୍ରେଣୀ ପର୍ଯ୍ୟନ୍ତ ୨୦୨୨-୨୩ ପାଇଁ **ନାମଲେଖା** ଆରମ୍ଭ ହୋଇଅଛି ।

**ଆମେ ପ୍ରତିଶ୍ରୁତିବଦ୍ଧ :** – ଇଂରାଜୀ ବିଷୟ ଉପରେ ଅଧିକ ଧ୍ୟାନ ଦେବା ସହିତ ଓଡ଼ିଶା ସରକାରଙ୍କ ଉତ୍କଳ ଶିକ୍ଷା ପରିଷଦ, ଭୁବନେଶ୍ୱରଙ୍କ ପାଠ୍ୟଖସଡା ସହ ମାତୃଭାଷା ବୌଦ୍ଧିକ ଗୁରୁତ୍ୱ, ନୈତିକ ଶିକ୍ଷା, ଚିତ୍ରାଙ୍କନ, ସଂଗୀତ, ନୃତ୍ୟ, କମ୍ପ୍ୟୁଟର, ଯୋଗାସନ ଶିକ୍ଷାଦାନ ଅଭିଜ୍ଞ ଶିକ୍ଷୟିତ୍ରୀ/ଶିକ୍ଷକଙ୍କ ଦ୍ୱାରା ଦିଆଯାଏ । ସମସ୍ତ ପ୍ରକାର ବୃତ୍ତି ପରୀକ୍ଷାରେ ଆମ ଅନୁଷ୍ଠାନ ପାରଦର୍ଶିତା ଲାଭ କରିଥାଏ । ସରକାରଙ୍କର **RTE Act 2002** ଅନୁଯାୟୀ ନିଶୁଳ୍କ **STD-1** ଶ୍ରେଣୀରେ ୨୫% ସଂରକ୍ଷିତ ସ୍ଥାନ ପରିଚାଳନା ସମିତିଙ୍କ ଦ୍ୱାରା ସ୍ଥିରୀକୃତ ହୋଇ ଆର୍ଥିକ ଅନଗ୍ରସର, ଜନଜାତି, ଅନୁସୂଚିତ ଜାତିର ପିଲାଙ୍କ ପାଇଁ ସଂରକ୍ଷିତ ରହିଛି । **RTE Paradarshi Web Portal** ରେ ଯାଇ ନାମ **Registration** କରିପାରିବେ ।

ବିବେକାନନ୍ଦ ଶିକ୍ଷା କେନ୍ଦ୍ର,
ବାରମାଢ଼ିଆ, ବସ୍ତା, ବାଲେଶ୍ୱର
Mob.: 9938442084, 7205160144, 9040204209

ବାଲେଶ୍ୱର, ଗୁରୁବାର, ୧୦ ଫେବୃଆରୀ, ୨୦୨୨

# ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା ୮

## କାଳିକ ପଂଚାୟତ ଭୋଟର ଲିଷ୍ଟରେ ବିଭ୍ରାଟ

ଜଳେଶ୍ୱର, ୦୯/୦୨ (ନି.ପ୍ର): ଜଳେଶ୍ୱର ବ୍ଲକର ଆଦିବାସୀ ଅଧ୍ୟୁସୀତ କାଳିକ ପଂଚାୟତରେ ପ୍ରକାଶିତ ଭୋଟର ଲିଷ୍ଟରେ ବିଭ୍ରାଟ ଦେଖା ଦେଇଥିବାରୁ ପ୍ରାୟ ୪ଶହ ଭୋଟର ଭୋଟ ଦାନରୁ ବଂଚିତ ହେବେ । ଏବେ ସମସ୍ୟାର ସମାଧାନର ସମ୍ଭାବନା ନଥିବାରୁ ପଂଚାୟତବାସୀଙ୍କ ପକ୍ଷରୁ ଆନ୍ଦୋଳନର ଧମକ୍ ଦିଆଯାଇଛି । ଜଳେଶ୍ୱର ବ୍ଲକ ଅନ୍ତର୍ଗତ କାଳିକ ପଂଚାୟତରେ ଆଦିବାସୀ ଲୋକେ ଅଧିକ ବାସ କରନ୍ତି । ଏଥିରେ ୫ବର୍ଷ ପୂର୍ବେ ହୋଇଥିବା ପଂଚାୟତ ନିର୍ବାଚନରେ ଭୋଟର ସଂଖ୍ୟା ୪୨୬୫ ଥିବା ବେଳେ ପରବର୍ତ୍ତୀ ସମୟରେ ଚଳିତବର୍ଷ କେତେକ ନୂଆ ଭୋଟର ସଂଯୋଗ ହୋଇଛି । ଏହାର ପ୍ରକୃତ ଭୋଟର ସଂଖ୍ୟା ୪୪୦୦ରୁ ଅଧିକ ହେବ ବୋଲି ଆପାତତଃ ଜଣାଯାଇଛି । ଚଳିତବର୍ଷ ନିର୍ବାଚନରେ ଏହାର ଭୋଟର ସଂଖ୍ୟା ୪୦୪୦ ବୋଲି ପ୍ରକାଶ ପାଇଛି । ଫଳରେ ପ୍ରାୟ ୪୦୦ ଭୋଟର ଭୋଟ ଦେବାରୁ ବଂଚିତ ହେଉଥିବାରୁ ଏହା ଗଣତନ୍ତ୍ର ପ୍ରତି ବିପଦ ବୋଲି ସେ ଅଂଚଳର ବହୁ ବ୍ୟକ୍ତି ପ୍ରକାଶ କରିଛନ୍ତି । କିନ୍ତୁ ସେମାନଙ୍କ ନାମ ସଂଯୋଗ ନ ହେଲେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ ହେବ ବୋଲି ପୂର୍ବତନ ସରପଂଚ ଗଂଗାଧର ଦାସ ଚେତାବନୀ ଦେଇଛନ୍ତି । ତାଙ୍କ ଅଭିଯୋଗ ଅନୁଯାୟୀ ୨ନଂ ୱାର୍ଡ ଧରମପୁର ଓ ଆମ୍ବନଳୀ ତଥା ୩ନଂ ୱାର୍ଡର ଉପରତୋଟା ଗାଁର ପୁରୁଣା ତାଲିକା ଅନୁଯାୟୀ ପ୍ରାୟ ୩ଶହ ଭୋଟରଙ୍କ ନାମ ବାଦ୍ ପଡିଛି । ଏହା ବ୍ୟତିତ ନୂତନଭାବେ ସଂଯୋଗ କରାଯାଇଥିବା ନାମ ମଧ୍ୟରୁ ଶତାଧିକ ନାମ ନ ଥିବା ଯୋଗୁଁ ଅସନ୍ତୋଷ କୁହୁଳିବାରେ ଲାଗିଛି । ଏ ସମ୍ପର୍କରେ ପଂଚାୟତବାସୀଙ୍କ ପକ୍ଷରୁ ବିଡିଓଙ୍କୁ ଅବଗତ କରାଯାଇଛି । ଏ ସମ୍ପର୍କରେ ଏକ ଜନସ୍ୱାର୍ଥ ମାମଲା ଦାଏର ହେବା ସଂପର୍କରେ ସୂଚନା ମିଳିଛି । ଅନ୍ୟପକ୍ଷରେ ଆଜି ବିଡିଓ ଅଶ୍ୱିନୀ କୁମାର ଦାସଙ୍କ ମତମତ ଲେଡାଯାଇଥିବା ବେଳେ ସେ କହିଲେ ନିୟମ ଅନୁଯାୟୀ ନିର୍ଦ୍ଦିଷ୍ଟ ସମୟରେ ପଂଚାୟତ ଅଫିସ୍‌ରେ ଟଙ୍ଗା ଯାଇଥିବା ତାଲିକା ଦେଖି ସେଥିରେ ନାମ ପ୍ରକାଶ ପାଇନଥିବା ଭୋଟର ଅଭିଯୋଗ କରିଥିଲେ ସେ ଗୁଡିକୁ ସୁଧାରାଯାଇପାରିଥାନ୍ତା ।

## ମାଙ୍କଡ଼ ଆତଙ୍କରେ ଗ୍ରାମବାସୀ ଆହତ

ନୀଳଗିରି, ୦୯/୦୨ (ନି.ପ୍ର): ନୀଳଗିରି ବ୍ଲକ ଗରଡିହି ପଂଚାୟତର କଳାକାଦ ଗ୍ରାମରେ ବଣୁଆ ମାଙ୍କଡ଼ ଙ୍କ ଦୌରାତ୍ମ୍ୟ ଯୋଗୁଁ ୫ଜଣ କ୍ଷତାକ୍ତ ହୋଇଥିବା ସୂଚନା ମିଳିଛି । ସୂଚନା ଅନୁଯାଇ ଆଜି ନିକଟସ୍ଥ ଜଙ୍ଗଲରୁ ୧୦/୧୫ଟି ମାଙ୍କଡ଼ କଳାକାଦ ଗ୍ରାମରେ ପଶି ଉକ୍ତ ଗ୍ରାମରେ ରମେଶ ନାୟକ, ପରୀ ବେହେରା, ଭଗବାନ ସିଂ, ଶାନ୍ତିଲତା ଜେନା, କଳାକାଦ ପ୍ରାଥମିକ ବିଦ୍ୟାଳୟର ଶିକ୍ଷୟିତ୍ରୀ, ରଘୁନାଥ ମହାନ୍ତି ଏବଂ ତାଙ୍କ ପୁଅ ମାନା ମାହାନ୍ତି କ୍ଷତାକ୍ତ ହୋଇଥିବା ବେଳେ ସେମାନଙ୍କୁ କଳାକାଦ ପ୍ରାଥମିକ ଚିକିତ୍ସାଳୟରେ ଚିକିତ୍ସିତ ହୋଇଛନ୍ତି । ମାଙ୍କଡ଼ମାନଙ୍କ ଆତଙ୍କ ରାଜ ଯୋଗୁଁ ଉକ୍ତ ଅଂଚଳରେ ଜନସାଧାରଣ ଆତଙ୍କିତ ହୋଇପଡ଼ିଛନ୍ତି । ବନବିଭାଗ ଯଦି ଏଥିପ୍ରତି ଦୃଷ୍ଟି ନ ଦିଅନ୍ତି ତାହେଲେ ଆଗାମୀ ଦିନରେ ବହୁ ଧନ ଜୀବନ ନଷ୍ଟ ହେବାର ସମ୍ଭାବନାକୁ ଏଡ଼ାଇ ଦିଆଯାଇ ନ ପାରେ । ଏଥପ୍ରତି ବନବିଭାଗ ଦୃଷ୍ଟି ଦେବାକୁ ସାଧାରଣରେ ଦାବୀ ହୋଇଛି ।

## ବିଜେଡିରେ ମିଶିଲେ ଭାଜପା କର୍ମୀ

ଖଇରା,୦୯/୦୨ (ନି.ପ୍ର): ବିଜେଡିର ନିତି ଆଦର୍ଶରେ ଅନୁପ୍ରାଣିତ ହୋଇ ଅନ୍ତରା ପଞ୍ଚାୟତର ବହୁ ଭାଜପା କର୍ମୀ ଖଇରା ଠାରେ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀଙ୍କ ଉପସ୍ଥିତିରେ ଦଳରେ ଯୋଗଦାନ କରିଛନ୍ତି । ଭାଜପା ନେତୃବୃନ୍ଦଙ୍କ ଉପରେ ଅସନ୍ତୋଷ ପ୍ରକାଶ କରି ହରେକୃଷ୍ଣ ବିଶ୍ୱାଳ,ଚଗୁଲୁ ମହାରଣା, ଦାମୋଦର ପତି, ମାୟାଧର ସେଠୀ ବିଜେଡିର ସଦସ୍ୟତା ଗ୍ରହଣ କରିଥିବା ନେଇ ପ୍ରକାଶ କରିଛନ୍ତି ।

## ବିପୁଳ ପରିମାଣର ବିସ୍ଫୋରକ ସାମଗ୍ରୀ ଜବତ

ଧର୍ମଶାଳା,୦୯/୦୨ (ନି.ପ୍ର): ବିପୁଳ ପରିମାଣର ବିସ୍ଫୋରକ ସାମଗ୍ରୀ ଜବତ । ଯାହାକୁ ନେଇ ଜିଲାରେ ଚର୍ଚ୍ଚାର ବିଷୟ ପାଲଟିଛି । ନିର୍ବାଚନ ସମୟରେ ଅରାଜକତା ସୃଷ୍ଟି କରିବା ନେଇ ଏହି ସାମଗ୍ରୀ ମହଜୁଦ ରହିଥିବା ନେଇ ପ୍ରାଥମିକ ସୂଚନା ମିଳିଛି । ବରୀ-ରାମଚନ୍ଦ୍ରପୁର ଥାନା ଅନ୍ତର୍ଗତ କିଞ୍ଚିରିଆପାଳ ପଂଚାୟତ ମାଳଦା ଗ୍ରାମରୁ ଏହି ବିସ୍ଫୋରକ ସାମଗ୍ରୀ ଜବତ କରାଯାଇଛି । ଏହି ଘଟଣାରେ ୨ ଜଣଙ୍କୁ ଥାନାରେ ଅଟକ ରଖାଯାଇ ପଚରାଉଚୁରା ଚାଲିଛି ।

## ‘ରୁଦ୍ରାଣୀ’ରେ ଝିଲିକଙ୍କ ନୂଆ ଅବତାର

ଭୁବନେଶ୍ୱର, ୦୭/୦୨ (ନି.ପ୍ର): ସତ୍ୟର ସନ୍ଧାନ ପାଇଁ ଅଭିନେତ୍ରୀ ଝିଲିକଙ୍କ ନୂଆ ଅବତାର । ପ୍ରକୃତ ସତ୍ୟ ସବୁବେଳେ ମିଛର ଆବରଣରେ ଥାଏ । ସତ୍ୟ ଉନ୍ମୋଚନ ପାଇଁ ମିଛ ଆବରଣକୁ ଖୋଲି ବାହାର କରିବାକୁ ପଡିବ । ସେମିତି ସତ୍ୟର ଲୋକଲୋଚନକୁ ଆଣିବାକୁ ରୁଦ୍ରାଣୀକୁ ନୂଆ ଅବତାର ନେବାକୁ ପଡେ । ଏମିତି ଏକ ଘଟଣାର ପରଦା ଫାସ କରିବା ପାଇଁ ଝିଲିକ ନେଇଛନ୍ତି ନୂଆ ଅବତାର । ଏହା ତାଙ୍କ ଜୀବନର ଶ୍ରେଷ୍ଠ ଅଭିନୟ ବୋଲି ଏକ ସାକ୍ଷାତକାରରେ କହିଛନ୍ତି । ଚଳଚ୍ଚିତ୍ରର ସୁଟିଂ ସରିଥିବାବେଳେ ପୋଷ୍ଟ ପ୍ରଡ଼କ୍ସନ ଜାରି ରହିଛି । ନିର୍ଦ୍ଦେଶକ ମୁରଲୀ କ୍ରିଷ୍ଣାଙ୍କ ସହ ଆଗରୁ ଝିଲିକ,‘ଜଗା ହାତରେ ପଘା’ ଚଳଚ୍ଚିତ୍ର କରିସାରିଛନ୍ତି । ତେବେ ଏହି ଚଳଚ୍ଚିତ୍ରର ସଂଳାପ ରଚନା ଡ଼. ରଜନୀ ରଞ୍ଜନ, ସଂଗୀତ ନିର୍ଦ୍ଦେଶନା ପ୍ରେମ ଆନନ୍ଦ, କ୍ୟାମେରା ପରିଚାଳନା ଇଶ୍ୱର ବାରିକ କରିଥିବାବେଳେ କ୍ରିଏଟିଭ ହେଡ଼ ଅଛନ୍ତି ପ୍ରଣୟ ଜେଠୀ । ନାରୀକୈନ୍ଦ୍ରିକ ଏହି ଚଳଚ୍ଚିତ୍ରରେ ବିଭିନ୍ନ ଭୂମିକାରେ ଅଭିନୟ କରିଛନ୍ତି ମଣ୍ଟୁ, ରୋହିତାଶ, ବାପି ବାବୁ, ବବି ମିଶ୍ର, ପିଣ୍ଟୁ ନନ୍ଦ, ଭିକି ମିଶ୍ର, ଜୀବନ ପଣ୍ଡା, ଇଲୁ ବାନାର୍ଜୀ, ଟିଲୁ, ପ୍ରତିଭା ପଣ୍ଡା, ଶୁଭଙ୍କରୀ, ଅନୁରାଧା, ଗୁଡୁ, ଅମର, ସରୋଜ, ଧରିତ୍ରୀ ଓ ନବଗତା ମୁସ୍କାନ । ଚଳଚ୍ଚିତ୍ରର ପ୍ରଡ଼କ୍ସନ ମ୍ୟାନେଜର ଅଛନ୍ତି ମାନସ ।




## ସନ୍ଦେହ ଜନକ ଅବସ୍ଥାରେ ଘୁରି ବୁଲୁଛନ୍ତି ମହିଳା ସହ ୬ ମାସର ଶିଶୁ ପୁତ୍ର

ବାଲିଆପାଳ, ୦୯/୦୨ (ନି.ପ୍ର): ବାଲିଆପାଳ ଥାନା ଅନ୍ତର୍ଗତ ଗେଙ୍ଗୁଟିଆ ପ୍ରାଥମିକ ବିଦ୍ୟାଳୟ ସମ୍ମୁଖରେ ଆଜି ଅପରାହ୍ନରୁ ଜଣେ ମହିଳା ୬ ମାସର ଶିଶୁ ପୁତ୍ରକୁ ଧରି ରାସ୍ତା କଡରେ ବସିରହିଛନ୍ତି । ମହିଳା ଜଣଙ୍କ ମାନସିକ ଅବସ୍ଥା ଭଲ ନଥିବା ଜଣାପଡୁଥିବା ବେଳେ ସେ ନିଜର ପରିଚୟ ମଧ ଦେଇ ପାରୁନାହାନ୍ତି । ମହିଳାଙ୍କ ହାତରେ ଏକ ଲୁଗା ଗାଂଠିଲି ରହିଛି । ମହିଳା ଜଣଙ୍କ କେତେ ବେଳେ ରାସ୍ତା କଡରେ ଶୋଇପଡୁଥିବା ବେଳେ ଛୋଟ ପିଲାଟି ତାର ମା ଉପରେ ବସି ଏଣେ ତେଣେ ଅନଉଛି । କେତେ ବେଳେ ପିଲାଟି ପାଖରେ ପଡିଥିବା ମାଟି କାଠିକୁ ପାଟିରୁ ପୁରାଉଛି । ଶୀତ ରାତିରେ ଉଭୟ ମହିଳା ଓ ପିଲାଟି ସୁରକ୍ଷିତ ନଥିବା ମନେ କରି ସ୍ଥାନୀୟ କିଛି ଯୁବକ ବାଲିଆପାଳ ଚାଇଲ୍ଡ ଲାଇନ ସମେତ ବାଲିଆପାଳ ପୋଲିସକୁ ଉଦ୍ଧାର ପାଇଁ ଜଣାଇଛନ୍ତି । ତେବେ ଚାଇଲ୍ଡ ଲାଇନ ପକ୍ଷରୁ କେବଳ ପିଲାଟିକୁ ଉଦ୍ଧାର କରାଯାଇ ପାରିବ ବୋଲି କୁହାଯାଇଛି । ଖବର ଲେଖା ହେବା ପର୍ଯ୍ୟନ୍ତ ଗ୍ରାମର ଯୁବକମାନେ ଏହି ମା ଛୁଆକୁ ଏକ ସ୍ଥାନରେ ବସାଇ ରଖିଛନ୍ତି ।



## ବାଇକ ଡିକି ଭାଙ୍ଗି ଟଙ୍କା ଓ ଏଟିଏମ ଲୁଟ

ବାଲିଆପାଳ, ୦୯/୦୨ (ନି.ପ୍ର): ବାଲିଆପାଳ ଥାନା ଅ ଳରେ ଦିନକୁ ଦିନ ଲୁଟେରା ମାନଙ୍କ ପାଦୃଭାବ ବଢିବାରେ ଲାଗିଛି । ଜଣେ ବ୍ୟକ୍ତିଙ୍କର ବାଇକ ଡିକି ଭାଙ୍ଗି ନଗଦ ୪୫ ହଜାର ଟଙ୍କା ଓ ତିନୋଟି ଏଟିଏମ ଲୁଟ ହୋଇଛି । ପରେ ଏହି ଲୁଟେରା ମାନେ ଲଙ୍ଗଳେଶ୍ୱର ର ଏକ ଏଟିଏମରୁ ଉକ୍ତ ଏଟିଏମ ଯୋଗେ ୧୦ ହଜାର ଟଙ୍କା ଉଠାଇ ନେଇଥିବା ନେଇ ବାଲିଆପାଳ ଥାନାରେ ଲିଖିତ ଅଭିଯୋଗ ହୋଇଛି ।ଅଭିଯୋଗ ମୁତାବକ ବାଲିଆପାଳ ଥାନା ପାରୁଳିଆଗ୍ରାମର ବ୍ୟୋମକେଶ ମହାନ୍ତି ବାଲିଆପାଳ କୋପେରିଟିଭ ବ୍ୟାଙ୍କରୁ ୪୫ ହଜାର ଟଙ୍କା ଉଠାଇ ସ୍କୁଟି ଡିକିରେ ରଖିଥିଲେ ।ଘରକୁ ଯିବା ରାସ୍ତାରେ ପାରୁଳିଆଛକ ନିକଟରେ ଥିବା ରାଧାକୃଷ୍ଣ ମନ୍ଦିର ସମ୍ମୁଖରେ ସ୍କୁଟି ରଖି ମନ୍ଦିର ଭିତରକୁ ଯାଇଥିଲେ । ଅଳ୍ପ ସମୟ ପରେ ମନ୍ଦିରରୁ ଫେରି ଦେଖିଲାବେଳକୁ ସ୍କୁଟି ଡିକିରେ ଥିବା ନଗଦ ୪୫ ହଜାର ଟଙ୍କା ତିନୋଟି ଏଟିଏମ ଓପାଶବୁକ ଚୋରି ହୋଇଯାଇଥିବା ଦେଖିବାକୁ ପାଇଥିଲେ । ବ୍ୟୋମକେଶ ସ୍ଥାନୀୟ ଲୋକମାନଙ୍କୁ ପଚରା ଉଚୁରା କରିବା ସହ ବ୍ୟାଙ୍କକୁ ଯାଇଥିଲେ । କିଛି ସମୟ ପରେ ଲଙ୍ଗଳେଶ୍ୱର ର ଏକ ଏଟିଏମରୁ ତାଙ୍କର ହେଟବ୍ୟାଙ୍କ ଏଟିଏମରୁ ଆଉ ୧୦ ହଜାର ଟଙ୍କା ଉଠାଇନିଆଯାଇଥିଲା ।ତେବେ ବ୍ୟୋମକେଶ ସମସ୍ତ ଏକାଉଣ୍ଟ କୁ ବନ୍ଦ କରିବା ସହ ବାଲିଆପାଳ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ବାଲିଆପାଳ ଥାନା ଅ ଳରେ ଏହିଭଳି ଘଟଣା ବାରମ୍ବାର ଘଟୁଥିବା ବେଳେ ପୋଲିସ ଏହି ଘଟଣାକୁ ଗୁରୁତର ସହ ନେଇ ତଦନ୍ତକରି ଏହି ଲୁଟେରା ଗ୍ୟାଙ୍ଗର ପର୍ଦ୍ଦାଫାସ କରିବାକୁ ଦାବି ହୋଇଛି ।

## ପ୍ରଦୂଷଣ କମାଇବାକୁ ମନ୍ତ୍ରୀଙ୍କ ସାଇକେଲରେ ପ୍ରଚାର

ଖଇରା,୦୯/୦୨ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକରେ ଗଳିକନ୍ଦିରେ ଦଳଦଳ ନେତା ଓ ତାଙ୍କର ସମର୍ଥକ ମାନେ ବୁଲି ବୁଲି ପ୍ରଚାର କରୁଥିବା ଦେଖିବାକୁ ମିଳିଛି । ଅସନ୍ତୁଷ୍ଟଙ୍କୁ ମନାଇବାକୁ ଓ ଭୋଟରଙ୍କୁ ନିଜ ସପକ୍ଷରେ ନେବାକୁ ପ୍ରାର୍ଥୀମାନେ କସରତ ଚଲାଇଛନ୍ତି । ଏଭଳି ପରିସ୍ଥିତିରେ ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ କିନ୍ତୁ ସାଇକେଲରେ ବୁଲି ବୁଲି ପ୍ରଚାର କରୁଥିବା ଦେଖିବାକୁ ମିଳିଛି । ମଙ୍ଗଳବାର ଖଇରା ଓ ପଳସାରେ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ସାଇକେଲରେ ବୁଲି ବୁଲି ଭୋଟରଙ୍କ ଭଲମନ୍ଦ ବୁଝିବା ସହ ପୂର୍ବକାମକୁ ମନେ ପକାଇ ଆଉରି ଅଧିକ ବିକାଶ ତାଙ୍କ ପ୍ରାର୍ଥୀ ମାନଙ୍କୁ ଭୋଟ ଦେବାକୁ ନିବେଦନ କରିଥିଲେ । ସକାଳେ ପ୍ରଥମେ ଖଇରା ପଞ୍ଚାୟତରେ ଜିଲା ପରିଷଦ ପ୍ରାର୍ଥୀନୀ ରଶ୍ମିତା ମହାପାତ୍ର,ସରପଞ୍ଚ ପ୍ରାର୍ଥୀନୀ ମାଳତି ସେଠୀ ଓ ସମତିସଭ୍ୟା ପ୍ରାର୍ଥିନୀ ନର୍ମଦା ଦେଓଙ୍କ ସହିତ ବିଭିନ୍ନ ୱାର୍ଡ ବୁଲିବା ସହ ଖଇରା ବଜାର ପରିକ୍ରମା କରିଥିଲେ । ପରେ ସାଇକେଲରେ କର୍ମୀଙ୍କ ସହ ପଳସା ପଞ୍ଚାୟତର ପଳସା,ନଚ୍ଛିପୁର ଗ୍ରାମର ବିଭିନ୍ନ ୱାର୍ଡ ବୁଲି ଭୋଟରଙ୍କୁ ଭେଟିଥିଲେ । ହେଲେ କିଛି ଭୋଟର ପୂର୍ବ ଲୋକପ୍ରତିନିଧିଙ୍କ କାର୍ଯ୍ୟକୁ ନେଇ ଅସନ୍ତୋଷ ପ୍ରକାଶ କରିବା ପରେ ସେ ଏହା ପରଠାରୁ ନିଜେ ପଞ୍ଚାୟତ କଥା ବୁଝିବାକୁ ପ୍ରତିଶୃତି ଦେଇଥିଲେ । ଏଣୁ ତାଙ୍କୁ ଅଧିକ କ୍ରିୟାଶୀଳ କରିବାକୁ ସରପଞ୍ଚ ପ୍ରାର୍ଥୀ ଅଶୋକ ଦାସମହାପାତ୍ର ଓ ସମିତିସଭ୍ୟ ପ୍ରାର୍ଥୀ ରବିନ୍ଦ୍ର ବେହେରାଙ୍କୁ ଜିତାଇବାକୁ ନିବେଦନ କରିଥିଲେ । ସେହିଭଳି ବୁଧବାର ଦିନ ସେ ଜିଲା ପରିଷଦ ପ୍ରାର୍ଥୀ ମାନସ ଦାଶ,ବିଶ୍ୱଭୂଷଣ ପ୍ରଧାନ.ରବିନ୍ଦ୍ର ମହାନ୍ତିଙ୍କ ସହ ସାଇକେଲରେ ଶ୍ୟାମସୁନ୍ଦରପୁର ପଞ୍ଚାୟତ ର ରୁଢିଙ୍ଗିଆ ଗ୍ରାମକୁ ପ୍ରଚାର ଯାଇ ପଥପ୍ରାନ୍ତ ସଭାରେ ନିଜ ବକ୍ତବ୍ୟ ରଖିଥିଲେ । ତାଙ୍କ ସମ୍ମାନ ପାଇଁ ସରପଞ୍ଚ ପ୍ରାର୍ଥୀନୀ ବନିତା ପ୍ରଧାନ ଓ ସମିତିସଭ୍ୟା ପ୍ରାର୍ଥୀନୀ ବାସନ୍ତି ମହାନ୍ତିଙ୍କୁ ଜିତାଇବାକୁ ଅନୁରୋଧ କରିଥିଲେ । ଗାଡିରେ ଭ୍ରମଣ ଯୋଗୁଁ ପ୍ରଦୂଷଣ ବୃଦ୍ଧିର ଆଶଙ୍କା ଥିବାରୁ ଯଥାସମ୍ଭବ ସେ ସାଇକେଲ ପ୍ରଚାରକୁ ଅଧୀକ ଗୁରୁତ୍ୱ ଦେଉଛନ୍ତି ବୋଲି କହିଥିଲେ ।

## ନିର୍ବାଚନୀ ହିଂସା ନେଇ ଥାନାରେ ଏତଲା

ବାଲେଶ୍ୱର,୦୯/୦୨ (ନି.ପ୍ର): ପଞ୍ଚାୟତ ନିର୍ବାଚନ ପାଖେଇ ଆସୁଥିବା ବେଳେ ପ୍ରଚାରକୁ ନେଇ ଜିଲାର ବିଭିନ୍ନ ପଞ୍ଚାୟତରେ ଉଷ୍ଣତା ବଢ଼ିବାରେ ଲାଗିଛି । କେତେକ ସ୍ଥାନରେ ପ୍ରାର୍ଥୀଙ୍କ ସମର୍ଥକମାନେ ହିଂସା ଆଚରଣ କରିବାକୁ ବି ପଛଉ ନାହାନ୍ତି । ଏହି ଭଳି ଏକ ଅଭିଯୋଗ ହୋଇ ଚାନ୍ଦିପୁର ଥାନାରେ । ଏହି ଥାନା ଅନ୍ତର୍ଗତ ହିଡିଗାଁ ପଞ୍ଚାୟତରେ ଜନୈକ ସରପଞ୍ଚ ପ୍ରାର୍ଥୀଙ୍କ ସମର୍ଥକମାନେ ମୁଲଣାନଗର ଶରତ କୁମାର ବେହେରାଙ୍କ ଉପରେ ଆକ୍ରମଣ କରିଥିବା ନେଇ ଅଭିଯୋଗ ହୋଇଛି । ଏନେଇ ପୁଲିସ ତଦନ୍ତ ଆରମ୍ଭ କରିଛି ।

## ଟେମ୍ପୋ ଓଲଟି ୬ ଗୁରୁତର

ନୀଳଗିରି, ୦୯/୦୨ (ନି.ପ୍ର): ୧୯ନଂ. ରାଜ୍ୟରାଜପଥ ସେରଗଡ଼ ଝରଣାଘାଟି ରାସ୍ତା ଭାଲୁକାଶୁଣି ୧୧ନଂ. ପୋଲ ନିକଟରେ ପୂର୍ବାହ୍ନ ପ୍ରାୟ ୧୦ଘଟିକା ସମୟରେ ଏକ ୪ଚକିଆ ଟେମ୍ପୋର ଚକା ଫାଟିଯିବାରୁ ଟେମ୍ପୋରେ ଥିବା ୬ଜଣ ଶ୍ରମିକ ଗୁରୁତର ଆହତ ହୋଇଛନ୍ତି । ସୂଚନାଅନୁଯାଇ ନୀଳଗିରି ବ୍ଲକ ଛତ୍ରପୁର ଅଂଚଳରୁ ଏକ ଚରିଚକିଆ ନଂ. ଓଡି୦୧ଜେଡ୧୩୨୪ ମହେନ୍ଦ୍ର ଟେମ୍ପୋ ରେ କିଛି ସିମେଂଟ ଖୁଂଟ ଓ ବାଲି ବୁରା ଭର୍ତି କରି ୬ଜଣ ଶ୍ରମିକଙ୍କୁ ନେଇ ସେରଗଡ଼ ଅଂଚଳକୁ କାମ କରିବାକୁ ଯାଉଥିଲେ । ତେବେ ଉକ୍ତ ଟେମ୍ପୋଟି ଭାଲୁକାଶୁଣି ୧୧ନଂ. ପୋଲ ପାଖରେ ହଠାତ୍ ପଛଚକା ଫାଟିଯିବାରୁ ଟେମ୍ପୋଟି ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା । ଫଳରେ ଟେମ୍ପୋରେ ବସିଥିବା କେ.ସି.ପୁର ଅଂଚଳର ରତିକାନ୍ତ ଦାସ (୩୮), କାର୍ତିକ ଗିରି (୨୪), ସୋମନାଥ ଶଂଖୁଆଳ (୩୦), ଉଭୟ ଟୁଲୁଙ୍କଡାବ ଗ୍ରାମର ହୋଇଥିବା ବେଳେ ପିଠାହତା ଗ୍ରାମର ଟୁକୁନା, ଡେଙ୍ଗାସାହି ଗ୍ରାମର ମହାଦେବ ଖଡ଼ିକା ଏବଂ ଅନ୍ୟ ଜଣେ ମୋଟ ୬ଜଣ ଶ୍ରମିକ ଗୁରୁତର ଆହତ ହୋଇଥିଲେ । ଘଟଣାସ୍ଥଳରେ ଅଗ୍ନିଶମ ବିଭାଗ ଏବଂ ଆମ୍ବୁଲାନ୍‌ସ ପହଂଚି ଆହତମାନଙ୍କୁ ନୀଳଗିରି ମେଡିକାଲକୁ ଆଣିଥିଲେ । ନୀଳଗିରି ପୋଲିସ ଘଟଣାସ୍ଥଳରେ ପହଂଚି ତଦନ୍ତଆରମ୍ଭ କରିଛନ୍ତି । ଆହତମାନଙ୍କ ମଧ୍ୟରୁ ୩ଜଣ ଗୁରୁତର ଥିବାରୁ ତାଙ୍କୁ ତୁରନ୍ତ ବାଲେଶ୍ୱର ମୁଖ୍ୟଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି । ଅନ୍ୟ ତିନିଜଣ ନୀଳଗିରି ମେଡିକାଲରେ ଚିକିତ୍ସିତ ହେଉଥିବା ସୂଚନା ମିଳିଛି ।



## ବାହାବଳପୁରରେ ବିଜେପିର ମାରାଥନ ପ୍ରଚାର

ବାଲେଶ୍ୱର,୦୯/୦୨ (ନି.ପ୍ର): ବାଲେଶ୍ୱର ସଦର ବ୍ଲକ ଅନ୍ତର୍ଗତ ବାହାବଳପୁର ପଞ୍ଚାୟତ ଠାରେ ସଦର ନିର୍ବାଚନ ମଣ୍ଡଳୀ ନେତା ତଥା ରାଜ୍ୟ ବିଜେପି ଯୁବମୋର୍ଚ୍ଚା ଉପ ସଭାପତି ମାନସ କୁମାର ଦତ୍ତ ଦଳୀୟ ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରିଛନ୍ତି । ଏହି ଅବସରରେ ଶ୍ରୀ ଦତ୍ତ ଡୋର ଟୁ ଡୋର କ୍ୟାମ୍ପେନିଂ କରି କେନ୍ଦ୍ର ସରକାରର ସ‘ଳତା ଓ ରାଜ୍ୟ ସରକାରର ବି‘ଳତା ସମ୍ପର୍କରେ ଲୋକଙ୍କୁ ଅବଗତ କରାଇଛନ୍ତି । ଶ୍ରୀ ଦତ୍ତ କହିଛନ୍ତି ଗତ ଉପ ନିର୍ବାଚନରେ ବିଜୁ ଜନତା ଦଳ ଯେଉଁ ସବୁ ପ୍ରତିଶୃତି ସାଧାରଣ ଜନତାକୁ ଦେଇଥିଲେ, ତାହା ଆଜି ପାଣିର ଗାର ସଦୃଶ ପ୍ରମାଣିତ ହୋଇସାରିଛି ଓ ଏହାର ଜବାବ ଆଗାମୀ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ଲୋକେ ବାଲାଟ ବୋକ୍ସରେ ଦେବେ । ସେ କହିଛନ୍ତି ରାଜ୍ୟ ସରକାର ବିଭିନ୍ନ ଯୋଜନା ନାମରେ ଲୋକଙ୍କୁ ଭୁଆଁ ବୁଲାଉଥିବା ବେଳେ ପ୍ରକୃତ ହିତାଧିକାରୀ ଏଥିରେ ଉପକୃତ ହୋଇପାରୁନାହାନ୍ତି । କେନ୍ଦ୍ର ସରକାର ପ୍ରଧାନମନ୍ତ୍ରୀ ଆବାସ ଦେଉଥିବା ବେଳେ ଏଠି ରାଜ୍ୟ ସରକାର ସେଥିରେ ନିଜ ନାମର ପୋଷ୍ଟର ମାରି ପ୍ରଚାର କରିବାରେ ବ୍ୟସ୍ତ ଅଛନ୍ତି । ଭାରତର ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଜୀଙ୍କ ଜନକଲ୍ୟାଣକାରୀ ଯୋଜନା ଓ ବିକାଶମୂଳକ କାର୍ଯ୍ୟକୁ ପାଥେୟ କରି ଆଗାମୀ ଦିନରେ ଭାରତୀୟ ଜନତା ପାର୍ଟି ସାଧାରଣ ଲୋକଙ୍କ ପାଖରେ ପହଞ୍ଚିବ ଏବଂ ଆଗାମୀ ପଞ୍ଚାୟତ ନିର୍ବାଚନରେ ଭାରତୀୟ ଜନତା ପାର୍ଟିର ପ୍ରାର୍ଥୀଙ୍କୁ ବିପୁଳ ସଂଖ୍ୟାରେ ଭୋଟ ଦେଇ ଜୟଯୁକ୍ତ କରିବା ପାଇଁ ସଦର ନେତା ଶ୍ରୀ ଦତ୍ତ ନିବେଦନ କରିଛନ୍ତି । ଅନ୍ୟମାନଙ୍କ ମଧ୍ୟର ୨୯ ନଂ ଜିଲ୍ଲା ପରିଷଦ ପ୍ରାର୍ଥୀ ବିଜୟ କୁମାର ନାୟକ, ସରପଞ୍ଚ ପ୍ରାର୍ଥୀ ରାମନାରାୟଣ ଦ୍ୱିବେଦୀ, ସମିତିସଭ୍ୟା ରଶ୍ମିତା ମଣ୍ଡଳ, ମଣ୍ଡଳ ସଭାପତି ବିଜୟ ଦାସ, ମଣ୍ଡଳ ପ୍ରଭାରୀ ଲୋକନାଥ ଭୂୟାଁ, ୱାର୍ଡମେମ୍ବର ପ୍ରାର୍ଥିନୀ ଲକ୍ଷ୍ମୀ ମାଝୀ ଓ ସୁଲୋଚନା ବାରିକ, ବିମଳ ସାହୁ, ଶୁଭ୍ରାଂଶୁ ବାରିକ, ସୁଶୀଲ ମଣ୍ଡଳ, ପ୍ରଦୀପ ନାୟକ, ବିଜୟ ମାଇତି, ମାନସ ମଣ୍ଡଳ, ଲୋକନାଥ ବେରା, ଶଶିକାନ୍ତ ବାରିକ, ରଞ୍ଜିତା ବାରିକ, ପବନ କମିଳା, ଚନ୍ଦନ ନାୟକ, ବବଲୁ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ ।

## ପୌର ନିର୍ବାଚନ ପାଇଁ ସଜବାଜ

ଉଦଳା, ୦୯/୦୨ (ନି.ପ୍ର): ପୌର ନିର୍ବାଚନ ଘୋଷଣା ହେବା ପରେ ବର୍ତ୍ତମାନ ସହର ମାନଙ୍କରେ ଆରମ୍ଭ ହୋଇଛି ପ୍ରସ୍ତୁତି ପର୍ବ । ଏଥର ଲୋକେ ସିଧାସଳଖ ଭୋଟ ଦେଇ ନଗରପାଳଙ୍କୁ ବାଛିବାର ବ୍ୟବସ୍ଥା ଥିବାରୁ ଏହାକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି । ଏହାଦ୍ୱାରା ଯୋଗ୍ୟ ଲୋକ ବଛାହେବେ ଓ ଏଥିରେ ଘୋଡ଼ା ବେପାର ହେବାର ଆଶଙ୍କା କମ ବୋଲି ବୁଦ୍ଧିଜୀବି ମାନେ ମତ ଦେଉଥିବାର ଶୁଣିବାକୁ ମିଳୁଛି । ଉଦଳା ବିଜ୍ଞାପିତ ଅଞ୍ଚଳ ପରିଷଦର ନଗରପାଳ ପଦଟି ମହିଳାଙ୍କ ପାଇଁ ସଂରକ୍ଷିତ ଥିବାରୁ ଅନେକ ପୁରୁଷ ଲୋକ ତାଙ୍କର ସହଧର୍ମିଣୀଙ୍କୁ ନଗରପାଳ ଆସନରେ ବସାଇବା ପାଇଁ ବ୍ୟାକୁଳ ହୋଇ ଉଠିଛନ୍ତି । ଏପରିକି କିଛି ପୁରୁଷ ବୁଲି ବୁଲି ସହର ମଧ୍ୟରେ ଥିବା ଚା ଦୋକାନ, ପାନଦୋକାନ ଓ ଛକ ମାନଙ୍କରେ ନିଜ ସହଧର୍ମିଣୀଙ୍କର ପ୍ରଶଂସା କରିବାରେ ଲାଗିପଡ଼ିଛନ୍ତି । ଫଳରେ ଉଦଳା ସହର ମଧ୍ୟରେ ଏକ ଭିନ୍ନ ସ୍ୱାଦର ବାତାବରଣ ଖେଳି ଯାଇଛି । ଗୋଟା ଚାଉଳରେ ଗଢ଼ା, ସୁନାମୁଣ୍ଡା, ସାକ୍ଷାତ ଲକ୍ଷ୍ମୀ ଇତ୍ୟାଦି ରୂପ ଉପମା ଦେଇ ସ୍ୱାମୀ ମାନେ ନିଜ ସହଧର୍ମିଣୀଙ୍କର ସ୍ତୁତି ଗାନ ଚଳାଇଛନ୍ତି । ଶେଷରେ ବଡ଼ପାଟିରେ ବଖାଣୁଛନ୍ତି ‘ମୋ ସ୍ତ୍ରୀ ଉଦଳା ନଗରପାଳ ପାଇଁ ପୁରା ଫିଟ’ । ପୌର ନିର୍ବାଚନ ସରିବା ପର୍ଯ୍ୟନ୍ତ ଉଦଳା ସହର ମଧ୍ୟରେ ଏପରି ବାତାବରଣ ଲାଗି ରହିବ ବୋଲି ବୁଦ୍ଧିଜୀବି ମାନେ କହୁଛନ୍ତି ।



## ମଥାନୀରେ ବିଜେଡିର ମିଶ୍ରଣପର୍ବ



ବସ୍ତା, ୦୯/୦୨ (ନି.ପ୍ର): ବସ୍ତା ବ୍ଲକ ମଥାନୀ ପଞ୍ଚାୟତ ବଡଖୁଡିଗ୍ରାମରେ ଦେବେନ୍ଦ୍ର ବେହେରାଙ୍କ ବାସଭବନରେ ବିଜେଡିର ମିଶ୍ରଣ ପର୍ବ ଆଜି ଅନୁଷ୍ଠିତ ହୋଇଯାଇଛି । ପୂର୍ବତନ ସରପଞ୍ଚ ନିର୍ମଳା ବେହେରାସଭାପତିତ୍ୱ କରିଥିଲେ । ମୁଖ୍ୟ ଅତିଥିଭାବେ ବିଜେଡି ଜିଲ୍ଲା ସଭାପତି ଇଂ ରବିନ୍ଦ୍ର କୁମାରଜେନା, ବିଧାୟକ ନିତ୍ୟାନନ୍ଦ ସାହୁ, ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ଶ୍ୟାମା ପ୍ରସାଦ ବେହେରା, ବରଦାପ୍ରସନ୍ନ ପଟନାୟକ, ବିରାଜ ସିଂଦେଓ, ପ୍ରଶାନ୍ତ ମଲ୍ଲିକ, ଗକୁଳ ଜେନା, ଜିଲ୍ଲାପରିଷଦ ପ୍ରାର୍ଥୀନି ଦେବିକା ସରେନ, ସରପଞ୍ଚ ପ୍ରାର୍ଥୀ ମମତାରାଣୀ ସିଟ, ସମିତି ସଭ୍ୟ ପ୍ରାର୍ଥୀ ସୁନାରାମ ମାଝୀ, ମଞ୍ଚାସୀନ ହୋଇ ଭୋଟର ମାନଙ୍କୁ ଭୋଟ ପାଇଁ ନିବେଦନ କରିଥିଲେ । ଏହିକାର୍ଯ୍ୟକ୍ରମରେ ପ୍ରତାପ ଜେନା, ପୂର୍ଣ୍ଣଚନ୍ଦ୍ର ବେହେରା, ନଟବର ସିଂ, ଅମର କୁମାର ଗିରି, ପ୍ରିୟନାଥ ପରିଡା, ସମେତ ଏସଏଇଚ ଗ୍ରୁପର ମହିଳା କର୍ମୀ ଯୋଗଦେଇଥିଲେ । ଏହି କାର୍ଯ୍ୟକ୍ରମରେ କୁଶଧଳ, ସୁଦାମ ସଡଙ୍ଗି, ସୁଦାମ ସିଂ, ବିଜୟ କୁମାର ପରିଡା, ଶୁଶାନ୍ତ ମହାପାତ୍ର, ବଳରାମ ଦାସ, ସନ୍ତୋଷ କୁମାର ଦାସ, ଜୀବନ ପାତ୍ର, ସୁରେଶ ମହାଳିକ ମୋଟ ୩୦ଟି ପରିବାର ବିଜେଡି ଦଳରେ ସାମିଲ ହେଲେ ।

## ବିଦା ହେଲେ ବାରିପଦା ଆଇଟିଡିଏ ଯନ୍ତ୍ରୀ ସନ୍ତୋଷ ଦାସ

ବାରିପଦା, ୦୯/୦୨ (ନି.ପ୍ର): ରାଜ୍ୟ ସରକାର ଆଜି ୫ଟି ଫର୍ମୁଲାରେ ୫ଜଣ ଦୁର୍ନିତୀଗ୍ରସ୍ତ ଅଫିସର ଓ ଯନ୍ତ୍ରୀଙ୍କୁ ଚାକିରିରୁ ବାଧ୍ୟତା ମୂଳକ ଅବସର ଦେଇ ବିଦା କରିଥିବା ବେଳେ, ସେଥିମଧ୍ୟରୁ ଜଣେ ଅଛନ୍ତି ବାରିପଦା ଆଇଟିଡିଏ ଅଫିସର ନିଲମ୍ବିତ ହୋଇଥିବା ସହକାରୀ ଯନ୍ତ୍ରୀ ସନ୍ତୋଷ ଦାସ । ଗତ କିଛି ମାସ ତଳେ ଆୟ ବହିର୍ଭୁତ ସମ୍ପତି ଠୁଳ ମାମଲାରେ ଭିଜିଲାନ୍ସ ଜାଲରେ ଛନ୍ଦି ହୋଇ ଜେଲ ଯାଇଥିଲେ । ୨ଦିନ ଧରି ତାଙ୍କର ବିଭିନ୍ନ ଠିକଣାରେ ଭିଜିଲାନ୍ସ ଚଢାଉ କରିଥିବା ବେଳେ ତାଙ୍କ ଘରୁ ୪୧ ଲକ୍ଷ ୭୭ ହଜାର ନଗଦ ଟଙ୍କା ଓ ୬୫୯ ଗ୍ରାମ ସୁନା, ଭୁବନେଶ୍ୱର ଓ ବାଲେଶ୍ୱର ରେ ଥିବା ବହୁତଳ ବିଶିଷ୍ଟ କୋଠା, ନାମିଦାମୀ ପ୍ଲଟ ଓ ଫ୍ଲାଟ, ୪ଚକିଆ ଓ ୨ଚକିଆ ଗାଡି ପ୍ରମୁଖ ବହୁ ସମ୍ପତି ଭିଜିଲାନ୍ସ ଟିମ ଜବତ କରିଥିଲା । ତାଙ୍କର ମୋଟ ଆୟବହିର୍ଭୁତ ସମ୍ପତିର ଆକଳନ ୨କୋଟି ୮୦ ଲକ୍ଷ ୫୬ହଜାର ୮୬୪ ଟଙ୍କା କରାଯାଇଥିଲା । ଶ୍ରୀ ଦାସଙ୍କୁ ରାଜ୍ୟ ସରକାର ଆଦିବାସୀ ଉନ୍ନୟନ ବିଭାଗ ପତ୍ର ସଂଖ୍ୟା ୨୩୧୯୯ ତା ୦୨.୧୨.୨୧ ମୁତାବକ ପିଛିଲା ଭାବେ ତା୨୭.୧୧.୨୧ ରିଖ ଠାରୁ ଚାକିରିରୁ ନିଲମ୍ବିତ କରିଥିଲେ । ପ୍ରକାଶ ଥାଉକି ଭିଜିଲାନ୍ସ ଚଢାଉରେ ରେକର୍ଡ଼ ପରିମାଣର ସମ୍ପତି ଓ ନଗଦ ଅର୍ଥ ସହକାରୀ ଯନ୍ତ୍ରୀ ଶ୍ରୀ ଦାସଙ୍କ ଠାରୁ ଜବତ ହୋଇ ଥିବାରୁ ସାରା ରାଜ୍ୟରେ ଚହଳ ପଡିଥିଲା । ଯନ୍ତ୍ରୀ ସନ୍ତୋଷ ଦାସଙ୍କ ନାମରେ ପୂର୍ବରୁ ମଧ୍ୟ ବାଙ୍ଗିରିପୋଷି ବ୍ଲକରୁ ଚାଉଳ ହଡପ ଘଟଣାରେ ଭିଜିଲାନ୍ସ ମାମଲା ରୁଜୁ ହୋଇ ଥିଲା । ବାରିପଦା ଆଇଟିଡିଏ ଅଫିସରେ ଠିକାଦାର ମାନଙ୍କ ଟଙ୍କା ଜାଲି ଦସ୍ତଖତ କରି ଉଠାଇ ନେବା ଅଭିଯୋଗ ମଧ୍ୟ ବାରିପଦା ଟାଉନ ଓ ସଦର ଥାନାରେ ହୋଇଅଛି । ଡିପାର୍ଟମେଣ୍ଟାଲ କାମରେ ପିସି କାଟି ରଖୁବା , ଜିଏସଟି କାଟି ରଖି ନିଜେ ହଡପ କରିବା ଆଦି ବହୁ ଅଭିଯୋଗ ରାଜ୍ୟର ବିଭିନ୍ନ ବିଭାଗରେ ତଦନ୍ତ ନହୋଇ ପଡିରହିଛି । ନିଲମ୍ବନ ଆଦେଶ ଅନୁସାରେ ଜେଲରୁ ଫେରିବା ପରେ ନିଲମ୍ବିତ ସମୟରେ ବାରିପଦା ମଙ୍ଗଳ ଅଧିକାରୀଙ୍କ କାର୍ଯ୍ୟାଳୟରେ ହାଜିରା ଦେବାକୁ ନିର୍ଦ୍ଦେଶ ଥିଲା । ମାତ୍ର ଆଜି ରାଜ୍ୟ ସରକାର ତାଙ୍କୁ ୫ଟି ରୁଲ ଆଧାର ରେ ଚାକିରୀରୁ ବିଦା କରିଥିବାର ଜଣା ଯାଇଛି ।



❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo